# ଧରିତ୍ରୀ DHARITRI

49 ୪୯

ସମ୍ବଲପୁର, ସୋମବାର, ନଭେମ୍ବର ୨୮/୨୦୨୨ (୧୬ ପୃଷ୍ଠା) | Sambalpur, Monday, November 28/2022 | Page 16 | ₹ 7.00 | ★★

୧୮ଶ ଭାଗ ୩୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 340 | ମୂଲ୍ୟ₹୭/-



DSPL-303

ODISHA NEW OPPORTUNITIES



*Odisha's 3rd flagship Investors' Summit*

## MAKE IN ODISHA CONCLAVE'22

**BHUBANESWAR | 30 NOV-04 DEC | 2022**

*Come & explore the vast investment opportunities in Odisha.*

**Shri Naveen Patnaik**
Hon'ble Chief Minister, Odisha

**30NOV WEDNESDAY**

• Inauguration of the Make in Odisha Conclave 2022 by Hon'ble CM • Cultural Program

**01DEC THURSDAY**

• Plenary Session with Industry Leaders • Country Sessions • Cultural Program

**02DEC FRIDAY**

• Plenary on Skilled-in-Odisha • Plenary on Metal Downstream & Ancillaries • 10 Sectoral Sessions • Cultural Program

**03DEC SATURDAY**

• Plenary on Women Empowerment • Plenary on Transfering School Education for future ready Odisha • Valedictory Session & Cultural Program

**04DEC SUNDAY**

• Exhibition open for public • Mega Cultural Event • Food Court

**COME, JOIN THE JUGGERNAUT**

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media

**Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc

Country Partners: Germany, Japan, Norway




**Register at https://mio.investodisha.gov.in**

**Download MIO Conclave'22 APP**

Scan to register

OIPR-14005/13/0028/2223

# ରଷିକୁଲ୍ୟା ମୁହାଣରେ ଅଲିଭ୍ ରିଡ୍‌ଲେଙ୍କ ମିଳନ ଆରମ୍ଭ

ଗଞ୍ଜାମ,୨୭।୧୧(ଡି.ଏନ.ଏ.)


ଅଲିଭ୍ ରିଡ୍‌ଲେଙ୍କ ମିଳନ ପର୍ବ

ଅଲିଭ୍ ରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ ପରିଚିତ ତଥା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଗଞ୍ଜାମ ଜିଲାର ରଷିକୁଲ୍ୟା ମୁହାଣରେ ସାମୁଦ୍ରିକ କଇଁଛମାନଙ୍କ ମିଳନ ପର୍ବ ଆରମ୍ଭ ହୋଇଛି। ଏ ନେଇ ବନ ବିଭାଗ, ପରିବେଶବିତ୍, ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରବିବାର ବିଭାଗ କର୍ମଚାରୀମାନେ ଗଞ୍ଜାମ ବ୍ଲକ ପୁରୁଣାବନ୍ଧ ରଷିକୁଲ୍ୟା ନଦୀରୁ ବାହାରି କଇଁଛ ସୁରକ୍ଷାକୁ ନେଇ ଗଭୀର ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ପାଟ୍ରୋଲିଂ କରୁଥିବା ସମୟରେ କୂଳଠାରୁ ପ୍ରାୟ ୬ ରୁ ୭ କିଲୋମିଟର ଦୂରତାରେ ଦୁଇ ଯୋଡ଼ା ଅଣ୍ଡିରା ଓ ମାଈ କଇଁଛଙ୍କ ମିଳନ ହେଉଥିବା ନେଇ ଦେଖିବାକୁ ମିଳିଥିବା ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀ ସୂଚନା ଦେଇଛନ୍ତି। ଏଥିସହ ଆସନ୍ତା ଡିସେମ୍ବର ୧୫ ତାରିଖ ବେଳକୁ ବହୁ ସଂଖ୍ୟାରେ ଦଳଦଳ ହୋଇ ସାମୁଦ୍ରିକ କଇଁଛଙ୍କ ମିଳନ ପ୍ରକ୍ରିୟା ସମୁଦ୍ର ମଧ୍ୟରେ ଦେଖିବାକୁ ମିଳିବ। ତେଣୁ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଚଳିତବର୍ଷ ନଭେମ୍ବର ଶେଷ ସପ୍ତାହରେ କଇଁଛଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପରିବେଶବିତ୍‌ମାନେ ଯେଉଁ ପୂର୍ବାନୁମାନ କରିଥିଲେ ତାହା ଠିକ୍ ସମୟରେ ଫଳପ୍ରଦ ହୋଇଛି।

# ୧୨ଜିଲାର କେନ୍ଦୁପତ୍ର ତୋଳାଳିଙ୍କୁ ମିଳିଲା ସହାୟତା ରାଶି

- ଉପନିର୍ବାଚନ ପରେ ବରଗଡ଼ ଜିଲା ତୋଳାଳିଙ୍କୁ ମିଳିବ ସହାୟତା
- ପୁଣିଥରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବି
- ତୋଳାଳିଙ୍କୁ ହଜାରେ, ବନ୍ଧାଳି, ସିଜନାଲ କର୍ମଚାରୀଙ୍କୁ ୧୫୦୦ ଟଙ୍କା

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ରବିବାର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ କର୍ମଚାରୀମାନେ ସହାୟତା ରାଶି ପାଇଛନ୍ତି। ମଧ୍ୟବର୍ତ୍ତିକାଳୀନ ସହାୟତା ଭାବେ ତୋଳାଳି ୧୦୦୦ ଟଙ୍କା ପାଇଥିବାବେଳେ ବନ୍ଧାଳି ଓ ସିଜନାଲ କର୍ମଚାରୀଙ୍କୁ ୧୫୦୦ଟଙ୍କା ଲେଖା ମିଳିଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସହାୟତା ରାଶି ବଣ୍ଟନ କରିଛନ୍ତି। ହିତାଧିକାରୀଙ୍କ ଖାତାକୁ ୪୩ କୋଟି ଟଙ୍କା ଦିଆଯାଇଛି। ଡିବିଟି ଜରିଆରେ ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କ ଖୁସି ହିଁ ତାଙ୍କୁ ସବୁଠାରୁ ଅଧିକ ଦେଇଥାଏ। ଗରିବ ଲୋକଙ୍କ ସହ ସବୁବେଳେ ରହିଛନ୍ତି ଏବଂ ସେମାନଙ୍କ କଲ୍ୟାଣ ପାଇଁ ତାଙ୍କ ଉଦ୍ୟମ ଜାରି ରହିବ। ଉପନିର୍ବାଚନ ଆଚରଣବିଧି ଉଠିବା ପରେ ବରଗଡ଼ ଜିଲାର ତୋଳାଳି ଓ ଅନ୍ୟ କେନ୍ଦୁପତ୍ର କର୍ମଚାରୀମାନଙ୍କୁ ଏହିସବୁ ସହାୟତା ରାଶି ମିଳିବ। କେନ୍ଦୁପତ୍ର ହେଉଛି ଗରିବ ଲୋକର ଦାନାପାଣିର କଥା। ତେଣୁ ତା' ଉପରେ ୧୮% ଜିଏସ୍‌ଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଏହି ଅବସରରେ କେନ୍ଦ୍ର ନିକଟରେ ଦାବି କରିଛି। ପ୍ରଥମ ପର୍ଯ୍ୟାୟରେ ସୋମବାର ନୂଆପଡ଼ା, କଳାହାଣ୍ଡି କୋରାପୁଟ, ନବରଙ୍ଗପୁର, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, କନ୍ଧମାଳ, ବୌଦ୍ଧ, କେନ୍ଦୁଝର, ଦେବଗଡ଼ ଓ ବଲାଙ୍ଗୀର ଆଦି ୧୨ ଜିଲାର ୧୭ ଡିଭିଜନ ଭିତରେ ଆସୁଥିବା ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ କେନ୍ଦୁପତ୍ର ତୋଳାଳି ଏବଂ କର୍ମଚାରୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଜଙ୍ଗଲ ପରିବେଶ ବିଭାଗ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ହିତାଧିକାରୀ ଶାନ୍ତନୁ କୁମାର ଭୋଇ, ଝାରସୁଗୁଡ଼ାର ପୁଷ୍ପଲତା ଭଇଁଷା ଓ ନୂଆପଡ଼ାର ଈଶ୍ୱର ଶବରଙ୍କ ସହ ସହାୟତା ବିଷୟରେ ଆଲୋଚନା କରିଛନ୍ତି। ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଧନ୍ୟବାଦ ଜଣାଇଛନ୍ତି। ପିସିସିଏଫ୍ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି। ତେବେ ଗତ ୨୩ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ଏ ସହାୟତା ରାଶି ପ୍ରଦାନ ନେଇ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖି କେନ୍ଦୁପତ୍ର ଉପରେ ଲାଗୁଥିବା ୧୮ ପ୍ରତିଶତ ଜିଏସ୍‌ଟି ଛାଡ଼ କରିବାକୁ ସେ ଅନୁରୋଧ କରିଛନ୍ତି। ଜିଏସ୍‌ଟି ଲାଗୁ ହେବା ଯୋଗୁ ଗରିବ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଥିବା ସେ ଉଲ୍ଲେଖ କରିଥିଲେ।




# ପ୍ରଥମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ମାଡ଼

## ଅଭିଯୋଗ କଲେ ସ୍କୁଲରୁ ବାହାର କରିଦେବାକୁ ଧମକ ଦେଇଥିଲେ

ବାରିପଦା ଅଫିସ/ଠାକୁରମୁଣ୍ଡା (ଡି.ଏନ୍.ଏ.),୨୭।୧୧

ଜଣେ ପ୍ରଥମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ନିସ୍ଥୁକ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକର ହାତୀବାରି ସେବାଶ୍ରମ ସ୍କୁଲରେ। ଗତ ୧୭ ତାରିଖରେ ଘଟଣାଟି ଘଟିଥିଲା। ଏନେଇ ଅଭିଯୋଗ କଲେ ଛାତ୍ରୀଙ୍କୁ ସ୍କୁଲରୁ ବାହାର କରିଦେବେ ବୋଲି ପ୍ରଧାନ ଶିକ୍ଷକ ଧମକ ଦେଇଥିଲେ। ଏଣୁ ଭୟରେ ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରି ନ ଥିଲେ। ଛାତ୍ରୀଙ୍କ ମାମୁ ଅର୍ଜୁନ ତାମୁଡ଼ିଆ ଘଟଣା ସମ୍ପର୍କରେ ଜାଣିବା ପରେ ଶୁକ୍ରବାର କରଞ୍ଜିଆ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଶନିବାର ଏକ ମାମଲା (ନଂ.୩୩୩/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ୧୭ ତାରିଖରେ ସ୍କୁଲ ପରିସରରେ ନବନିର୍ମିତ ପ୍ରତିମୂର୍ତ୍ତି ଭାଙ୍ଗିଥିବା ଦେଖି ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଉକ୍ତ ଛାତ୍ରୀଙ୍କୁ ପଚାରି ବୁଝିବା ସହ ପ୍ରାର୍ଥନା କ୍ଲାସରେ ସର୍ବସମ୍ମୁଖରେ କାନ ଧରାଇ ମାଡ଼ ମାରିଥିଲେ। ମାଡ଼ ଓ ଗାଳି କରିବାରୁ ଛାତ୍ରୀ ଜଣଙ୍କ ନିଜ ପ୍ୟାଣ୍ଟରେ ପରିସ୍ରା କରି ଦେଇଥିଲେ। ଛାତ୍ରୀ ଜଣକ କିଛିଦିନ ପରେ ପରିବାର ଲୋକଙ୍କୁ କହିବାରୁ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗତ ୨୪ ତାରିଖରେ ଛାତ୍ରୀଙ୍କ ମାମୁ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବାରୁ ପ୍ରଧାନ ଶିକ୍ଷକ ତାଙ୍କୁ ନାଲି ଆଖି ଦେଖାଇଥିଲେ। ଘଟଣାକୁ ନେଇ ବିଭାଗୀୟ ଅଧିକାରୀମାନେ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି କହିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ୨୫ ତାରିଖରେ ଛାତ୍ରୀଙ୍କ ମାମୁ ଥାନା ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜିଲା ମଙ୍ଗଳ ଅଧିକାରୀ ସୁନାରାମ ସିଂ କହିଛନ୍ତି, ଅଭିଭାବକଙ୍କ ଅଭିଯୋଗ ଆଧାରରେ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଯଶିପୁର ବ୍ଲକକୁ ବଦଳି କରାଯାଇଛି। ବିଭାଗୀୟ ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏନେଇ ପ୍ରଧାନ ଶିକ୍ଷକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।







# କ୍ୟାମେରା ପାଖେ ମନ୍ଥର, ପରେ କ୍ଷିପ୍ର



ଯାଜପୁର ଅଫିସ,୨୭।୧୧

## ଦୁର୍ଘଟଣା ରୋକିବ ଏଏନ୍‌ପିଆର୍

- ୧୬ ନମ୍ବର ଏନ୍‌ଏଚ୍‌ର ୨୪ ସ୍ଥାନରେ ଲାଗିଛି କ୍ୟାମେରା
- ୩୫ଟି ଏନ୍‌ଏଚ୍, ୬୦ ଏସ୍‌ଏଚ୍‌ରେ ସ୍ଥାପନ ପ୍ରସ୍ତାବ

ବିଶ୍ୱରେ ଦୁର୍ଘଟଣାଜନିତ ମୃତ୍ୟୁର ପ୍ରାୟ ୧୧% ଭାରତରେ ହେଉଛି। ଓଡ଼ିଶାରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣା ହେତୁ ପ୍ରାୟ ୫ହଜାର ଲୋକଙ୍କ ମୃତ୍ୟୁ ହୋଇଥାଏ। ଏହି କାରଣରୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଇଲେକ୍ଟ୍ରୋନିକ୍ ଏନଫୋର୍ସମେଣ୍ଟ ଟୁ ସେଭ୍ ହ୍ୟୁମାନ୍ ଲାଇଭସ୍ (ଦିଶା) ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୬ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍)ର ଯାଜପୁର ଜିଲା ପାଣିକୋଇଲିଠାରୁ ରାମେଶ୍ୱର ପର୍ଯ୍ୟନ୍ତ ୧୪୦ କି.ମି. ରାସ୍ତାର ୨୪ଟି ସ୍ଥାନରେ ଏଏନ୍‌ପିଆର୍(ଅଟୋମେଟିକ ନମ୍ବର ପ୍ଲେଟ ରିକଗ୍ନାଇଜେଶନ୍) କ୍ୟାମେରା ଲଗାଯାଇଛି। ଦ୍ରୁତଗତିରେ ଯାନବାହନ ଚଳାଚଳ, ବିନା ହେଲମେଟ୍, ଭୁଲ ରାସ୍ତାରେ ଚଳାଇବା ଇତ୍ୟାଦି ଉପରେ ଜରିମାନା ଲାଗୁ କରିବାର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ନିୟନ୍ତ୍ରଣ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ହେଲେ ପ୍ରାୟ ୫ରୁ ୧୦ କି.ମି. ଦୂରତା ମଧ୍ୟରେ ଏହି କ୍ୟାମେରା ସ୍ଥାପନ ହୋଇଥିବାରୁ ଗାଡ଼ିର ଗତିକୁ କେବଳ କ୍ୟାମେରା ନିକଟରେ ନିୟନ୍ତ୍ରଣ କରିଦିଆଯାଉଛି। ପଣେ ପୁଣି କ୍ଷିପ୍ରଗତିରେ ଗାଡ଼ି ଚଳାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଦୁର୍ଘଟଣା ହ୍ରାସ ଲକ୍ଷ୍ୟ ଏଥିରେ ପରାହତ ହେବ ବୋଲି ମତପ୍ରକାଶ ପାଇଛି।

ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ ଉପକରଣ ଏବଂ ସ୍ପିଡ୍ ମାପ କ୍ୟାମେରା ସ୍ଥାପନ କରାଯାଇ ଭୁବନେଶ୍ୱର ସହରର କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ସହିତ ସଂଯୁକ୍ତ ହୋଇଛି। ଏହି ଉପକରଣଗୁଡ଼ିକ ଗାଡ଼ିର ପଞ୍ଜୀକରଣ ନମ୍ବର ସହିତ ମଧ୍ୟ ସଂଯୋଗ କରାଯାଇଛି। ଯେତେବେଳେ ବି ଏକ ଯାନ ନିର୍ଦ୍ଦିଷ୍ଟ ବେଗ ସୀମା ଅତିକ୍ରମ କରି ଗତି କରେ, ସେତେବେଳେ ଉକ୍ତ କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟର ଫଟୋ ଉଠାଇଥାଏ। ସେଥିରେ ଗାଡିର ପଞ୍ଜୀକରଣ ନମ୍ବର ଲେଖାଯାଇଥାଏ। ଉପରୋକ୍ତ ପଞ୍ଜୀକରଣ ନମ୍ବରର ସମ୍ପୂର୍ଣ୍ଣ ସୂଚନା ପାଇବା ପରେ ଗାଡ଼ି ମାଲିକଙ୍କ ନମ୍ବରକୁ ମେସେଜ ଦିଆଯାଇ ଜରିମାନା ଆଦାୟ କରିବାକୁ ପଦକ୍ଷେପ ନିଆଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ସାରା ରାଜ୍ୟରେ ୩୫ଟି ଜାତୀୟ ରାଜପଥର ପ୍ରାୟ ୫୫୭୬.୩୭ କିମି ଏବଂ ୬୦ଟି ରାଜ୍ୟ ରାଜପଥର ୪୭୫୦.୪୭ କିମି ରାସ୍ତାରେ ଥିବା ସମସ୍ତ ବ୍ଲାକ ସ୍ପଟ୍, ଅସୁରକ୍ଷିତ ସ୍ଥାନ ଓ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଏଏନ୍‌ପିଆର୍ କ୍ୟାମେରା ଲଗେଇବାକୁ ପ୍ରସ୍ତାବ ରହିଛି। ଏହିମର୍ମରେ ପରିବହନ ବିଭାଗ ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଗୋପବନ୍ଧୁ ଏକାଡେମୀର ଡାଇରେକ୍ଟର ଜେନେରାଲଙ୍କୁ ସୂଚନା ଦେଇଛନ୍ତି।









ଧରିତ୍ରୀ
DHARITRI
49 ୪୯
ସୋମବାର, ନଭେମ୍ବର ୨୮/୨୦୨୨ | Monday, November 28/2022


# ପ୍ରାଥମିକ ଶିକ୍ଷକଙ୍କ ରଣହୁଙ୍କାର

ଗତ ୨୪ ତାରିଖରୁ ବିଧାନସଭା ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି। ଏଥିସହ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ମଧ୍ୟ ସରଗରମ ହୋଇଉଠିଛି। ନ୍ୟାୟ, ଅଧିକାର ଓ ଦାବିକୁ ନେଇ ପ୍ରତିଦିନ ବିଭିନ୍ନ ସଂଗଠନ ଆନ୍ଦୋଳନ ଚଳାଇଥିବାବେଳେ ପ୍ରତିବାଦ, ବିକ୍ଷୋଭ ମାଧ୍ୟମରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରୁଛନ୍ତି। ତେବେ ରବିବାରର ଚିତ୍ର ଥିଲା ଭିନ୍ନ। ସକାଳୁ ହଜାର ହଜାର ଶିକ୍ଷକ ସହର ଭିତରକୁ ପ୍ରବେଶ କରିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ସେମାନଙ୍କ ରଣହୁଙ୍କାରରେ ପ୍ରକମ୍ପିତ ହୋଇଥିଲା ବିଧାନସଭା ଅଞ୍ଚଳ। ସେମାନଙ୍କ ସହ ଚାଷୀ ଏକତା ମଞ୍ଚ, ଅଲ୍ ଓଡ଼ିଶା ଅଙ୍ଗନଓ୍ବାଡି ଲେଡିଜ୍ ଓ୍ବାର୍କର୍ସ ଆସୋସିଏଶନ, କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁ, ଭାଜପା ମଧ୍ୟ ନିଜ ନିଜର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଏ ରାଜ୍ୟ ସରକାରଙ୍କୁ ତ ଆଉ କିଏ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ହେଲେ ଶିକ୍ଷକଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ ସବୁଠି ସେମାନଙ୍କ ଉପସ୍ଥିତି ଓ ରଣହୁଙ୍କାର ଦେଖିବାକୁ ମିଳିଥିଲା।

## ଦାବି, ପ୍ରତିବାଦ, ବିକ୍ଷୋଭରେ କମ୍ପିଲା ଲୋୟର ପିଏମ୍‌ଜି



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରୁଥିବା ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ । (ଫଟୋ-ମୌସମ)

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ରାଜ୍ୟର ଆର୍ଥିକ ସଙ୍କଟ ସମୟରେ ରାଜ୍ୟ ସରକାରଙ୍କ ସହ ଠିଆ ହୋଇଥିଲେ ଶିକ୍ଷା ସହାୟକ। ଶିକ୍ଷକତା ସହ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ସ୍ୱାର୍ଥ ହାସଲ ପରେ ଏବେ ଏହି ପ୍ରାଥମିକ ଶିକ୍ଷକଙ୍କ ସ୍ୱାର୍ଥର ବଳିଦାନ ଦିଆଯାଇଛି। ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି। ଏଭଳି ଅଭିଯୋଗ ଆଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ପ୍ରାଥମିକ ଶିକ୍ଷକ। ଏହାର ପ୍ରତିବାଦ ସ୍ୱରୂପ ରବିବାର ସାରା ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ନିଜର ହକ୍ ପାଇଁ ରାଜଧାନୀରେ ଏକାଠି ହୋଇ ରାଜ୍ୟ ସରକାରଙ୍କ ଶିକ୍ଷାନୀତିର କଡ଼ା ସମାଲୋଚନା କରିଥିଲେ। ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର ସହ ୩ ଦଫା ଦାବି ରଖିଛନ୍ତି ଶିକ୍ଷକମାନେ। ମହାସଂଘର ସାଧାରଣ ସମ୍ପାଦକ ବଙ୍କିମ ଚନ୍ଦ୍ର ସାଗର କହିଛନ୍ତି, ୩୦ ଜିଲାରୁ ପ୍ରାୟ ୧ ଲକ୍ଷ ୫୫ ହଜାର ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶିକ୍ଷକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜରାସ୍ତାରେ ବସିଲେ ଶିକ୍ଷା ବ୍ୟବସ୍ଥାର ଗତି କେଉଁଆଡ଼କୁ ଯିବ ଜାଣି ମଧ୍ୟ ମୁଖ୍ୟମନ୍ତ୍ରୀ ଚୁପ୍ ରହୁଛନ୍ତି। ଏହାର ଅର୍ଥ ରାଜ୍ୟ ସରକାର ଜାଣି ଜାଣି ପିଲାଙ୍କ ଓ ଶିକ୍ଷକଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସେ କହିଛନ୍ତି, ୨୦୦୧ରୁ ରାଜ୍ୟ ସରକାର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ନାମରେ ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ☞ପୃଷ୍ଠା-୨

## ଫୁଲବାଣୀରେ ସର୍ବନିମ୍ନ ପାରଦ ୯.୫ ଡିଗ୍ରୀ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ସାରା ଓଡ଼ିଶାରେ ଶୀତର ଲହରି ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ୧୦ଡିଗ୍ରୀ ରହୁଛି। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରଭାବ ଅଧିକ ଅନୁଭୂତ ହେଉଛି। ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୫ଡିଗ୍ରୀ ସହ ସବୁଠାରୁ ଥଣ୍ଡା ସହର ରହିଥିଲା। ସେହିପରି ୨୨ଟି ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, କେନ୍ଦୁଝରଗଡ଼ରେ ୧୦, ଦାରିଙ୍ଗବାଡ଼ିରେ ୧୦, ଝାରସୁଗୁଡ଼ା ୧୦.୬, ବାଲେଶ୍ୱର ୧୩.୯, କଟକ ୧୪.୮, ଭୁବନେଶ୍ୱର ୧୪, ଅନୁଗୋଳ ୧୨.୬, ବାରିପଦା ୧୪, ସମ୍ବଲପୁର ୧୩.୫, ସୁନ୍ଦରଗଡ଼ ୧୨, ହୀରାକୁଦ ୧୧.୮, ଭବାନୀପାଟଣା ୧୩, ବଲାଙ୍ଗୀର ୧୩.୫, କୋରାପୁଟ ୧୨.୬, ଟିଟିଲାଗଡ଼ ୧୪, ସୋନପୁର ୧୩.୯, ବୌଦ୍ଧ ୧୪, ଭଦ୍ରକ ୧୪, ବରଗଡ଼ ୧୨.୪, ଦେବଗଡ଼ ୧୧.୫, କେନ୍ଦ୍ରାପଡ଼ାରେ ୧୪.୨ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିଭଳି ଚାନ୍ଦବାଲି ଓ ନୟାଗଡ଼ରେ ୧୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହିଭଳି ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରୁ ବହୁଥିବା ପବନର ପ୍ରଭାବରେ ତାପମାତ୍ରା ହ୍ରାସ ପାଉଛି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ କମିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

**ଆଜିର ସମ୍ପାଦକୀୟ**
ଗୋଟିଏ ଚିନ୍ତା










## ବସେରା ଡିଜାଇନ୍ସର ଏମ୍‌ଡି ଗିରଫ

**ଫ୍ଲାଟ୍ ଦେବା ଆଳରେ ୧.୭୨ କୋଟି ଠକେଇ**

- ଅଭିଯୁକ୍ତା ତଥା ନିର୍ଦ୍ଦେଶିକା ସ୍ତ୍ରୀଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ
- ପୂର୍ବରୁ ଗିରଫ ହୋଇଥିଲେ ମଧ୍ୟସ୍ଥ ସାଜିଥିବା ଜଣେ ବିଲ୍ଡର



ମନୋଜ ପଟ୍ଟନାୟକ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଫ୍ଲାଟ୍ ଦେବାକୁ କହି ବହୁ ଲୋକଙ୍କଠାରୁ ୧.୭୨ କୋଟି ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବସେରା ଡିଜାଇନ୍ସ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ☞ପୃଷ୍ଠା-୨

## ମାର୍ଚ୍ଚ ସୁଦ୍ଧା ସରିବ ନାଟମଣ୍ଡପ ମରାମତି

**ଶ୍ରୀମନ୍ଦିର ନାଟମଣ୍ଡପ ଫାଟ, ଜଗମୋହନ କାମ ଅନୁଧ୍ୟାନ କଲା ଏଏସ୍ଆଇ ବିଶେଷଜ୍ଞ ଟିମ୍**

**ପୁରୀ ଅଫିସ, ୨୭।୧୧**

ଶ୍ରୀମନ୍ଦିର ନାଟମଣ୍ଡପ ବିମରେ ଥିବା ଫାଟ ଓ ଜଗମୋହନର ମରାମତି କାର୍ଯ୍ୟ ରବିବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)ର ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆମିକସ୍‌କ୍ୟୁରି ଏନ୍.କେ. ମହାନ୍ତି, ଆଇଆଇଟି ଚେନ୍ନାଇର ପ୍ରଫେସର ଅରୁଣ ମେନନ୍, ଏଏସ୍ଆଇର ଅତିରିକ୍ତ ଡିଜି ଜାନଭି ଶର୍ମା, ଏଏସ୍ଆଇ ସଂରକ୍ଷକ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ଟିମ୍ ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ଥିବା ଫାଟ ଅନୁଧ୍ୟାନ କରିଛନ୍ତି। ନାଟମଣ୍ଡପର ୪ଟି ପିଲର (ସ୍ତମ୍ଭ) ଏବଂ ବିମ୍ ସମେତ କ୍ୟାପିଟାଲ ବିମ୍‌ଗୁଡ଼ିକର ଦୁର୍ବଳ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ପାଣି ଗଳୁଥିବା ନାଟମଣ୍ଡପ ଓ ଜଗମୋହନ ଛାତ ସ୍ଥିତି ଅନୁଧ୍ୟାନ ପାଇଁ ଖଡ଼ଗପୁର ଆଇଆଇଟିକୁ ଦାୟିତ୍ୱ ଦିଆଯାଇଛି। ତେବେ ୨୦୧୮ ମସିହାରେ ନାଟମଣ୍ଡପ ବିମ୍‌ରେ ଫାଟ ଥିବା ଜଣାପଡ଼ିବା ପରେ ଏହାର ମରାମତି ପାଇଁ ଏଏସ୍ଆଇ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଉଚ୍ଚସ୍ତରୀୟ ଟିମ୍ ଅନୁଧ୍ୟାନ ସମୟରେ ସେହି ଫାଟ ପୂର୍ବରୁ ଯେଭଳି ଥିଲା ତାହା ଏବେ ବି ସେହିଭଳି ରହିଛି ବୋଲି ଜଣାପଡ଼ିଛି। ଖୁବଶୀଘ୍ର ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ଆସନ୍ତା ମାର୍ଚ୍ଚ -ଏପ୍ରିଲ ସୁଦ୍ଧା ଶେଷ କରାଯିବ ବୋଲି ଏଏସ୍ଆଇ ପକ୍ଷରୁ ସୂଚନା ମିଳିଛି।

ଆମିକସ୍‌କ୍ୟୁରିଙ୍କ ସହ ଏଏସ୍ଆଇର ଉଚ୍ଚସ୍ତରୀୟ ଟିମ୍ ଶ୍ରୀମନ୍ଦିର ଯାଇ ଦୁଇଘଣ୍ଟାରୁ ଅଧିକ ସମୟ ଧରି ଶ୍ରୀମନ୍ଦିର ☞ପୃଷ୍ଠା-୨

## ଭୋକିଲା ଶିଶୁଙ୍କୁ ଡ୍ରଗ୍ସ ଦେଇ ଶୁଆଉଛନ୍ତି

**ତାଲିବାନ୍ ଶାସନର ଦ୍ୱିତୀୟ ବର୍ଷରେ କରୁଣ ସ୍ଥିତି**

- ବଞ୍ଚିବା ପାଇଁ ଅଙ୍ଗ ଓ କନ୍ୟାସନ୍ତାନ ବିକିଦେଉଛନ୍ତି

**କାବୁଲ,୨୭।୧୧**

ଆଫଗାନିସ୍ତାନରେ ତାଲିବାନ୍ ଶାସନର ଦ୍ୱିତୀୟ ବର୍ଷ ଚାଲିଥିବାବେଳେ ଲୋକଙ୍କ କରୁଣ ସ୍ଥିତି ସାମ୍ନାକୁ ଆସିଛି। ଲୋକେ ଖାଇବାକୁ ନ ପାଇ ଉପବାସ ରହୁଥିବାବେଳେ ଭୋକିଲା ଶିଶୁଙ୍କୁ ଶୁଆଇଦେବା ଲାଗି ନିଶା ଔଷଧ ବ୍ୟବହାର କରୁଛନ୍ତି। ବଞ୍ଚିବା ପାଇଁ ନିଜ ଶରୀରର ଅଙ୍ଗ ଏବଂ କନ୍ୟାସନ୍ତାନଙ୍କୁ ବିକ୍ରି କରିଦେଇଥିବାର ରିପୋର୍ଟ ପ୍ରକାଶ ପାଇଛି। ଦେଶର ଲକ୍ଷ ଲକ୍ଷ ଲୋକ ଦୁର୍ଭିକ୍ଷର ଦ୍ୱାରଦେଶରେ।

ଆଫଗାନିସ୍ତାନର ହେରାଟ୍ ସହରର ବସ୍ତିରେ ରହୁଥିବା ଅବଦୁଲ ୱାହବଙ୍କ କହିବା ଅନୁଯାୟୀ



ସେମାନଙ୍କ ପାଖରେ ଖାଇବାକୁ କିଛି ନାହିଁ। ପିଲାଏ ଭୋକ ବିକଳରେ ନ ଶୋଇ କାନ୍ଦିବାରୁ ସେ ଔଷଧ ଦୋକାନକୁ ଯାଇ ନିଦ ବଟିକା କିଣିଆଣିଥିଲେ। ପିଲାଙ୍କୁ ଶୁଆଇବା ପାଇଁ ସେ ଏହି ଔଷଧ ବ୍ୟବହାର କରିଥିଲେ ବୋଲି ଗଣମାଧ୍ୟମକୁ କହିଛନ୍ତି। କେବଳ ଅବଦୁଲ ନୁହନ୍ତି, ଉକ୍ତ ବସ୍ତିର ଅନେକ ପରିବାର ଭୋକିଲା ପିଲାଙ୍କୁ ଶୁଆଇବା ଲାଗି ବହୁ ଦିନ ହେଲା ଏହି ତରିକା ଆପଣାଇଥିବା ସ୍ୱୀକାର କରିଛନ୍ତି। ଗୁଲାମ ହଜରତ୍ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

ପ୍ରଭାବଶାଳୀ ଜି୨୦ର ଅଧ୍ୟକ୍ଷତା ଭାରତ ପାଇଁ ଏକ ବଡ଼ ସୁଯୋଗ। ଏହି ଅଧ୍ୟକ୍ଷତା ଅବଧି ଭିତରେ ବିଶ୍ୱର ମଙ୍ଗଳ ପାଇଁ ଭାରତ କାର୍ଯ୍ୟ କରିବା ଜରୁରୀ। -**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ଫୁଟିଗଲା ଫୁଲୁରୀ**
**ଲକ୍ଷେ ଭେଣ୍ଡିଆଙ୍କୁ କାହାକୁ ଦେଇ**
**ଭାର ଘେନିଗଲୁ ସୁନ୍ଦରୀ।**

ସୁନ୍ଦରୀ ଝିଅ ପଛରେ ଅନେକ ପ୍ରଶଂସକ ବା ପ୍ରେମିକଙ୍କ ଧାଡ଼ି ଛୁଟିଥାଏ। ଏପରି ଝିଅକୁ ବିବାହ କରିବା ଲାଗି ପ୍ରତୀକ୍ଷା ଫସର ଫାଟିବା ପରେ ସେ ଜଣଙ୍କୁ ହିଁ ଯଥାର୍ଥରେ ବିବାହ କରିବା ଦେଖି ତାହା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଫୁଲ ବାସନ୍ତୁ, କଥା ରସନ୍ତୁ**
**କଥା ରହିଗଲା, ଦିନ ଦଶକୁ।**

ସୁଗନ୍ଧଯୁକ୍ତ ଫୁଲ ମନକୁ ମୁଗ୍ଧ କରିଦେଇଥାଏ। ରସଯୁକ୍ତ କଥା ବା ରସିକିଆ କଥା ମନକୁ କିଣି ନେଇଥାଏ। ସେହିପରି କିଛି ଘଟଣା ବା କଥା ମନ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଘର କରି ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭାଜପାକୁ ସର୍ବାଧିକ କର୍ପୋରେଟ୍ ଚାନ୍ଦା ଗୁଜରାଟରୁ ମିଳିଛି

**ଏଡିଆର୍ ରିପୋର୍ଟ**

ADR Association for Democratic Reforms

**ନୂଆଦିଲ୍ଲୀ,୨୭।୧୧(ପି.ଟି.)**

୨୦୧୭ରୁ ୨୦୨୧ ମଧ୍ୟରେ ଗୁଜରାଟରୁ ଭାଜପା ସର୍ବାଧିକ କର୍ପୋରେଟ ଚାନ୍ଦା ପାଇଛି। ଏହି ଚାନ୍ଦା ପରିମାଣ କଂଗ୍ରେସ ପାଇଥିବା ଚାନ୍ଦାର ୧୬ ଗୁଣ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ରବିବାର ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଗୁଜରାଟର ୧,୫୭୧ ଦାତାଙ୍କଠାରୁ ମୋଟ ୧୭୪.୦୬ କୋଟି ଟଙ୍କାର କର୍ପୋରେଟ୍ ଚାନ୍ଦା ଭାଜପା, କଂଗ୍ରେସ, ଏଏପି ଏବଂ ଏସ୍‌କେଏମ୍‌କୁ ମିଳିଛି। ସେଥିରୁ କେବଳ ଭାଜପାକୁ ୧,୫୧୯ ଦାତାଙ୍କଠାରୁ ୧୬୩.୫୪ କୋଟି ଟଙ୍କା ମିଳିଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟ ପକ୍ଷରେ କଂଗ୍ରେସ ଏହି ସମୟରେ ମାତ୍ର ୧୦.୪୬ କୋଟି ଟଙ୍କା କର୍ପୋରେଟ ଚାନ୍ଦା ପାଇଥିବା ଜଣାପଡ଼ିଛି। ଗୁଜରାଟରେ ନୂଆ ଦଳ ଭାବେ ଉଭା ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ୫ ବର୍ଷରେ ମୋଟ ୩.୨ ଲକ୍ଷ ଟଙ୍କା କର୍ପୋରେଟ୍ ଚାନ୍ଦା ମିଳିଥିବାବେଳେ ୨୦୧୭-୨୦ରେ ଆଦୌ ଚାନ୍ଦା ପାଇନାହିଁ।

ରିପୋର୍ଟ ଅନୁଯାୟୀ ଗତ ୫ ବର୍ଷରେ ବିଭିନ୍ନ ରାଜନୈତିକ ଦଳଙ୍କୁ ମୋଟ ୪,୦୧୪.୫୮ କୋଟି ଟଙ୍କାର କର୍ପୋରେଟ ଚାନ୍ଦା ମିଳିଛି। ସେଥିରୁ ଗୁଜରାଟରୁ ଆସିଥିବା ଚାନ୍ଦା ପରିମାଣ ୪.୩୪ ପ୍ରତିଶତ ବା ୧୭୪.୦୬ କୋଟି ଟଙ୍କା। ରାଜନୈତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉଭୟ ଜାତୀୟ ଏବଂ ଆଞ୍ଚଳିକ ଦଳଗୁଡ଼ିକ ମୋଟ ୧୨,୭୪୫.୬୧ ଚାନ୍ଦା ସଂଗ୍ରହ କରିଥିବା ସେମାନଙ୍କ ବାର୍ଷିକ ଅଡିଟ୍ ରିପୋର୍ଟରେ ଘୋଷଣା କରିଛନ୍ତି। ସେଥିରୁ ୮ ଜାତୀୟ ଦଳ ପାଇଥିବା ଚାନ୍ଦା ପରିମାଣ ୧୦,୪୭୧.୦୪ କୋଟି ଟଙ୍କା ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି।

# ଏଏସ୍‌ଓଙ୍କଠାରୁ ଠକିନେଲେ ୨୭ ଲକ୍ଷ

## ଲୋନ୍ ଦେବା ଆଳରେ ସାଇବର ଠକେଇ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଓଡ଼ିଶା ସଚିବାଳୟରେ କାର୍ଯ୍ୟ କରୁଥିବା ଜଣେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ)ଙ୍କୁ 'ବଜାଜ୍ ଫାଇନାନ୍ସ'ରୁ ୧୦ଲକ୍ଷ ଟଙ୍କା ଲୋନ୍ ଦେବା ଆଳରେ ୨୬.୮୧ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ମଧ୍ୟପ୍ରଦେଶରୁ ୨ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଧ୍ୟପ୍ରଦେଶ ଗ୍ୱାଲିୟର ଜିଲା ସିରୋଲ ଥାନା ଅଞ୍ଚଳର ଅଙ୍କିତ କୁମାର ସିଂ (୧୯) ଓ ବଲେନ୍ଦ୍ର ସିଂ (୨୪)। ଭାଇଦ୍ୱୟଙ୍କୁ ଗୁରୁବାର ମଧ୍ୟପ୍ରଦେଶରୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁଇଭାଇଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ପୂର୍ବରୁ ଏକାଧିକ ଠକେଇ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଉଭୟଙ୍କୁ ରିମାଣ୍ଡରେ ଆଣି ଠକେଇ ସଂକ୍ରାନ୍ତରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ପୋଲିସ ଯୋଜନା କରୁଥିବା ସୂଚନା ମିଳିଛି। ପୋଲିସ ସୂଚନା ଅନୁଯାୟୀ, ସଚିବାଳୟରେ ଏଏସ୍‌ଓ ଭାବେ କାର୍ଯ୍ୟ କରୁଥିବା ଅଭିଷେକ ହୋତାଙ୍କୁ ଅଭିଯୁକ୍ତ ଦୁଇ ଭାଇ ଫସାଇଥିଲେ। ଗତ ଜୁନରେ ଅଭିଯୁକ୍ତମାନେ ଯୁବତୀଙ୍କ ପରିଚୟ ଦେଇ କଥା ହୋଇଥିଲେ। ସେ ନିଜକୁ ବଜାଜ୍ ଫାଇନାନ୍ସର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଅଭିଯୁକ୍ତମାନେ ୧୦ ଲକ୍ଷ ଟଙ୍କାର ଲୋନ ଦେବାକୁ କହିବାରୁ ଅଭିଷେକ ନେବାକୁ ରାଜି ହୋଇଥିଲେ।

- ■ ମଧ୍ୟପ୍ରଦେଶରୁ ୨ ଭାଇ ଗିରଫ
- ■ ୧୦ ଲକ୍ଷ ଲୋନ ଦେବାକୁ ଦେଇଥିଲେ ପ୍ରତିଶ୍ରୁତି
- ■ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆସିବା ପରେ ଜେଲ୍ ଗଲେ ଅଭିଯୁକ୍ତ

ଏଥିପାଇଁ ପ୍ରଥମେ ୨୫ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ବିଭିନ୍ନ ନମ୍ବରରୁ ଅଭିଷେକଙ୍କୁ ଫୋନ କରି ଇନ୍ସ୍ୟୁରାନ୍ସ ବାବଦରେ ପୁଣି ୪ ଲକ୍ଷ, ପ୍ରୋସେସିଂ ଫି' ପାଇଁ ୪୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହିପରି ୮ଟି ପର୍ଯ୍ୟାୟରେ ଅଭିଷେକଙ୍କଠାରୁ ଅଭିଯୁକ୍ତମାନେ ୨୬ ଲକ୍ଷ ୮୧ ହଜାର ୨୫୦ ଟଙ୍କା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ଅଭିଷେକଙ୍କ ମୋବାଇଲ ନମ୍ବରକୁ ବ୍ଲକ କରିଦେଇଥିଲେ। ଏନେଇ ଗତ ଅଗଷ୍ଟ ୨୫ରେ ଅଭିଷେକଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୩୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଧ୍ୟପ୍ରଦେଶରେ ୨ ଭାଇ ଏହି ଠକେଇ କରୁଥିବା ଜଣାପଡ଼ିବା ପରେ ପୋଲିସ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥିଲା।

**ପ୍ରଥମ ପୃଷ୍ଠାରୁ...**

## ପ୍ରାଥମିକ ଶିକ୍ଷକଙ୍କ ...

ସମସ୍ତ ବିଭାଗରେ ଠିକା ନିଯୁକ୍ତି ଆରମ୍ଭ କରାଯାଇଥିଲା। ନିକଟରେ ୨୦୧୩ ମସିହା ପରଠାରୁ ନିଯୁକ୍ତି ପାଇଥିବା ଠିକା କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରାଯାଇଛି। କିନ୍ତୁ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଏହି ଶିକ୍ଷକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ମାତ୍ର ୧୫୦୦ ଟଙ୍କା ପାରିତୋଷିକ ପାଇ ଯେଉଁମାନେ ରାଜ୍ୟ ସରକାରଙ୍କ ରାଜକୋଷକୁ ଭରଣା କରିବାରେ ସହଯୋଗ କରିଥିଲେ ସେମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ମଧ ସରକାର ବିଚାରକୁ ନିଅନ୍ତୁ ଏବଂ ଅନୁରୂପ ଭାବେ ବର୍ଦ୍ଧିତ ଦରମା ପ୍ରଦାନ କରନ୍ତୁ। ସେହିପରି ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦିଆଯାଉଥିବାବେଳେ ସପ୍ତମ ବେତନ କମିଶନ ଅନୁଯାୟୀ ମାତ୍ର ୨୨୦୦ଟଙ୍କା ଗ୍ରେଡ୍ ପେ'ରେ ଓଡ଼ିଶାର ପ୍ରାଥମିକ ଶିକ୍ଷକଙ୍କୁ ଦରମା ଦିଆଯାଉଛି। ତେଣୁ ଏହି ନିୟମରେ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଅନ୍ୟପଟେ ୨୦୦୫ ମସିହାରୁ ନିଯୁକ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ନୂଆ ପେନ୍‌ସନ ଉଚ୍ଛେଦ କରି ପୁରୁଣା ପେନ୍‌ସନ ନିୟମ ଲାଗୁ କରିବା ପାଇଁ ଦାବିରେ ଦର୍ଶାଯାଇଛି। ତେବେ ଦାବି ପୂରଣ ନ ହେବା ଯାଏ ବିକ୍ଷୋଭ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ମହାସଂଘ ସଭାପତି ମଣ୍ଡଳୀ ସଦସ୍ୟ ସୁଶାନ୍ତ ବେହେରା, ରାଜେଶ ମହାନ୍ତି, ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ମଣ୍ଡଳୀର ବିଭୁ ପ୍ରସାଦ ସାହୁ, ବଙ୍କିମ ଚନ୍ଦ୍ର ସାଗର, ଖଗେନ୍ଦ୍ର ନାଥ ପାଲ ଓ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ସୁରେଶ ପ୍ରଧାନ, ରାମଲାଲ ପଟେଲ ପ୍ରମୁଖ ଉଦ୍‌ବୋଧନ ଦେଇ ଦାବି ରଖିଥିଲେ।

ଅନ୍ୟପକ୍ଷରେ ସିଆଇଟିୟୁ ପକ୍ଷରୁ ମଧ କେତେକ ଦାବି ନେଇ ଆନ୍ଦୋଳନ ଚାଲିଥିବାବେଳେ ରବିବାର ରାଜ୍ୟ ସଭାପତି ସାଥୀ ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଧାରଣାସ୍ଥଳରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ସର୍ବଭାରତୀୟ ସଭାନେତ୍ରୀ ଡ. କେ ହେମଲତା ଯୋଗଦେଇ ଦେଶର ଖାଦ୍ୟ ସୁରକ୍ଷା, ଉତ୍ପାଦନ କ୍ଷମତା, ଗଣତାନ୍ତ୍ରିକ ଧର୍ମ ନିରପେକ୍ଷତା, ସଂଘୀୟ ରାଜନୈତିକ ବ୍ୟବସ୍ଥା ସାମ୍ବିଧାନିକ ଅଧିକାର, ସଂସଦୀୟ ମାନଦଣ୍ଡ ଆଦି ବ୍ୟବସ୍ଥାମାନ ଗଭୀର ଚାପ ମଧ୍ୟରେ ଗତି କରୁଥିବା କହିଥିଲେ। ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ପ୍ରତିହତ କରିବା ପାଇଁ ଆଗାମୀ ଦିନରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍, କୃଷକ-ଶ୍ରମିକ ଐକ୍ୟ ସାରା ଦେଶରେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଆନ୍ଦୋଳନ ଚଳାଇଥିବା ଚାଷୀ ବଞ୍ଚାଅ ଅଭିଯାନ ଅଭିଯୋଗ କରିଛି ଯେ, ଭାଜପା ହିଁ ଚାଷୀଙ୍କ ଅସଲ ଶତ୍ରୁ। କେନ୍ଦ୍ର ସରକାରଙ୍କ ବିରୋଧରେ କେବଳ ବିଧାନସଭାରେ ମତ ତିଆରି ହେଉନାହିଁ, ରାଜରାସ୍ତାରେ ହିଁ ଚାଷୀମାନେ ପ୍ରତିବାଦ କରୁଛନ୍ତି। ଭାଜପା ଚାଷୀଙ୍କୁ ପ୍ରାପ୍ୟ ଦେଲାବେଳକୁ କୁଣ୍ଠାବୋଧ କରୁଛି ବୋଲି ଅଭିଯାନ ନେତା ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ରବିବାର ଅଭିଯାନ ତରଫରୁ ଚାଷୀମାନେ ଶୋଭାଯାତ୍ରା କରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କର୍ପୋରେଟଙ୍କୁ କୋଟି କୋଟି ଟଙ୍କା ଋଣଛାଡ଼ କରି ସରକାରୀ ଚାକିରିଆଙ୍କୁ ମହଙ୍ଗା ଭତ୍ତା, ବୋନସ ଅଜାଡ଼ି ଦେଉଛନ୍ତି। କିନ୍ତୁ ଚାଷୀ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ପାଉ ନାହିଁ। ମନସୌର ଓ ଖେରି ଘଟଣାରେ ଭାରତୀୟ ଜନତା ପାର୍ଟି ଚାଷୀ ହତ୍ୟାକାରୀ ବୋଲି ଭାଜପା ନେତାମାନେ ଭୁଲି ଯାଇଥିବା ଅଭିଯାନର ଅନ୍ୟତମ ନେତା ସଂଗ୍ରାମ କିଶୋର କହିଛନ୍ତି। ଆନ୍ଦୋଳନରେ ଚାଷୀ ସଂଗଠକ ଅକ୍ଷୟ କୁମାର ଦାସ, ବିଜୟ ରଥ, ସୁଶାନ୍ତ ଦାସ, ଚିତ୍ତରଞ୍ଜନ ନନ୍ଦ, ଦୁଃଶାସନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

ଏଥିସହ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ୍ ଆସୋସିଏଶନ ଓ ଭାରତୀୟ ମଜଦୂର ସଂଘ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ମଧ ଆନ୍ଦୋଳନ ଚଳାଇଛନ୍ତି। ୨୦୧୮ ଆନ୍ଦୋଳନରେ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡ଼ିଙ୍କୁ ପୁନଃ ନିଯୁକ୍ତି, ସମସ୍ତଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ଓ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ୧୮ହଜାର ଟଙ୍କା ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ଦରମା ପ୍ରଦାନ, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀ କରାଯାଉ ବୋଲି ସେମାନେ ଦାବି କରି ଆସୁଛନ୍ତି। ସେହିପରି ଅବସରକାଳୀନ ଭତ୍ତା, ମୃତ୍ୟୁ ପରେ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରରୁ ଜଣଙ୍କୁ ଚାକିରି ପ୍ରଦାନ ଦାବିରେ ଧାରଣାରେ ବସିଛନ୍ତି।



ବିଶେଷଜ୍ଞ ଟିମ୍‌ର ଅଧିକାରୀମାନେ କାର୍ଯ୍ୟ ଅନୁଧ୍ୟାନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି।

## ମାର୍ଚ୍ଚ ସୁଦ୍ଧା ସରିବ ...

ନାଟମଣ୍ଡପ ବିମ୍ ଫାଟ ଅନୁଧ୍ୟାନ କରିଥିଲେ। ନାଟମଣ୍ଡପ ବିମ୍‌ରେ ୪ବର୍ଷ ତଳେ ଯେଭଳି ଫାଟ ରହିଥିଲା ଏବେ ବି ସେମିତି ଫାଟ ରହିଥିବା ଦେଖିବାକୁ ପାଇଥିଲେ। ଖୁବ୍‌ଶୀଘ୍ର ଏହାର ମରାମତି କାମ ଆରମ୍ଭ ହେବ। ଦୁଇଟି ପ୍ରକାର ମରାମତି ପାଇଁ ଏଏସ୍‌ଆଇ ପ୍ରସ୍ତାବ ଦେବା ପରେ ଗୋଟିଏ କାର୍ଯ୍ୟକାରୀ ହେବ। କାମ ସମୟରେ କ୍ରାକ୍ ଟ୍ରାନ୍ସମିଟର ଲାଗିବ। ଜଗମୋହନରେ ମଧ ଏଏସ୍‌ଆଇ ପକ୍ଷରୁ ଚାଲିଥିବା କାର୍ଯ୍ୟର ଅନୁଧ୍ୟାନ କରାଯାଇଛି। ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ପାଇଁ ନକ୍ସା ପ୍ରସ୍ତୁତ କରାଯାଉଛି। ଚେନ୍ନାଇ, ବରୋଦା ଏବଂ ଦିଲ୍ଲୀର କେତେଜଣ ବୈଷୟିକ କର୍ମଚାରୀ ଏହି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ନକ୍ସା ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ନାଟମଣ୍ଡପର ୪ଟି ପିଲର ଏବଂ ବିମ୍ ସମେତ କ୍ୟାପିଟାଲ ବିମ୍‌ଗୁଡ଼ିକର ଦୁର୍ବଳ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ପାଣି ଗଳୁଥିବା ନାଟମଣ୍ଡପ ଓ ଜଗମୋହନ ଛାତ ସ୍ଥିତି ଅନୁଧ୍ୟାନ ପାଇଁ ଖଡ଼ଗପୁର ଆଇଆଇଟିକୁ ଦାୟିତ୍ୱ ଦିଆଯାଇଛି। ବୈଷୟିକ କୋର୍ କମିଟି ନିକଟରେ ଖୁବ୍‌ଶୀଘ୍ର ନକ୍ସା ଉପସ୍ଥାପନ କରାଯିବ। କମିଟି ଅନୁମୋଦନ ପରେ ଆର୍ଥିକ ମଞ୍ଜୁରୀ ପାଇଁ ଏଏସ୍‌ଆଇ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ଏଥିସହ ଚେନ୍ନାଇ ଆଇଆଇଟି ପ୍ରଫେସର ଅରୁଣ କୁମାର ମେନନଙ୍କ ମତାମତ ନିଆଯାଇଛି। ନାଟମଣ୍ଡପ ମରାମତି ପୂର୍ବରୁ ଅତ୍ୟାଧୁନିକ ପ୍ରଣାଳୀରେ ଲୋଡ୍ ମିଟର ଲଗାଯାଇ ବିମ୍ ଓ ପିଲରଗୁଡ଼ିକ ଉପରେ ପଡୁଥିବା ଭାର ଆକଳନ କରାଯିବ। ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ କୋଠାବାଡ଼ି ଗବେଷଣା କେନ୍ଦ୍ରର ସହାୟତା ନିଆଯିବ ବୋଲି ସୂଚନା ମିଳିଛି। ବିମ୍ ଓ ପିଲରଗୁଡ଼ିକରେ ଦେଖାଦେଇଥିବା ଫାଟ ନୂଆ କି ପୁରୁଣା ଏବଂ ସେଗୁଡ଼ିକ ନାଟମଣ୍ଡପ ଛାତ ଭାର ସମ୍ଭାଳିବାକୁ ଏବେ ସମର୍ଥ କି ନାହିଁ ସେଥିନେଇ ଆକଳନ କରାଯାଇଛି। ନାଟମଣ୍ଡପ ଛାତ ଓ କାନ୍ଥର କେତେକ ପଥର ଭାଙ୍ଗିରୁଜି ଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ପାଣି ଗଳୁଥିବା ସ୍ଥାନରେ ତରଳ ପଦାର୍ଥ ଦିଆଯାଇ ମରାମତି କରାଯିବ। ଜୟବିଜୟ ଦ୍ୱାର ଏବଂ ଗରୁଡ଼ସ୍ତମ୍ଭ ଛାତରେ ଫାଟ ଥିବା ପୂର୍ବରୁ ଠାବ କରାଯାଇଛି। ନାଟମଣ୍ଡପ ଓ ଜଗମୋହନ ଏବଂ ନାଟମଣ୍ଡପ-ଭୋଗମଣ୍ଡପ ଘର ସଂଯୋଗସ୍ଥଳ ଛାତ ମରାମତି କରାଯିବା ପ୍ରସ୍ତାବ ରହିଛି। ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ଫାଟ ଦେଖାଦେବା ପରେ ୨୦୧୮ ମସିହାରୁ କ୍ରାକ୍ ମିଟର ଜରିଆରେ ଏହାର ସ୍ଥିତି ଅନୁଧ୍ୟାନ କରାଯାଉଛି। ଯେହେତୁ ବିମ୍‌ର ଫାଟ ବାହାରକୁ ସ୍ପଷ୍ଟ ଜଣାପଡୁନାହିଁ, ସେ ଦୃଷ୍ଟିରୁ ଏହି ଫାଟ ଆକାରରେ କେତେ ବଡ଼ ଓ ଏହାର ତୀବ୍ରତା କେତେ ରହିଛି, କେତେ ପରିମାଣରେ ଏହି ଫାଟ ବଢୁଛି ତାହାକୁ କ୍ରାକ୍ ମିଟର ଜରିଆରେ ଅନୁଧ୍ୟାନ କରାଯାଉଛି। ତେବେ ରବିବାର ଉଚ୍ଚସ୍ତରୀୟ ଟିମ୍ ଅନୁଧ୍ୟାନ ପରେ ଫାଟ ପୂର୍ବରୁ ଯେଭଳି ଥିଲା ଏବେ ବି ସେମିତି ରହିଥିବା ସୂଚନା ଦେଇଛନ୍ତି। ନିକଟରେ ଏହାକୁ ନେଇ ଆମିକସ୍‌କ୍ୟୁରିଙ୍କ ରିପୋର୍ଟ ଏବଂ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ପରେ ଏଏସ୍‌ଆଇ ନାଟମଣ୍ଡପ କାମ ଆରମ୍ଭ କରିବାକୁ ଯାଉଛି। ନାଟମଣ୍ଡପରେ ଭାରା ବନ୍ଧା କାମ ଶେଷ ହୋଇଛି। ଅନ୍ୟପକ୍ଷରେ ନାଟମଣ୍ଡପ ପରେ ଜଗମୋହନରେ ଆରମ୍ଭ ହୋଇଥିବା କାର୍ଯ୍ୟ ମଧ ଅନୁଧ୍ୟାନ କରାଯାଇଛି। ଖୁବ୍‌ଶୀଘ୍ର ନାଟମଣ୍ଡପ ସ୍ଥିତି ନେଇ ହାଇକୋର୍ଟଙ୍କୁ ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି।

- ■ ୪ବର୍ଷ ତଳର ବିମ୍ ଫାଟ ପୂର୍ବଭଳି ରହିଛି
- ■ ଖଡ଼ଗପୁର ଆଇଆଇଟିକୁ ସ୍ଥିତି ଅନୁଧ୍ୟାନ ଦାୟିତ୍ୱ
- ■ ଜୟବିଜୟ ଦ୍ୱାର, ଗରୁଡ଼ସ୍ତମ୍ଭ ଛାତରେ ବି ଫାଟ

## ଭୋକିଲା ଶିଶୁଙ୍କୁ ...

ନାମକ ବ୍ୟକ୍ତି ତାଙ୍କ ପକେଟରୁ ଆଲପ୍ରାଜୋଲମ୍ ଟାବ୍‌ଲେଟ୍‌ର ଗୋଟିଏ ଷ୍ଟ୍ରିପ୍ କାଢ଼ି ଦେଖାଇଥିଲେ। ଗୋଟିଏ ରୁଟି ଦାମ୍‌ରେ ୫ଟି ଆଲପ୍ରାଜୋଲମ୍ ମିଳିଯାଉଛି। ଗୁଲାମଙ୍କର ୬ ପିଲା ଥିବାବେଳେ ସେମାନଙ୍କୁ ଶୁଆଇବା ପାଇଁ ସେ ଏହି ଔଷଧ ଦେଉଥିବା କହିଛନ୍ତି।

ଗତବର୍ଷ ଅଗଷ୍ଟରେ ତାଲିବାନ ବିଦ୍ରୋହ ବଳରେ ଆଫଗାନିସ୍ତାନ ଶାସନ କ୍ଷମତା ଅକ୍ତିଆର କରିଥିଲା। ତେବେ ଏହି ନୂଆ ସରକାରଙ୍କୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳି ନ ଥିବାରୁ ବିଦେଶୀ ପାଣ୍ଠି ସହାୟତା ବନ୍ଦ ହୋଇଯାଇଛି। ଫଳରେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବା ସହ ଲୋକଙ୍କ ପାଖରେ କାମ ନାହିଁ। କେବେ କେମିତି କାମ ମିଳିଲେ ଦିନକୁ ୧୦ ଆଫଗାନି (ପ୍ରାୟ ୮୦ ଟଙ୍କା) ମଜୁରି ମିଳିଥାଏ। ସେମାନେ ଖାଦ୍ୟ ଯୋଗାଡ଼ ପାଇଁ କରିଥିବା ଋଣ ପରିଶୋଧ ଲାଗି କିଡ୍‌ନୀ ବିକ୍ରି କରିଦେଉଛନ୍ତି। ଜଣେ ବ୍ୟକ୍ତି ୨,୭୦,୦୦୦ ଆଫଗାନି (୩,୧୦୦ଡଲାର)ରେ କିଡ୍‌ନୀ ବିକିଥିବା କହିଛନ୍ତି। ସେ ଏହି ଅର୍ଥର ଅଧିକାଂଶ ଭାଗ ଋଣ ପରିଶୋଧରେ ବିନିଯୋଗ କରିଛନ୍ତି। ଗୋଟିଏ ରାତିରେ ଖାଇଲେ, ତା' ପରଦିନକୁ ଖାଦ୍ୟ ନାହିଁ। ଗୋଟିଏ କିଡ୍‌ନୀ ବିକି ସେ ନିଜକୁ ଅଧାମଣିଷ ଭଳି ଅନୁଭବ କରୁଥିବା କହିଛନ୍ତି।

ଗରିବ ଆଫଗାନ୍‌ମାନେ କେବଳ ନିଜ ଅଙ୍ଗ ବିକୁନାହାନ୍ତି, ସେମାନେ ଖାଦ୍ୟ ଯୋଗାଡ଼ ପାଇଁ ଶିଶୁକନ୍ୟାଙ୍କୁ ମଧ ବିକ୍ରି କରିଦେଉଛନ୍ତି। ନିଜାମୁଦ୍ଦିନ୍ ନାମକ ବ୍ୟକ୍ତି ତାଙ୍କର ୫ ବର୍ଷର କନ୍ୟାକୁ ଲକ୍ଷେ ଆଫଗାନିରେ ବିକ୍ରି କରିଥିବା କହିଛନ୍ତି। ଶିଶୁକନ୍ୟାର ମୂଲ୍ୟ କିଡ୍‌ନୀ ମୂଲ୍ୟର ଅଧାରୁ କମ୍। ହଜ୍‌ରାତୁଲ୍ଲା ତାଙ୍କ ଶିଶୁକନ୍ୟା ନାଜିଆଙ୍କୁ କାନ୍ଦାହାରର ଜଣେ ପୁଅ ସହ ବିବାହ ପାଇଁ ବିକିଛନ୍ତି। ୧୪ ବର୍ଷ ହେଲେ ପୁଅ ପରିବାର ଝିଅକୁ ନେଇଯିବେ। ଏଥିପାଇଁ ହଜ୍‌ରାତୁଲ୍ଲାଙ୍କୁ ଦୁଇ କିସ୍ତିରେ ଅର୍ଥ ପୈଠ କରାଯାଇଛି। ଏହି ଅର୍ଥକୁ ସେ ଖାଦ୍ୟ ଓ ଔଷଧ କିଣାରେ ବିନିଯୋଗ କରିଥିବା କହିଛନ୍ତି। ଦେଶରେ ୫ ବର୍ଷରୁ କମ୍ ବୟସର ଶିଶୁମାନେ ରୋଗଣା ଓ ଅପପୁଷ୍ଟିର ଶିକାର ହୋଇଥିବା ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ କଟକଣା ଯୋଗୁ ଆଫଗାନିସ୍ତାନ ସ୍ଥିତି ଶୋଚନୀୟ ହେବାରେ ଲାଗିଛି।

## ବସେରା ଡିଜାଇନ୍ସର ...

(ଏମ୍‌ଡି) ମନୋଜ ପଟ୍ଟନାୟକ। ଅଭିଯୁକ୍ତ ମନୋଜଙ୍କୁ ରବିବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇ ମାମଲାରେ ନିର୍ଦ୍ଦେଶକ ସାଜିଥିବା ବିଲ୍ଡର ଅମ୍ରେଶ ଷଡ଼ଙ୍ଗୀଙ୍କୁ ଗତ ଜୁନ୍ ତୃତୀୟ ସପ୍ତାହରେ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ସଂସ୍ଥାର ନିର୍ଦ୍ଦେଶିକା ତଥା ଏମ୍‌ଡି ମନୋଜ ପଟ୍ଟନାୟକଙ୍କ ସ୍ତ୍ରୀ ସୁଚିତ୍ରା ବିଶୋଇ ମଧ ଅଭିଯୁକ୍ତ ଅଛନ୍ତି। ସୁଚିତ୍ରାଙ୍କ ସମେତ ଅନ୍ୟ ନିର୍ଦ୍ଦେଶକଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଖୋଳତାଡ଼ ଜାରି ରଖିଛି। ସୂଚନା ଅନୁଯାୟୀ, ବସେରା ଡିଜାଇନ୍‌ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ମନୋଜ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ସିଜୁଆଠାରେ 'ବସେରା ପ୍ରେସ୍‌କୋ ପ୍ରୋଜେକ୍ଟ'ରେ ଫ୍ଲାଟ୍ ଦେବାକୁ କହି ବହୁ ଲୋକଙ୍କୁ ଠକେଇ ଜାଲରେ ଫଶାଇଥିଲେ। ଜ୍ୟୋତିଶେଖର ପଣ୍ଡା ଓ ତାଙ୍କ ଭାଇ ଶୁଭଶଙ୍କର ଉକ୍ତ ପ୍ରୋଜେକ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍‌କୁ ୪୧ ଲକ୍ଷ ୫୦ ହଜାର ଟଙ୍କାରେ କିଣିବାକୁ ପଞ୍ଜୀକରଣ କରିଥିଲେ। ଏଥିପାଇଁ ୨୦୧୬ ଏପ୍ରିଲ ୧୫ରେ ମାଲିକାନା ଚୁକ୍ତିପତ୍ର ହୋଇଥିଲା। ୨୦୧୭ ଜୁନ ୩୦ରେ ଫ୍ଲାଟ ନଂ.୩୦୬ ଦିଆଯିବାକୁ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଆଲାହାବାଦ୍ ବ୍ୟାଙ୍କର ଓଲ୍ଡ ଷ୍ଟେଶନ ସ୍କୋୟାର ବ୍ରାଞ୍ଚରେ ଉଭୟ ଭାଇ ୩୨ ଲକ୍ଷ ଟଙ୍କାର ଏକ ଗୃହଋଣ କରିଥିଲେ। ବ୍ୟାଙ୍କ ପକ୍ଷରୁ ଋଣ ବାବଦକୁ ବସେରା ଡିଜାଇନ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଆକାଉଣ୍ଟକୁ ୧୮ ଲକ୍ଷ ୫୦ ହଜାର ଟଙ୍କା ପଠାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସଂସ୍ଥା ପକ୍ଷରୁ ଫ୍ଲାଟ୍ ଦିଆଯାଇ ନ ଥିଲା। ଏପରିକି ପଳାଶୁଣୀଠାରେ ଥିବା ଅଫିସ ବନ୍ଦ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ୨୦୨୦ ଫେବୃୟାରୀ ୨ରେ ଏକ ମାମଲା (ନଂ.୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସଂସ୍ଥା ବିଭିନ୍ନ ପ୍ରୋଜେକ୍ଟରେ ଫ୍ଲାଟ ଦେବାକୁ କହି ଏହିପରି ଏକାଧିକ ଲୋକଙ୍କଠାରୁ ୧.୭୨ କୋଟି ଟଙ୍କା ଠକେଇ କରିଛି। ଏସଂକ୍ରାନ୍ତରେ ପୂର୍ବରୁ ମଧ ମାମଲା ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ଦୁର୍ବଳତା ଅପସରିଯିବ ଏବଂ ଧୈର୍ଯ୍ୟ, ପ୍ରଚେଷ୍ଟା ଦିଗରେ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିବ। ସନ୍ତାନଙ୍କ ଅଶାନ୍ତ ମନଦେଖି ନିଜେ ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି।

**ବୃଷ** ଅଜଣା ବ୍ୟକ୍ତିଙ୍କ ସହ ଆକସ୍ମିକ ବନ୍ଧୁତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବା ହେତୁ କେତେକାଂଶରେ ଏକ ପ୍ରକାର ଖୁସି ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି କରିବାର ପ୍ରକ୍ରିୟା ଆରମ୍ଭ କରିବେ। ସାଂସ୍କୃତିକ କାର୍ଯ୍ୟରେ, ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସ୍ଥଳ ବିଶେଷରେ ସଂଯମତାର ଅଭାବ ଓ ଧନହାନି ଦୁଃଶ୍ଚିନ୍ତାର କାରଣ ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ କ୍ଷେତ୍ର ଠିକ୍ ରହିବ।

**କର୍କଟ** ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ଆକସ୍ମିକ ଭାବରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯାତ୍ରା ସ୍ଥଗିତ ରହିଯାଇପାରେ।

**ସିଂହ** କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଅବଶ୍ୟ ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ, ସମୟାନ୍ତରେ ଠିକ୍ ହେବ। ପୂର୍ବ ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବ।

**କନ୍ୟା** ପ୍ରତିକୂଳ ପରିସ୍ଥିତି ଲାଗି ରହିଲେ ମଧ ଆପଣ ପଛକୁ ଫେରିବେ ନାହିଁ ଓ କାର୍ଯ୍ୟ ହାସଲରେ ସମର୍ଥ ହେବେ। ଲକ୍ଷ୍ୟ ପୂରଣ ଦିଗରେ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ଘରୁ ବରାଦ ପାଇ ଭଲ ଭଲ ଜିନିଷ କିଣିବା ସକାଶେ ମନ ବଳାଇବେ।

**ତୁଳା** ନୂତନ ବନ୍ଧୁ ସମ୍ପର୍କ ଆପଣଙ୍କ କାର୍ଯ୍ୟଧାରା ସକାଶେ ସାହାଯ୍ୟ କରିବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଅପରିଚିତଙ୍କ ଆଗମନ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**ବିଛା** ପାରିପାର୍ଶ୍ୱିକ ଅବସ୍ଥା ବଦଳି ଯିବା ସାଙ୍ଗକୁ ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଅବଶ୍ୟ ପାଇବେ। କଳା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ନିଜ ସପକ୍ଷରେ ରାୟ ପ୍ରକାଶ ପାଇବାରେ ଆଶାୟୀ ହେବେ।

**ଧନୁ** କାର୍ଯ୍ୟ ହାନି ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ଅସନ୍ତୋଷର ମାତ୍ରା କ୍ରମଶଃ ବୃଦ୍ଧି ପାଇବ। ଅତି ଦରକାରୀ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମନ ବଳାଇ ପାରନ୍ତି। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡିବେ।

**ମକର** ପ୍ରତିବନ୍ଧକ ମଧ୍ୟରେ ନୂତନ ପ୍ଲଟ, ଯାନବାହନ, ବନ୍ଧୁ ସମ୍ପର୍କ ସ୍ଥାପନର ଯୋଗ ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନଙ୍କ ଗହଣରେ ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆର୍ଥିକ ଅବନତିର ସମୀକ୍ଷା କରିପାରନ୍ତି।

**କୁମ୍ଭ** ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଅନ୍ୟମାନଙ୍କ ସହମତିରେ ମୂଲ୍ୟବାନ ଜିନିଷ କିଣିବାର ସୁଯୋଗ ମଧ ପାଇଯିବେ। ନେତୃତ୍ୱ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମୀନ** ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ଦିଗରେ ପଡ଼ୋଶୀ ସାହାଯ୍ୟ କରିବେ।

ଆଜି ନଭେମ୍ବର ୨୮ ତାରିଖ, ମାର୍ଗଶିର ଶୁକ୍ଳପର ନାଗ / ମନସା / କୁରାଳ ପଞ୍ଚମୀଯୁକ୍ତ ଷଷ୍ଠୀ ସୋମବାର, କୁମ୍ଭକାରଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା, ସୀତା ବିବାହ, ରାଶିନକ୍ଷତ୍ର ଦିବା ଘ.୧୦/୨୯ ମି. ଗତେ, ଶ୍ରବଣା-ମକର, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ.୦୬/୦୬ ଗତେ ଘ.୦୭/୨୮ ମଧ୍ୟେ, ଘ.୦୯/୦୧ ଗତେ, ଘ.୧୧/୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୭/୨୮ ଗତେ, ଘ.୦୮/୫୦ ମଧ୍ୟେ ରାହୁକାଳ।

**ଲକ୍ଷେ ଘର ଗଣ୍ଡା ସମାଜ ବୈଠକ**

ପାଇକମାଲ,(ଡି.ଏନ.ଏ.): ପାଇକମାଲ ବ୍ଲକ ନୃସିଂହନାଥ ମନ୍ଦିର ପରିସରରେ ରବିବାର ଯୁଧିଷ୍ଠିର ଚାନ୍ଦଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜକୁ ଏକ କରି ଆଗକୁ ବଢ଼ିବା ପାଇଁ ବକ୍ତବ୍ୟ ରଖିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ସାମିଲ ହୋଇ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଶରତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।



ସିଆଇଟିୟୁର ୧୫ତମ ରାଜ୍ୟ ସମ୍ମିଳନୀ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ କସ୍ତୁରବା ନାରୀ ମହଲଠାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସଂଘର ପତାକା ଉତ୍ତୋଳନ କରୁଛନ୍ତି। ନିକଟରେ ଅଛନ୍ତି ପୂର୍ବତନ ଏମ୍‌ପି ତଥାଗତ ସତପଥୀ ଏବଂ ଅନ୍ୟମାନେ।

## ଝିଲମିଲା ଗାଁର ଶାନ୍ତିବାଈ
# ଗୋ-ପାଳନ କରିଛି ସ୍ୱାବଲମ୍ବୀ

**ନୂଆପଡ଼ା ଅଫିସ୍,୨୭।୧୧**

ମହିଳା ସଶକ୍ତିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ରୋଜଗାରକ୍ଷମ କରାଯାଉଛି। ସରକାରଙ୍କ ସବୁ ଯୋଜନା ମହିଳାଙ୍କ ପାଖରେ ପହଞ୍ଚି ପାରୁ ନ ଥିବାରୁ ସେମାନେ ନିଜ ଉଦ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନୂଆପଡା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଝିଲମିଲା ଗାଁରେ। ଶାନ୍ତିବାଈ ଶବର (୫୦) କାହା ଉପରେ ନିର୍ଭର ନ କରି ନିଜ ଉଦ୍ୟମରେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି। ଗୋ-ପାଳନ କରି କ୍ଷୀର ବିକ୍ରୟ କରି ପରିବାରର ୫ ସଦସ୍ୟ ହସଖୁସିରେ ଚଳୁଛନ୍ତି। ୧୦ ବର୍ଷ ପୂର୍ବେ ୨୦ଟି ଛେଳି, ମେଣ୍ଢା ଓ କୁକୁଡା ରଖିଥିଲେ। ସେଥିରେ ପରିବାର ଚଳିବା ବହୁତ କଷ୍ଟ ହେଉଥିଲା। ପରିବାରର ଦୁଃଖ କେବେ ଯାଉ ନ ଥିଲା। ହେଲେ ହଠାତ ଏକ ବେମାର ଆସିବାରୁ ଛେଳି ସବୁ ମରିଗଲା। ଦୁଃଖରେ ଭାଙ୍ଗି ପଡି ମନରେ ଏକ ଉପାୟ ଚିନ୍ତା କଲେ। ୨୦ ହଜାର ଟଙ୍କା ଋଣ କରି ଗୋଟିଏ ଜର୍ସି ଗାଈ ଆଣିଲେ। ଗାଈ ଦିନକୁ ୧୦ ରୁ ୧୨ ଲିଟର କ୍ଷୀର ଦେଲା। ସେହି କ୍ଷୀରକୁ ଧରି ଝିଲମିଲା ଗ୍ରାମରୁ ନୂଆପଡା ସହରକୁ ୩ କିଲୋମିଟର ପ୍ରତିଦିନ ଚାଲିଚାଲି ଆସି ବିକ୍ରୟ କରି ଘରକୁ ଫେରି ଯାଉଥିଲେ। ଚାଲି ଯିବା ଦ୍ୱାରା ସମୟ ହେଉ ନ ଥିବାରୁ ଏକ ସ୍କୁଟି କ୍ରୟ କରି ସ୍କୁଟି ସାହାଯ୍ୟରେ ନୂଆପଡାକୁ କ୍ଷୀର ଆଣି ବିକ୍ରୟ କରି ଯାଉଛନ୍ତି। ଗୋଟିଏ ଗାଈର କ୍ଷୀରରେ ଭଲ ଲାଭ ହେବାରୁ ତାଠାରୁ ଅଧିକ ଲାଭ ପାଇବା ପାଇଁ ଇଛା ହେଲା । ହେଲେ ହାତରେ ଟଙ୍କା ନାହିଁ। ବ୍ୟାଙ୍କକୁ ଯାଇ ଋଣ ପାଇଁ ଆବେଦନ କଲେ। କିନ୍ତୁ ବ୍ୟାଙ୍କରେ ଜଣଙ୍କୁ ଋଣ ଦିଆଯିବ ନାହିଁ। ଗ୍ରୁପ ମାଧ୍ୟମରେ ଋଣ ଦିଆଯିବ ବୋଲି କହି ମନା କରି ଦେବାରୁ ଆଉ ଚାରିଟି ମାଇକ୍ରୋ ଫାଇନାସରୁ ଟଙ୍କା ଉଠାଇ ଚାରିଟି ଜର୍ସି ଗାଈ ପୁଣି ଆଣିଲେ। ବର୍ତ୍ତମାନ ୫ ଟି ଗାଈ ସ୍ଥାନରେ ୧୫ଟି ଗାଈ ହେଲାଣି। ପ୍ରତିଦିନ ଭୋର ୪ ଟାରୁ ଉଠି ଗାଈର ଯତ୍ନ ନେବା ସହ ଖାଇବାକୁ ଦେଇ କ୍ଷୀର ବାହାର କରି ସକାଳ ୭ ରୁ ୮ ଟା ଭିତରେ ନୂଆପଡା ସହରକୁ ଆସି ଓମଫେଡରେ ୧୪ ଲିଟର କ୍ଷୀର ଦେଇ ବାକିତକ କ୍ଷୀରକୁ ଘର ଘର ବୁଲି ଦେଇଥାନ୍ତି। ଦିନ ୧୦ ଟାରେ ଘରକୁ ଫେରି ଯାଇ ସବୁତକ ଗାଈକୁ ଜଙ୍ଗଲକୁ ଚରାଇବା ନେଇ ପୁଣି ୩ଟାରେ ଘରକୁ ଆଣି ଖାଇ ସାରି ଗାଈର କ୍ଷୀର ବାହାର କରି ସନ୍ଧ୍ୟା ୬ଟାରେ ନୂଆପଡା ସହରକୁ ଆସି କ୍ଷୀର ଦେଇ ଫେରି ଯାଇ ରାତ୍ରିରେ ଗାଈକୁ ପୁଣି ଖାଇବା ପାଇଁ ଦେଇଥାନ୍ତି। ଶାନ୍ତିବାଈ କହିବାନୁଯାୟୀ- ବ୍ୟାଙ୍କକୁ ଯାଇ ଋଣ ମାଗିଲି ମନାକଲେ। ମାଇକ୍ରୋ ଫାଇନାସ ଦ୍ୱାରା ଚାରିଟି ଋଣ କରି ଗାଈ ଆଣି ବେପାର କରୁଛି। ଭଲ ଲାଭ ହେଉଛି। ହେଲେ ମାସକୁ ମାଇକ୍ରୋ ଫାଇନାସ ଋଣ ସୁଝିବାରେ ଟଙ୍କା ସରି ଯାଉଛି। ସେଥିରେ ପରିବାର ଚଳିବା ସହ ଗାଡିରେ ତେଲ ଭରୁଛି। ବର୍ତ୍ତମାନ ୧୫ଟି ଗାଈ,୧୦ଟି ଛେଳି,୨ଟି ମେଣ୍ଢା ଓ ୨୦ଟି କୁକୁଡା ରହିଛି । ଏ ସମ୍ପର୍କରେ ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ ଟିମନ ବାରାଙ୍କୁ ପଚାରିବାରୁ ଆମେ ଏ ସମ୍ପର୍କରେ ଅବଗତ ନ ଥିଲୁ । ବର୍ତ୍ତମାନ ବ୍ୟାଙ୍କ ମାଧ୍ୟମରେ ଋଣ କରି ଦେଇ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି କହିଥିଲେ।



ଶାନ୍ତିବାଈ ଜଣେ ମହିଳାଙ୍କୁ କ୍ଷୀର ଦେଉଛନ୍ତି।

# ଅଦ୍ଭୁତ ଶିଶୁ ପୁତ୍ର ଜନ୍ମ

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ଥାନା ଅନ୍ତର୍ଗତ ତାସୀଗୁଡା ଗ୍ରାମରେ ଜନ୍ମ ନେଇଛି ଏକ ଅଦ୍ଭୁତ ଶିଶୁ। ସାଧାରଣ ଭାବରେ ଜନ୍ମ ହୋଇଥିଲେ ହେଁ ଶିଶୁ ପୁତ୍ରର ଶାରୀରିକ ଗଠନ ଅସାଧାରଣ ରହିଛି । ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ତାସୀଗୁଡା ଗ୍ରାମର ଗୋପ ମାଝୀଙ୍କ ସ୍ତ୍ରୀ ଗୁରବାରି ଶନିବାର ବିଳମ୍ବିତ ରାତିରେ ନିଜ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଘରେ ପ୍ରସବ ହୋଇଥିଲେ ମଧ୍ୟ ମାଆର ସ୍ୱାସ୍ଥ୍ୟାବସ୍ଥା ଠିକ ରହିଛି । କିନ୍ତୁ ଜନ୍ମଗ୍ରହଣ କରିଥିବା ଶିଶୁପୁତ୍ରର ମୁଣ୍ଡ ସାଧାରଣ ଶିଶୁଠାରୁ ଅଧିକ ବଡ଼ ଥିବା ବେଳେ ଆଖି ଡୋଳା ବାହାରକୁ ବାହାରିଥିବା ଦେଖିବାକୁ ମିଳିଛି। ଶିଶୁର ଓଜନ ୨ କେଜି ୪୦୦ ଗ୍ରାମ ରହିଛି। ତେବେ ଜନ୍ମ ହେବା ପରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡିବାରୁ ପରିବାର ଲୋକେ ସ୍ଥାନୀୟ ଆଶାକର୍ମୀଙ୍କ ସାହାଯ୍ୟରେ ପ୍ରଥମେ ଥୁଆମୁଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁକୁ ଏସଏନସିୟୁରେ ରଖାଯାଇ ଚିକିତ୍ସା ଆରମ୍ଭ ହୋଇଛି।

# ୩୦ ଦାଦନ ଶ୍ରମିକ ଉଦ୍ଧାର

**କୋକସରା/ଗୋଲାମୁଣ୍ଡା, ୨୭।୧୧(ଡି.ଏନ.ଏ.)**



ରବିବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତୁମୁରା ନିକଟରୁ ୩୦ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ଘର କୋକସରା ବ୍ଲକ ମହିମା ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମରେ। ଏହି ଶ୍ରମିକମାନେ ନୂଆପଡା ଜିଲା ହାତିବନ୍ଧାର ଜଣେ ଦାଦନ ଦଲାଲଙ୍କ ପ୍ରଲୋଭନରେ ପଡି ହାଇଦ୍ରାବାଦର ଏକ ଇଟାଭାଟିରେ କାମ କରିବାକୁ ଶନିବାର ରାତିରେ ନିଜ ଗାଁରୁ ଏକ ପିକ୍‌ଅପ୍ ଭ୍ୟାନରେ ଯାଉଥିଲେ। ଯିବା ବାଟରେ ଗୋଲାମୁଣ୍ଡା ବ୍ଲକ ତୁମୁରା ନିକଟରେ ଦଲାଲ ଜଣକ ଜଣ ପିଛା ଅଗ୍ରୀମ ୩୫ ହଜାର ଟଙ୍କା ଦେବାକୁ କହିଥିଲେ। ତେବେ ଟଙ୍କା ଦେଇ ନ ପାରିବାରୁ ଶ୍ରମିକମାନେ ଆଉ ହ୍ରାଇଦାବାଦ ଯାଇ ନ ପାରି ସେଠାରେ ଅଟକି ରହିଥିଲେ। ଏନେଇ କୌଣସି ସୂତ୍ରରୁ ଖବରପାଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କ ସହ କଥା ହୋଇଥିଲେ। ସେ ଘଟଣା ସମ୍ପର୍କରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଓ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସେମାନଙ୍କୁ ଏକ ଗାଡିରେ ଘଣ୍ଟିଗୁଡା ପଠାଇବା ପାଇଁ ବ୍ୟବସ୍ଥା କରିଥିବା ଜଣାପଡିଛି।







ଧରିତ୍ରୀ
DHARITRI
ସୋମବାର, ୨୮ ନଭେମ୍ବର, ୨୦୨୨

“ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ୱଳିତ ରହିବା ଉଚିତ। ତା’ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ।–ଶ୍ରୀମା



# ଗୋଟିଏ ଚିନ୍ତା

ଦେଶ ଏବଂ ଦେଶବାସୀଙ୍କ ଲାଗି ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଗୋଟିଏ ଭାବନା ରହିବା ଦରକାର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୬ ନଭେମ୍ବର ସମ୍ବିଧାନ ଦିବସ ଅବସରରେ ଆହ୍ୱାନ ଦେବା ପରେ ଏକ ନୂଆ ଧରଣର ଆଲୋଚନା ଆରମ୍ଭ ହୋଇଛି। ଗଣତନ୍ତ୍ରର ତିନୋଟି ଅଙ୍ଗ ସ୍ୱତନ୍ତ୍ର ଓ ସ୍ୱାଧୀନ ବୋଲି ଭାରତୀୟ ସମ୍ବିଧାନରେ ଉଲ୍ଲେଖ କରାଯାଇଛି। ସେଗୁଡ଼ିକର କାର୍ଯ୍ୟ ମଧ୍ୟ ସ୍ପଷ୍ଟ ଭାବେ ବର୍ଣ୍ଣନା ହୋଇଛି। କୌଣସି ଅଙ୍ଗ ନିଜ ଲକ୍ଷ୍ମଣରେଖା ଯେଭଳି ଅତିକ୍ରମ କରିପାରିବେ ନାହିଁ ସେହି ଦିଗରେ ପ୍ରାଞ୍ଜଳ ଭାବେ ବୁଝାଇ ଦିଆଯାଇଛି। ଏଭଳି ସ୍ଥିତିରେ ଏହି ଅଙ୍ଗଗୁଡ଼ିକର ଚିନ୍ତାଧାରା ବା ଭାବନା କଦାପି ସମାନ ହେବା ଉଚିତ ନୁହେଁ। ଏହା ବ୍ୟତୀତ ପ୍ରଶ୍ନ ଉଠିପାରେ ଯେ ଯେଉଁ ‘ଗୋଟିଏ ଚିନ୍ତା’ କୁହାଯାଉଛି ତାହାର ମୂଳ ଚିନ୍ତକ କିଏ ହେବେ। ଯଦି ଯୁକ୍ତି କରାଯାଏ ଯେ ଲୋକଙ୍କ ମଙ୍ଗଳ ଓ ଦେଶର ଏକତା ଏକମାତ୍ର ଚିନ୍ତା ହେବା ଦରକାର, ତେବେ ତାହାର ମଧ୍ୟ ଅନେକ ଦିଗ ରହିଛି। ଉଦାହରଣ ସ୍ୱରୂପ ଭାରତର ଅସଂଖ୍ୟ ଗରିବଙ୍କ ସମସ୍ୟାକୁ ଗୋଟିଏ ଭାବନାରେ ସମାଧାନ କରିଦେଇ ହେବ ବୋଲି ବିଶ୍ୱାସ କରିହେଉ ନାହିଁ। ଜଣେ ଚାଷୀର ମଙ୍ଗଳ ଚିନ୍ତା କଲାବେଳକୁ ଅନ୍ୟଜଣେ ସହର ବାସିନ୍ଦା ମଧ୍ୟବିତ୍ତ ନାଗରିକର ଚିନ୍ତା କରିବା ଅସମ୍ଭବ। ସେହିଭଳି ଦେଶର ଅନେକ ଉଡ଼ାଜାହାଜ ପଡ଼ିଆ ଓ ବନ୍ଦରର ମାଲିକ ହୋଇଯାଇଥିବା ବ୍ୟକ୍ତିଙ୍କର ମଙ୍ଗଳ ଚିନ୍ତା କରୁଥିବା ବ୍ୟକ୍ତି କେବେହେଲେ ଏକ କାରଖାନାର ଖଟିଖିଆ ଶ୍ରମିକ କିମ୍ବା ଭୂମିହୀନ କୃଷି ଶ୍ରମିକର ସମସ୍ୟା ଚିନ୍ତା କରିବା କୌଣସି ଭାବେ ସମ୍ଭବପର ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ ଚକ୍ଷୁରେ ସୀମିତ ସତ୍ୟ ଦେଖିଥାଏ। ସମ୍ପୂର୍ଣ୍ଣ ସତ୍ୟ ଯିଏ ଦେଖିଲେ ସେ ହେଲେ ଠାକୁର। ଦୁଃଖର କଥା ଯେ ସ୍ୱୟଂ ଭଗବାନ ଆସି ଭାରତୀୟ ଆଇନ ବ୍ୟବସ୍ଥା, କାର୍ଯ୍ୟପାଳିକା କିମ୍ବା ବିଧାୟକ/ସାଂସଦ ଏପର୍ଯ୍ୟନ୍ତ ହୋଇପାରି ନାହାନ୍ତି। ଏଠାରେ ଖୋଦ୍ ପ୍ରଭୁ ଆସି କଲେଜିୟମ୍ ବ୍ୟବସ୍ଥାରେ ପ୍ରଧାନ ବିଚାରପତି, ପରୀକ୍ଷା ଦେଇ ଆଇଏଏସ୍ ଅଫିସର କିମ୍ବା ନିର୍ବାଚନ ଲଢ଼ି ବିଧାୟକ ବା ସାଂସଦ ହୋଇପାରିବେ ବୋଲି ବିଶ୍ୱାସ ହେଉନାହିଁ। ତାଙ୍କୁ କୌଣସି ଦଳ ଟିକେଟ ମଧ୍ୟ ଦେଇ ନ ପାରେ। କାରଣ ଦଳର ମୁଖ୍ୟ ନେତା ନିଜକୁ ମହାପ୍ରଭୁଙ୍କ ସାମ୍ନାରେ ଦୁର୍ବଳ ଭାବିଲେ ଅସୁବିଧା ହୋଇଯିବ। ସେହିଭଳି କ୍ୟାବିନେଟ ସଚିବ କିମ୍ବା ଭାରତର ପ୍ରଧାନ ବିଚାରପତି କେବେହେଲେ, ନିଜ ବ୍ୟବସ୍ଥା ଭିତରେ, ମହାପ୍ରଭୁଙ୍କୁ ସ୍ଥାନ ଦେବାକୁ ଇଚ୍ଛୁକ ହେବେ ନାହିଁ। ତେଣୁ କୌଣସି ଜଣେ ବ୍ୟକ୍ତିବିଶେଷଙ୍କ ଏଭଳି ଦକ୍ଷତା ନାହିଁ, ଯାହାଦ୍ୱାରା କି ଗୋଟେ ଚିନ୍ତାରେ ଏତେବଡ଼ ଏକ ଦେଶର ସବୁ ବ୍ୟବସ୍ଥା ପରିଚାଳିତ ହୋଇପାରିବ।

ଦେଖିବାକୁ ଗଲେ ୧୫୦ କୋଟି ଜନସଂଖ୍ୟାବିଶିଷ୍ଟ ଭାରତରେ ସର୍ବନିମ୍ନ ୧୫୦ କୋଟି ଚିନ୍ତା ନିଶ୍ଚିତ ଭାବେ ଥିବ। ମୋ ଚିନ୍ତା ମୋ ପାଇଁ ବଡ଼। ଆପଣଙ୍କ ଚିନ୍ତା ଆପଣଙ୍କ ପାଇଁ ବଡ଼। ଆପଣ ମୋ ଚିନ୍ତାକୁ ସ୍ୱୀକାର କରିପାରିବେ ନାହିଁ କିମ୍ବା ମୁଁ ମଧ୍ୟ ଆପଣଙ୍କ ଚିନ୍ତାକୁ ଗ୍ରହଣ ନ କରିପାରେ। ସେଥିପାଇଁ ‘ଗୋଟିଏ ଚିନ୍ତା’ ଏ ଦେଶ ଓ ସମାଜ ପାଇଁ ଅତ୍ୟନ୍ତ ମାରାତ୍ମକ ହେବ। ଏଭଳି ସ୍ଥିତିରେ କିଏ କାହାର କେମିତି ମଙ୍ଗଳ କାମନା କରିବେ ତାହା କୌଣସି ରାଜନୈତିକ ବ୍ୟକ୍ତି କହିପାରିବେ ନାହିଁ। ଉଦାହରଣ ସ୍ୱରୂପ, ଖୋଦ୍ ରାଷ୍ଟ୍ରପତିଙ୍କ ନିଜ ଗ୍ରାମରେ ୨୦୨୨ ମସିହା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା। ଆଜିର ରାଷ୍ଟ୍ରପତି ପୂର୍ବରୁ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ରହିଛନ୍ତି, ଦୀର୍ଘ ୫ ବର୍ଷ ଝାଡ଼ଖଣ୍ଡର ରାଜ୍ୟପାଳ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ତଥାପି ଏହି ଛୋଟିଆ କାର୍ଯ୍ୟଟିଏ କରିପାରି ନ ଥିବା ହେତୁ ନିଜ ଉପରେ ତାଙ୍କର ଭାବନା ନିଶ୍ଚିତ ଭାବେ ନକାରାତ୍ମକ ଦିଗକୁ ଯାଇଥିବ। ସେଥିପାଇଁ ଏହା ମଧ୍ୟ କୁହାଯାଇପାରେ ଯେ, ଧନୀ କିମ୍ବା ଶକ୍ତିଶାଳୀ ଲୋକଙ୍କର ମଧ୍ୟ ବିଭିନ୍ନ ପ୍ରକାର ଚିନ୍ତା ଥାଏ।

ସାଧାରଣ ଭାରତୀୟଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, କେଉଁ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଏଭଳି ମନ୍ତବ୍ୟ ଦେବାକୁ ପସନ୍ଦ କଲେ। ସମ୍ଭବତଃ କେନ୍ଦ୍ର ସରକାରଙ୍କ ‘ଏକ ଦେଶ ଏକ ପତାକା’, ‘ଏକ ରାଷ୍ଟ୍ର ଏକ ଭାଷା’, ‘ଏକ ଦେଶ ଏକ ରାଶନ କାର୍ଡ’ ଆଦି ସ୍ଲୋଗାନ ଓ ପଦକ୍ଷେପ ଧାରାରେ ରାଷ୍ଟ୍ରପତି ବିନା ଚିନ୍ତା କରି ଚାଲିଯାଇଛନ୍ତି। ସମସ୍ତେ ଜାଣନ୍ତି ଯେ, ଭାରତର ରାଷ୍ଟ୍ରପତି ନିଜ ବିବେକ କିମ୍ବା ବୁଦ୍ଧି ଅନୁଯାୟୀ ଭାଷଣ ଦିଅନ୍ତି ନାହିଁ। ରାଜେନ୍ଦ୍ର ପ୍ରସାଦଙ୍କଠାରୁ ଆରମ୍ଭ କରି ଏପିଜେ ଅବଦୁଲ କଲାମଙ୍କ ବାଟ ଦେଇ ଦ୍ରୌପଦୀ ମୁର୍ମୁଙ୍କ ପର୍ଯ୍ୟନ୍ତ ଯେତେ ଭାଷଣ ହୋଇଛି, ସରକାରୀ ସ୍ତରରେ ଅମଲାତନ୍ତ୍ରୀମାନେ ତାହାକୁ ଲେଖିଥାନ୍ତି। ରାଷ୍ଟ୍ରପତିମାନେ କେବଳ ସେହି ଲେଖାଗୁଡ଼ିକୁ ପାଠ କରିଆସିଥାନ୍ତି, ଯାହାଫଳରେ ରାଷ୍ଟ୍ରପତି ପଦବୀକୁ ଯେତେ ସମ୍ମାନ ଦିଆଗଲେ ମଧ୍ୟ ତାହା ଏକ ଆଳଙ୍କାରିକ ପଦବୀ। ସେଥିରେ କିଏ ବସିଲେ କିଏ ଉଠିଲେ ଦେଶବାସୀଙ୍କ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ। ଦ୍ରୌପଦୀ ମୁର୍ମୁଙ୍କ ପଦବୀ ହାସଲ କରିବାରେ ଆମେ ଓଡ଼ିଆ ସମସ୍ତେ ଅତ୍ୟନ୍ତ ଖୁସି। ଆଶା କରିବା ଯେ ଆମ ଗହଣରୁ ଯାଇଥିବା ଏହି ବ୍ୟକ୍ତିତ୍ୱ ଭାରତର ରାଷ୍ଟ୍ରପତି ଭାବେ ନିଜର ସ୍ୱାଧୀନ ଚିନ୍ତାଧାରାକୁ ଲୋକଙ୍କ ସାମ୍ନାକୁ ଆଣି ନିଜର ଗରିମା ପ୍ରମାଣିତ କରିବାକୁ ଚେଷ୍ଟା କରିବେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 1 | 9 | | | |
| 1 | | 9 | | | | | | |
| | | | 4 | | 3 | | | |
| | 4 | | | | | | | |
| 2 | | | 5 | 3 | 1 | 8 | | |
| | 9 | | 2 | | | 5 | | |
| | | 6 | | | | | | 7 |
| 4 | 5 | | 7 | | | | 8 | |
| | 7 | 3 | | 5 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 3 | 7 | 2 | 8 | 9 | 5 | 4 |
| 4 | 8 | 5 | 6 | 3 | 9 | 1 | 2 | 7 |
| 2 | 9 | 7 | 5 | 4 | 1 | 8 | 6 | 3 |
| 5 | 7 | 2 | 1 | 6 | 4 | 3 | 9 | 8 |
| 9 | 4 | 8 | 2 | 5 | 3 | 7 | 1 | 6 |
| 3 | 1 | 6 | 8 | 9 | 7 | 2 | 4 | 5 |
| 8 | 5 | 9 | 3 | 1 | 6 | 4 | 7 | 2 |
| 7 | 2 | 1 | 4 | 8 | 5 | 6 | 3 | 9 |
| 6 | 3 | 4 | 9 | 7 | 2 | 5 | 8 | 1 |

ଗତକାଲିର ଉତ୍ତର



# ଦ୍ୱିତୀୟ ଭଗବାନ୍ ବି ଯମ ହୋଇପାରେ

ସହଦେବ ସାହୁ

ଅକ୍ଟୋବର ୧୯ରେ ଏହି ସ୍ତମ୍ଭରେ ‘ଧବଳଟଗର ଉପରେ କଳା ଆବରଣ’ ଅଗ୍ରଲେଖରେ କଟକ ସହରରେ କେତେକ ଔଷଧ ଦୋକାନୀ ଭେଜାଲ ଔଷଧ ବିକ୍ରି କରି କଟକର ବଦନାମ କରୁଛନ୍ତି ବୋଲି ଦର୍ଶାଇଥିଲି; ତାହା ପଢ଼ି ଆପଣମାନେ ଭାବୁଥିବେ ଓଡ଼ିଶାର ନିରୀହ ଲୋକେ ଏମିତି ଠକିଯାଉଛନ୍ତି। ଦେଶର ରାଜଧାନୀ ଦିଲ୍ଲୀରେ ଏହାଠାରୁ ଗୁରୁତର କାଣ୍ଡ ଘଟୁଛି ବୋଲି ମୁଁ ଦିଲ୍ଲୀରେ ଥିବାବେଳେ ୧୭ ତାରିଖର ଏକ ଖବର ପଢ଼ିଲି– ତିଆରିଠାରୁ ଆରମ୍ଭ କରି ବିତରଣ (ବିକ୍ରି) ପର୍ଯ୍ୟନ୍ତ ସବୁ ସ୍ତର ହାତେଇଥିବା ଏକ ସିଣ୍ଡିକେଟ୍ (ବ୍ୟବସାୟ ଗୋଷ୍ଠୀ) କର୍କଟ ରୋଗୀଙ୍କୁ ଭେଜାଲ ଯୋଗାଉଥିବା ଘଟଣା ଦିଲ୍ଲୀର ପୋଲିସ୍ କମିଶନର (କ୍ରାଇମ୍) ଶ୍ରୀ ଯାଦବ ଧରିଛନ୍ତି, ତହିଁର କର୍ଣ୍ଣଧାର ଜଣେ ଡାକ୍ତର। ରୋଗୀର ଚିନ୍ତାରେ ଦ୍ୱିତୀୟ ଭଗବାନ୍ ମନେ ହେଉଥିବା ଡାକ୍ତର ଜଣକ ରୋଗୀକୁ ସିଧାସଳଖ ଯମପୁରକୁ ପଠାଉଛନ୍ତି! ଶଲ୍ୟଚିକିତ୍ସା ଆଳରେ ରୋଗୀର ବୃକକ୍ ଭଳି ଅଙ୍ଗ ଚୋରି କରିନେବା, ପ୍ରସୂତିର ଚିକିତ୍ସା ଆଳରେ କନ୍ୟାଭ୍ରୂଣ ହତ୍ୟା କରିବା ଆଦି ବାସ୍ତବ ଘଟଣା ହୋଇଗଲାଣି। ଜାଣିଲା ପରେ ମନେହୁଏ ମୁଷ୍ଟିମେୟ ହେଲେ ବି କେତେ ଜଣ ଡାକ୍ତର ପ୍ରଚୁର ଟଙ୍କା ଲାଳସାରେ ଯମ ହୋଇଯାଉଛନ୍ତି। କର୍ମ ଅନୁଯାୟୀ ମଣିଷକୁ ଦଣ୍ଡ ମିଳେ ଓ ସେହି ଦଣ୍ଡ ଭୋଗିବା ଲାଗି ଯମ ହିଁ ମଣିଷକୁ ଯମପୁରକୁ ନେଇଥାଏ: ଏ କଥା ପୁରାଣ ଭିତରେ ରହିଯାଇନାହିଁ, ପଇସା ଲୋଭ ଏବକାର କେତେକ ଡାକ୍ତରଙ୍କୁ ଯମର ଆସିଷ୍ଟାଣ୍ଟ କରିଦେଲାଣି। କେତେକ ପ୍ରବଞ୍ଚକ ଡାକ୍ତରଙ୍କ ଅମାନବୀୟ କାଣ୍ଡ ଯେଉଁ ଲୋକେ ଜାଣିନଥା’ନ୍ତି, ସେମାନେ ଡାକ୍ତରଙ୍କୁ ଦୋଷ ଦିଅନ୍ତି ନାହିଁ, ଭଗବାନ୍‌ଙ୍କ ଉପରେ ସବୁ ସମର୍ପଣ କରିଦିଅନ୍ତି! ଯେଉଁ କତିପୟ ଲୋକେ ଚିକିତ୍ସାରେ ଅବହେଳାକୁ ଦାୟୀ କରନ୍ତି, ସେମାନେ ଚିକିତ୍ସାଳୟ ଓ ସମ୍ପୃକ୍ତ ଚିକିତ୍ସକଙ୍କ ବିରୋଧରେ କୋର୍ଟର ଆଶ୍ରୟ ନିଅନ୍ତି। ଓଡ଼ିଶାର ଉଦାହରଣ ଦେବା ଉଚିତ୍ ହେବ ନାହିଁ। ବିହାରର ଗୋଟିଏ ସଦ୍ୟ ଘଟଣା ଶୁଣିଲେ ଆମେ ଚିହିଙ୍କି ଉଠିବା: ମୂତ୍ରନଳୀ ସଂକ୍ରମଣ ଦୂର କରିବା ପାଇଁ ସର୍ଜରି କରିବା ବାହାନାରେ ବିହାରର ମୁଜାଫରପୁର ସହରର ଡାକ୍ତର ଆର୍. କେ. ସିଂ ଏକ ପ୍ରାଇଭେଟ୍ ନର୍ସିଂହୋମ୍‌ରେ ୩ ସେପ୍ଟେମ୍ବର ୨୦୨୨ରେ ୩୮ ବର୍ଷୀୟା ସୁନୀତା ଦେବୀଙ୍କ ଶରୀରରୁ ବୃକକ କାଢ଼ି ନେଇଛନ୍ତି। ସେ ଡାକ୍ତର ନିଜ କିଡ୍‌ନୀ ମୋତେ ଦିଅନ୍ତୁ ବୋଲି ଏବେ ଡାୟାଲିସିସରେ ଥିବା ସୁନୀତା ସରକାରଙ୍କ ନିକଟରେ ଅର୍ଜି କରିଛି। ଡାକ୍ତର ସିଂ ଲୁଚିଛନ୍ତି କେଉଁଠି ଜଣାନାହିଁ। ଦିଲ୍ଲୀର ଘଟଣା ଜଣାଏ କିପରି ପାଠଶାଠ ପଢ଼ିଥିବା ଲୋକ ବି ଭଲ ଔଷଧର ଛାପ ଦେଖି କେବେ ସନ୍ଦେହ କରିନପାରି ନକଲି ଔଷଧର କ୍ୟାପ୍‌ସୁଲ୍ କିଣୁଛି। କର୍କଟ ରୋଗର ଚିକିତ୍ସା ପାଇଁ ଯେଉଁସବୁ ଔଷଧ ସୁପାରିସ କରାଯାଏ, ସେଗୁଡ଼ିକ ଭିତରେ ଅଛି (୧) ଅଷ୍ଟ୍ରାଜେନେକା କମ୍ପାନୀର ଟାଗ୍ରିସୋ ୮୦ ମିଲିଗ୍ରାମ ବଟିକା, (୨) ବିକନ୍ ଫର୍ମାର ଟାଗ୍ରିକ୍ସ ୮୦ ମି.ଗ୍ରା., (୩) ଇନ୍‌ସେପ୍ଟା ଫର୍ମାର ଓସିସେଣ୍ଟ ୮୦ ମି.ଗ୍ରା., (୪) ଏଭେରେଷ୍ଟ ଫର୍ମାର ଓଲାନିବ୍ ୧୫୦ ମି.ଗ୍ରା., ପାଲବକ୍ସେନ୍ ୧୨୫ ମି.ଗ୍ରା., ଓସିମର୍ଟ



୮୦ ମି.ଗ୍ରା., ପାଲବୋସେଣ୍ଟ ୧୨୫ ମି.ଗ୍ରା., ଓ ଭେଣ୍ଟୋକ୍ସେନ ୧୦୦ ମି.ଗ୍ରା.। ସେଗୁଡ଼ିକର ନକଲି ବା ଭେଜାଲ୍ କରି ଅଧା ଦରରେ ବିକୁଥିଲା ଏକ ସିଣ୍ଡିକେଟ୍। ଚାଇନାର ହୁବେଇ ବିଶ୍ୱବିଦ୍ୟାଳୟରୁ ଏମ୍‌ବିବିଏସ୍ ପରେ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ ଏଗ୍‌ଜାମିନେସନ୍ ପାସ୍ କରି ପବିତ୍ର ମୋହନ ପ୍ରଧାନ ଯଥାକ୍ରମେ ଦିଲ୍ଲୀର ଜିଟିବି ହସ୍ପିଟାଲ୍, ସୁପରସ୍ପେସାଲିଟି କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ଓ ପରେ ଦୀପଚାନ୍ଦ ବନ୍ଧୁ ହସ୍ପିଟାଲରେ ଜୁନିଅର ରେସିଡେଣ୍ଟ ଭାବେ କାମ କଲେ। ତାଙ୍କ ସାଙ୍ଗରେ ପଢ଼ିଥିବା ବାଂଲାଦେଶର ଜଣେ ଛାତ୍ରର ପ୍ରରୋଚନାରେ ବହୁତ ପଇସା ରୋଜଗାର କରିବା ନିଶାରେ ସେ କ୍ୟାନ୍‌ସର ରୋଗର ମେଡିସିନ୍ ତିଆରି କମ୍ପାନୀ ବସାଇଲେ, ନିଜ ସମ୍ପର୍କୀୟ ଭାଇ ଶୁଭମ୍ ମାନ୍ନା ଓ ରାମ କୁମାରଙ୍କୁ ତହିଁରେ ନିଯୁକ୍ତ କଲେ। ମାନ୍ନା ବି.ଟେକ୍. କରି ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିଲେ। ସେ ତିଆରି କଲେ ବାର୍ କୋଡ୍, ବ୍ୟାଚ୍ ନମ୍ବର ଏମ୍‌ସିଂ ଓ ଏକ୍ସପାରି ଡେଟ୍। ରାମ କୁମାର ହରିୟାଣାର ଗାନାଉରଠାରେ ଆର୍‌ଡିଏମ୍ ବାୟୋଟେକ୍ ନାମରେ ଏକ କାରଖାନା ଖୋଲି ଔଷଧ ତିଆରିର ଆକ୍ଟିଭ୍ ଫର୍ମାସ୍ୟୁଟିକାଲ୍ ଇନ୍‌ଗ୍ରେଡିଏଣ୍ଟ (ଏପିଆଇ) କିଛି କିଣି ପ୍ରାୟ ୨୧ଟିରୁ ବେଶି ନାମକରା କର୍କଟ ରୋଗର ଔଷଧ ନାଁରେ ଭେଜାଲ ଔଷଧ ତିଆରି କଲେ। ଚଣ୍ଡିଗଡ଼ରେ ମେଡ୍‌ୱର୍କ ନାଁରେ ଏକ ଫାର୍ମା କମ୍ପାନୀ ଖୋଲିଥିବା ଆଉ ଜଣେ ଏକାଂଶ ବର୍ମା ଏଥିରେ ସାମିଲ ହେଲେ। ବାଂଲାଦେଶର ବ୍ରାଣ୍ଡ ଇନସେପ୍‌ଟା ନାଁରେ ସେ ଲକ୍ଷେ କ୍ୟାପ୍‌ସୁଲ୍ ଯୋଗାଇଥିଲେ। ବର୍ମା ଇଣ୍ଡିଆମାର୍ଟ କମ୍ପାନୀର ୱେବ୍‌ସାଇଟ୍‌ରୁ କେଉଁ ଲୋକେ କେବଳ କ୍ୟାନ୍‌ସର ମେଡିସିନ ଖୋଜୁଛନ୍ତି, ସେମାନଙ୍କ ମୋବାଇଲ ନମ୍ବର ନିଆଗଲା ଓ ସେମାନଙ୍କ ସହ ସମ୍ପର୍କ କରି ଶସ୍ତାରେ ଔଷଧ ଯୋଗାଇବେ ବୋଲି କଣ୍ଟାକ୍ଟ କଲେ, ୫୦% ମାର୍ଜିନ୍ ନେଇ ବିକିବେ ବୋଲି କହିଲେ। ପ୍ରଭାତ କୁମାର ନାମକ ଆଉ ଜଣେ ଦିଲ୍ଲୀ ଚାନ୍ଦନିଚୌକର ଭଗୀରଥ ପ୍ୟାଲେସ୍‌ରେ ଆଦିତ୍ୟ ଫାର୍ମା ଅଫିସ ଖୋଲି ଅଙ୍କୋଲଜି ଓ ନେଫ୍ରୋଲଜି ସମ୍ପର୍କିତ ଔଷଧର ହୋଲ୍‌ସେଲ୍ ବିଜ୍‌ନେସ୍ କଲେ। ଆଇଟିଆଇ ଡିପ୍ଲୋମାଧାରୀ ପଙ୍କଜ କୁମାର ପ୍ୟାକିଂ କରନ୍ତି। ଆଉ ଜଣେ ଆଇଟିଆଇ ଡିପ୍ଲୋମାଧାରୀ ଅଙ୍କିତ ଶର୍ମା କୋରିଅର୍ ଓ ଡେଲିଭରି କାମ କଲେ। ସେମାନଙ୍କ ଏହି ସିଣ୍ଡିକେଟ୍ ଏଭଳି ବ୍ୟବସାୟ କଲା, ଯେପରି ସାଧାରଣ ସାଧୁ ବ୍ୟବସାୟୀଟିଏ କରିଥାଏ। ଷ୍ଟାଣ୍ଡାର୍ଡ ମେଡିସିନ୍ ଭଳି ସେମାନଙ୍କ ଔଷଧ ବିକ୍ରିହେଲା, ଅସଲି ଔଷଧର ତନଖି ପାଇଁ ଯେଉଁ କ୍ୟୁଆର୍ କୋଡ୍ ବ୍ୟବହାର ହୁଏ, ତାହା ଭଳି କ୍ୟୁଆର୍ କୋଡ୍ ଏବଂ ଔଷଧର ବ୍ୟବହାରଯୋଗ୍ୟ ଶେଷ ତାରିଖ (ଏକ୍ସପାଏରି ଡେଟ୍) ବି ଥିଲା। ତେଣୁ ରୋଗୀ ଓ ତା’ର ସମ୍ପର୍କୀୟ ଗରାଖମାନେ ସନ୍ଦେହରେ ନ ଥିଲେ, ବରଂ ଶସ୍ତାରେ ପାଇ ଖୁସି ହେଉଥିଲେ। ଗୋପନୀୟ ସୂତ୍ରରୁ ଖବର ପାଇ ଦିଲ୍ଲୀର ସ୍ପେଶାଲ୍ କମିଶନର (କ୍ରାଇମ୍) ଯାଦବଙ୍କ ଅଧୀନରେ ପୋଲିସ୍ ଚଢ଼ାଉ କରି ଏ ନରହନ୍ତା କାରବାର ଧରିଛି। ରୋଗୀର ପଇସାରେ ରୋଗୀକୁ ଯମପୁରକୁ ପଠାଇବାର ଏ ତରିକାର ମୁଖ୍ୟ ହେଉଛି ଡ. ପ୍ରଧାନ, ହିପ୍ପୋକ୍ରାଟିକ୍ ଓଥ୍ (ବୃତ୍ତିଗତ ନୈତିକତାକୁ ରକ୍ଷା କରିବାର ଶପଥ) ନେଇଥିବା ଜଣେ ମେଡିକାଲ୍ ଡିଗ୍ରୀଧାରୀ। ମୃତ୍ୟୁମୁଖକୁ ଠେଲିଦେବା, ହତ୍ୟାର ଉଦ୍ରେକ (ଆବେଟମେଣ୍ଟ ଅଫ୍ ମର୍ଡର) କରୁଥିବା ଅପରାଧରେ ସେ ଫାଶିଦଣ୍ଡ ପାଇବା କଥା, ମାତ୍ର ଆମ ଭାରତ ପିଙ୍ଗଳ ସଂହିତା (ଆଇପିସି)ରେ ବର୍ଷକରୁ କମ୍ କାରାଦଣ୍ଡ ଓ କିଛି ଜରିମାନା ଦଣ୍ଡର ବ୍ୟବସ୍ଥା ଅଛି। କେତେକ ପ୍ରଦେଶ ‘ଆଇପିସି’ର ରାଜ୍ୟସ୍ତରୀୟ ସଂଶୋଧନ ଆଣି ଆଜୀବନ କାରାଦଣ୍ଡର ପ୍ରାବଧାନ କରିଛନ୍ତି, କିନ୍ତୁ ଓଡ଼ିଶା କରିନାହିଁ। ଫଳରେ ରାଜନୈତିକ ଦଳକୁ ଚାନ୍ଦା ଦେଇ (ଅବଶ୍ୟ ଲୋଭୀ ପୋଲିସ୍ କର୍ମଚାରୀଙ୍କୁ ହାତ କରି) ଓଡ଼ିଶାର ଯମମାନେ ଧରାପଡୁନାହାନ୍ତି। ଯଦି କତିପୟ ଧରାପଡୁଛନ୍ତି ତ୍ରୁଟିଶୂନ୍ୟ ଦୋଷାରୋପ ପତ୍ର ଯୋଗୁ ଅଥବା ପୋଲିସ୍ ମକଦ୍ଦମା ଚଳାଇବାରେ ଏତେ ବିଳମ୍ବ କରୁଛି ଯେ କୋର୍ଟରେ ଅଭିଯୁକ୍ତମାନେ ଖସିଯାଇ ପାରୁଛନ୍ତି। ରାଜନୀତିରେ ଏକ ବଡ଼ ନୀତି ହୋଇଗଲାଣି ଯେ ଭୋଟ କିଣିବା ଲାଗି ଫ୍ରିବି ଓ ନଗଦନାରାୟଣ ଦିଆଯିବ ଏବଂ ତାହା ପାଇଁ ଚାନ୍ଦା ଦେବାକୁ ଏମିତିକା ଠକମାନେ ଆଗେଇ ଆସିବେ,–କେବଳ ଔଷଧରେ ନୁହେଁ ମଦ ଓ ତେଜରାତି ସାମଗ୍ରୀରେ ମିଶାମିଶି କରୁଥିବା ଲୋକେ– ସେମାନଙ୍କ କାରବାର ଉପରେ ଯେତେ ଢିଲା ତନଖି ହେବ, ସେତେ ବେଶି ଚାନ୍ଦା ମିଳିବ, ଲୋକେ ରସାତଳକୁ ବା ଯମପୁରକୁ ଯାଆନ୍ତୁ ପଛକେ! ଆମେ ପରା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପଇସାର ପ୍ରଭାବ କିପରି ଧର୍ମାଧିକାରୀମାନଙ୍କ ଆଚରଣରେ ପଡ଼େ ଦେଖିଛୁ, ଅଧିକ ପଇସା ନ ପାଇଲେ ମୁଣ୍ଡରେ ବେତ ମାଡ଼ ଦେଇ କେତେକେ କହନ୍ତି ପରା ‘ବେହି ପୋ ନରକକୁ ଯା’! ଆମ ରାଜନେତାମାନେ ତ ସବୁବେଳେ ଗୁଣୁଗୁଣୁ ହେଉଛନ୍ତି– ଲୋକଙ୍କ ଜୀବନ ପଛେ ନର୍କେ ପଡ଼ିଥାଉ ମୋ ଗାଦି ଉଦ୍ଧାର ହେଉ!

– sahadevas@yahoo.com



# ଅଳପ ଲୋକେ ଅଧିକାର...

ହରେକୃଷ୍ଣ ଦାସ

ଯଜ୍ଞଭୁକ୍ ଭଗବାନ ଶ୍ରୀକୃଷ୍ଣ ମର୍ତ୍ତ୍ୟାବତରଣ କରି ଗୋପୀ,ଗୋପାଳ ବାଳକଙ୍କ ସହ ଏକାଠି ଖାଇ, ଗାଈ ଚରାଇ ହସଖୁସିରେ ଦିନ କାଟିବା କଥାଟା ବ୍ରହ୍ମାଙ୍କୁ ପସନ୍ଦ ଆସିଲାନି। ତେଣୁ ସେ ଶ୍ରୀକୃଷ୍ଣଙ୍କୁ କର୍ତ୍ତବ୍ୟ ସଚେତନ କରାଇବା ସହ ନିଜ ଶକ୍ତି ପ୍ରଦର୍ଶନ କରିବାକୁ ଯାଇ ଏକ ବିରାଟ ବିଭ୍ରାଟ କରିବସିଲେ। ଶ୍ରୀକୃଷ୍ଣଙ୍କ ସହ ଥିବା ସବୁ ଗୋପାଳ ବାଳକ ତଥା ଗୋରୁଙ୍କୁ ଅପହରଣ କରି ସେ ନିଜ ରଚିତ ଏକ ମାୟାଲୋକରେ ଲୁଚେଇଦେଲେ। କାଳବିଳମ୍ବ ନ କରି ଭଗବାନ ଶ୍ରୀକୃଷ୍ଣ ସେ ସମସ୍ତ ବାଳକ ଓ ଗୋରୁଙ୍କୁ ମାୟାରେ ସୃଷ୍ଟି କଲେ ଯିଏ ନିଜ ନିଜ ଘରକୁ ଯାଇ ସ୍ୱାଭାବିକ ଜୀବନ ବଞ୍ଚିଲେ। ଅନେକ ଦିନ ପରେ ଏସବୁ ଦେଖି ବ୍ରହ୍ମା ଅନୁଭବ କଲେ ଯେ ସବୁ ମାୟାର ସ୍ରଷ୍ଟାଙ୍କ ପାଖରେ ନିଜ ମାୟାର ଶକ୍ତି ଦେଖେଇବାକୁ ଚେଷ୍ଟା କରିବାର ଔଦ୍ଧତ୍ୟ କରିବା ଏକ ମହାପରାଧ। ଶ୍ରୀକୃଷ୍ଣଙ୍କ ମାୟାରେ ସୃଷ୍ଟ ଅନେକ ବ୍ରହ୍ମାଙ୍କୁ ଦେଖି ସେ ନିଜର ନ୍ୟୂନତା ବୁଝିପାରି ଲଜ୍ଜିତ ହୋଇ ଶ୍ରୀକୃଷ୍ଣଙ୍କୁ କ୍ଷମା ଯାଚନା କରିଥିଲେ, ଯାହା ଓଡ଼ିଆ ଶ୍ରୀମଦ୍‌ଭାଗବତ ଅନୁସାରେ ‘ଅଳପ ଲୋକେ ଅଧିକାର, ତୁ କିମ୍ପା ଦେଲୁ ଦାମୋଦର।’

ପଦାବଳୀର ପ୍ରାସଙ୍ଗିକତା ଅନ୍ତତଃ ଏମିତି ଭାବରେ ବୁଝାଯାଇପାରେ ଯେ ବାସ୍ତବ ଯୋଗ୍ୟତା ନ ଥିବା ଲୋକ ଯେତେବେଳେ କ୍ଷମତା ପ୍ରୟୋଗ କରିବାର ଅଧିକାର ପ୍ରାପ୍ତ ହୁଏ, ସେତେବେଳେ ଅନେକ ବିଭ୍ରାଟ ସୃଷ୍ଟି ହୁଏ। ପାର୍ଥକ୍ୟ ଏତିକି ଯେ ନିଜ କ୍ଷମତାର ଦୁରୁପଯୋଗ କରିଥିବା ବ୍ରହ୍ମା ନିଜକୁ ଅଯୋଗ୍ୟ ବୋଲି ବୁଝିପାରିଥିଲେ ଏବଂ ସେଥିପାଇଁ କ୍ଷମା ମାଗିଥିଲେ, କିନ୍ତୁ ଆମେମାନେ କୌଣସି ପ୍ରକାରେ କ୍ଷମତା ପ୍ରୟୋଗ କରିବାର ଅଧିକାର ପାଇଗଲେ ନିଜକୁ ଆବଶ୍ୟକତାଠାରୁ ବି ଅଧିକ ଯୋଗ୍ୟ ମନେକରୁ, ନିଜକୁ ଅଯୋଗ୍ୟ ବିଚାର କରିବା ତ ବହୁ ଦୂର।

ଏହା ଏକ ସାମାଜିକ ଓ ନୈତିକ ବ୍ୟାଧି ଏବଂ ସାମ୍ପ୍ରତିକ ସମୟରେ ଏ ସମସ୍ୟା ଅତି ଉତ୍କଟ। ପ୍ରକୃତ ଯୋଗ୍ୟତା ନ ଥିବା ଅଥଚ ବିଭିନ୍ନ ଉପାୟରେ ଓ ବିଭିନ୍ନ କାରଣରୁ ଯୋଗ୍ୟ ବିବେଚିତ ହେଉଥିବା ଅନେକ ଲୋକଙ୍କ ସକାଶେ ବହୁ ନୈତିକ ସଙ୍କଟ ସୃଷ୍ଟି ହେଉଛି। ଅନେକ ଯୋଗ୍ୟ ଓ ବିଦ୍ୱାନ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଶାସକ, ପ୍ରଫେସର ଇତ୍ୟାଦି ତାଙ୍କଠାରୁ ବହୁ ନିମ୍ନରେ ଥିବା ଅଥଚ ଏମାନଙ୍କ ଉପରେ କ୍ଷମତା ଜାହିର କରିବାର ଅଧିକାର ହାସଲ କରିଥିବା ‘ଅଳପ ଲୋକ’ଙ୍କ ଅଧୀନରେ କାମ କରିବା ଓ ସେମାନଙ୍କ ଦୌରାତ୍ମ୍ୟ ବରଦାସ୍ତ କରିବାକୁ ବାଧ୍ୟ ହେବା ଏକ ବିଡ଼ମ୍ବନାର ବିଷୟ। ଏହା ଦ୍ୱାରା ବିଦ୍ୱାନ ଲୋକଙ୍କ ଭିତରେ କାମ ପ୍ରତି ସମର୍ପଣ ଭାବନାରେ ଟିକିଏ ଊଣା ହୁଏ। ନୈତିକ ସ୍ତରରେ ମଧ୍ୟ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି ହୁଏ। ଯୋଗ୍ୟ ଓ ବିଦ୍ୱାନ ଲୋକଙ୍କ ଦକ୍ଷତାର ପୂର୍ଣ୍ଣ ବିନିଯୋଗ ମଧ୍ୟ ହୋଇପାରେ ନାହିଁ। ପଦବୀ ମଣ୍ଡନ କରିଥିବା ଅଯୋଗ୍ୟ ଅଧିକାରୀ, ଏମିତି କି ସାଧାରଣ କର୍ମଚାରୀଙ୍କ ଅହଙ୍କାର ଓ ଔଦ୍ଧତ୍ୟ ହିଁ ବିଦ୍ୱାନମାନଙ୍କ ଜ୍ଞାନଗରିମା ପ୍ରତି ଅପମାନ ଓ ଉପହାସ।

ଜାହାଜର ଇଞ୍ଜିନରେ କୋଇଲା ଭରୁଥିବା ଲୋକଟି ଏଇ ଅହଙ୍କାରରେ ବଞ୍ଚୁଥିଲା ଯେ ତା ଯୋଗୁ



ହିଁ ଜାହାଜଟି ଚାଲିପାରୁଛି, ଏଇ ଜାହାଜ ଚାଲିବା ଯୋଗୁ ହିଁ ଏ ପୃଥିବୀର ବାଣିଜ୍ୟ ବ୍ୟବସାୟ ସମ୍ଭବ ହେଉଛି ଅର୍ଥାତ୍ ତା’ ଯୋଗୁ ହିଁ ଦୁନିଆ ଯାକର ବାଣିଜ୍ୟ ଚାଲିଛି। ଅହଙ୍କାରର ପରିଣତି ସବୁବେଳେ ଭୟଙ୍କର, ଏ ଲୋକଟି ମଧ୍ୟ ପରିସ୍ଥିତି କ୍ରମେ ଦୁଃଖଦ ପରିଣତିର ସାମ୍ନା କରୁଛି। ଆମେମାନେ ବି ଦୈନନ୍ଦିନ ଜୀବନରେ ଏମିତି ଲୋକଙ୍କୁ ଭେଟୁ, ଯିଏ ନିଜର ଅଯୋଗ୍ୟତା ବାବଦରେ ସଚେତନ ନ ହୋଇ ମିଳିଥିବା ପଦବୀ କାରଣରୁ ଔଦ୍ଧତ୍ୟ ଓ ଅହଙ୍କାରର ସୀମା ଟପିଯାଆନ୍ତି।

ସେଦିନ ଖୁବ୍ ବିଷଣ୍ଣ ଦିଶୁଥିବା ମିଶ୍ରବାବୁ ନିଜ ଦୁଃଖର କାରଣ ବଖାଣିବାକୁ ଯାଇ କହିଲେ ଯେ ଅବସରର ଏତେ ମାସ ପରେ ବି ପେନ୍‌ସନ ନ ମିଳିବାଟା ତାଙ୍କ ଚିନ୍ତା ବଢ଼େଇଦେଇଛି। ‘କାହିଁକି ମିଳୁନି? ଅସୁବିଧା କୋଉଠି?’ ‘ବୁଝିଲ ପୁଅ, ଗୁଡ଼ାଏ ଅଯୋଗ୍ୟଙ୍କ ହାତରେ କ୍ଷମତା ମିଳିଗଲେ ସେମାନେ ଇନ୍ଦ୍ର ଚନ୍ଦ୍ର ମାନନ୍ତିନି। ଆମ ଅଫିସରେ ମଧ୍ୟ ସେଇ ଅବସ୍ଥା। ମୋ ହାତରେ କ୍ଷମତା ଥିବାବେଳେ ଯାହା ପ୍ରତି ଦୟା ପରବଶ ହେଇ ଚାକିରିରେ ରଖେଇ ଦେଇଥିଲି ଏବେ ସେ ହିଁ ମତେ ବୁଲିପଡ଼ି ଚୋଟ ମାରୁଛି। ତା’ଠାରୁ ବୟସରେ ବଡ଼ ଜଣେ ଲୋକକୁ ଯେମିତି ସମ୍ମାନ ସହ ବ୍ୟବହାର ଦେଖେଇବା କଥା, ସେତକ ବି ସେ କରୁନି। ସେ ପିଲା ବି ଡାଇରେକ୍ଟରଙ୍କର ପ୍ରିୟପାତ୍ର ହୋଇଥିବାରୁ ନିଜକୁ ଅଖଣ୍ଡ କ୍ଷମତାର ଅଧିକାରୀ ଭାବୁଛି। ତା’ ବିରୋଧରେ ଆକ୍ସନ ନେବା ପାଇଁ ତ କେହି ନାହିଁ। ବରଂ ସେ ଯେତେ ଭୁଲ କଲେ ବି ସେ ସବୁକୁ ଅଣଦେଖା କରି ତା’ ଜରିଆରେ କିଛି ଫାଇଦା ପାଉଥିବା କେତେଜଣ କର୍ମଚାରୀ ସବୁ ଦାୟିତ୍ୱ କେବଳ ତାକୁ ହିଁ ଦିଆଯାଉ ବୋଲି ଯୁକ୍ତି କରୁଛନ୍ତି। ‘‘ଆଜି ବେଳ ନାହିଁ କାଲି ଆସନ୍ତୁ’ କହି କହି ମତେ ସେ ଦଶ ଥର ଦଉଡ଼ାଇଲାଣି। ମୋର ଆଉ ଧୈର୍ଯ୍ୟ ରହୁନି। ଏବେ ବୁଝୁଛି ଯେ ମୂଳ ଭୁଲ ମୁଁ ହିଁ କରିଛି ଯେ ଗୋଟେ ଅଯୋଗ୍ୟକୁ ଆଣି ଦାୟିତ୍ୱ ସମ୍ପନ୍ନ ପଦବୀରେ ବସେଇଥିଲି।’’

ପାଖରେ ଥିବା ନାୟକ ବାବୁ କଥା ଯୋଡ଼ି କହିଲେ, ‘ସବୁଠି ଏ ପ୍ରକାର ବିତ୍ପାତ। ଆମ ଅଫିସରେ ଦି’ବର୍ଷ ହେବ ଜଏନ କରିଥିବା ଗୋଟେ ପିଲାର ଉତ୍ପାତ ବି ସୀମା ବାହାରେ। ଜଣେ ଉଚ୍ଚ ପଦାଧିକାରୀଙ୍କ ଘରେ ଘରୋଇ ସହାୟକ ଭଳିଆ ଅନେକ ଦିନ ଲସରପସର ହେଇ ତାଙ୍କ ସହଯୋଗରେ ଇଣ୍ଟରଭ୍ୟୁରେ କ’ଣ ପଚରା ହେବ ତାକୁ ବି ଫିକ୍ସିଂ କରି ଚାକିରି ଖଣ୍ଡକ ହାତେଇ ଦେଲା। ଆମ ଅଫିସରେ ଜଏନ କଲା ପରେ ଆମ ଡାଇରେକ୍ଟର ତାକୁ ବିଦ୍ୱାନ ମନେ କରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଦେଲେ। ସିଏ ତ ଏବେ ଭାବୁଛି ଯେ ଏ ଅଫିସଟା କେବଳ ତା’ ଯୋଗୁ ହିଁ ଚାଲୁଛି। ଆମେ ସବୁ ଆପଣା ମହତ ଆପେ ରଖିଲା ଭଳି ତା’ଠାରୁ ନିରାପଦ ଦୂରତ୍ୱରେ କେବଳ ଚୁପ୍‌ଚାପ କାମ କରୁଛୁ। ରିଟାୟାରମେଣ୍ଟ ପରେ ଆମ ଅବସ୍ଥା କ’ଣ ହେଉଛି କେଜାଣି! ଶେଷ କଥାଟି ଶୁଣି ମୁଁ କହିଲି, ‘ଠିକ୍ କହିଲେ। ଔଦ୍ଧତ୍ୟ ଭାଙ୍ଗିବା ପାଇଁ ଭଗବାନ ଶ୍ରୀକୃଷ୍ଣ ତ ବ୍ରହ୍ମାଙ୍କୁ ବି ଛାଡ଼ି ନାହାନ୍ତି, ଏମାନେ କି ଛାର ମଣିଷ!’

ଅଧ୍ୟାପକ, ଇଂରାଜୀ ବିଭାଗ, ନିଆଳି କଲେଜ
ମୋ: ୯୮୬୧୩୪୫୬୫୮

## ପାଠକ ଶ୍ରେଷ୍ଠ ବିଚାରକ

### ସୁପ୍ରିମ୍‌କୋର୍ଟଙ୍କ ମତକୁ ଗୁରୁତ୍ୱ ଦିଅନ୍ତୁ

ମହାଶୟ,

ବଳପୂର୍ବକ ଧର୍ମାନ୍ତରୀକରଣ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ସୁପ୍ରିମ୍‌କୋର୍ଟଙ୍କ ମତ ବାସ୍ତବରେ ପ୍ରଣିଧାନଯୋଗ୍ୟ। କାରଣ ଦେଶରେ ଯେଉଁଭଳି ଭାବେ ଅସାଧୁ ଉପାୟରେ ବଳପୂର୍ବକ ଧର୍ମାନ୍ତରୀକରଣ ଚାଲିଛି, ଏହା ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟି କରିବ। ବିଶେଷକରି ଏଭଳି ଧର୍ମାନ୍ତରୀକରଣ ଦେଶର ନାଗରିକଙ୍କ ଧାର୍ମିକ ସ୍ୱାଧୀନତା ଅଧିକାରକୁ କ୍ଷତି କରିବ। ବିଭିନ୍ନ ପ୍ରତିଶ୍ରୁତି, ପ୍ରଲୋଭନ ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ କାର୍ଯ୍ୟ ଏବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବ୍ୟାପକ ହେଉଛି। ଠିକ୍ ସେହିଭଳି ଭିନ୍ନ ଭିନ୍ନ ସାହାଯ୍ୟ ସହଯୋଗ ପାଇବା ଆଶାରେ କିଛି ଲୋକ ନିଜର ଧର୍ମ ପରିବର୍ତ୍ତନ କରୁଛନ୍ତି। ଅନ୍ୟପକ୍ଷେ ଧର୍ମାନ୍ତରୀକରଣର ଶିକାର ହେଉଥିବା ଲୋକମାନେ ଘଟଣା ସମ୍ପର୍କରେ ବିଶେଷ ଅବଗତ ନ ଥିବାରୁ ସେମାନଙ୍କୁ ସାହାଯ୍ୟ ସହଯୋଗର ଆଶା ଘାରୁଛି। ତେଣୁ ସୁପ୍ରିମକୋର୍ଟଙ୍କ ମତକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଆନ୍ତରିକତା ପ୍ରକାଶ କରିବା ଉଚିତ।

ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଦୁଇ ମହିଳା ବନ୍ଧୁ ୩,୭୦୦ ମହିଳାଙ୍କୁ ଖେଳାଇ ସୁସ୍ଥ ଜୀବନର ମାର୍ଗଦର୍ଶନ କରିବା ଅନ୍ୟମାନଙ୍କ ପାଇଁ ନିଶ୍ଚିତଭାବେ ଏକ ପ୍ରେରଣା। ଫୁଟ୍‌ବଲ ଖେଳାଳି ତନ୍‌ଭି ହଂସ ଏବଂ ଫିଟ୍‌ନେସ କୋଚ୍ ଶ୍ୱେତା ସୁବିହା ୨୦୧୭ରେ ‘ସିଷ୍ଟର୍ସ ଇନ୍ ସୁଇଟ୍’ ସଂସ୍ଥା ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ମହିଳାମାନଙ୍କୁ ଖେଳ ମାଧ୍ୟମରେ ଚାପମୁକ୍ତ କରି ସେମାନଙ୍କ ସହନଶୀଳତା ବୃଦ୍ଧି କରିବା ସହ ଆରାମ ଜୀବନ ଜିଇବା ଲାଗି ପ୍ରେରିତ କରୁଛନ୍ତି। ଉଭୟଙ୍କର ବେଙ୍ଗାଲୁରୁରେ ନାଇକ୍ କମର୍ସିଆଲ କ୍ୟାମ୍ପେନ୍‌ରେ ଦେଖା ହେବା ପରେ ଏହି କାର୍ଯ୍ୟ କରିବା ପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ। ଦୁଇବନ୍ଧୁ ପ୍ରଥମେ ଦେଢ଼ ଘଣ୍ଟିଆ ସେସନ ଆରମ୍ଭ କରି ୩୦ରୁ ୪୦ ବର୍ଷ ବୟସ୍କା ୪ ଜଣ ମହିଳାଙ୍କୁ ଫିଟନେସ୍ ଟ୍ରେନିଂ ସହ ଖେଳାଇଥିଲେ। ଏବେ ତାଙ୍କ ଟିମ୍‌ରେ ୧୨ରୁ ଆରମ୍ଭ କରି ୬୫ ବର୍ଷ ବୟସର ପ୍ରାୟ ୩,୭୦୦ ମହିଳା ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ବ୍ୟବସାୟୀ, ଗୃହିଣୀ, ସ୍କୁଲ ଓ କଲେଜ ଛାତ୍ରୀ। ସେମାନେ ମୁମ୍ବାଇ ବେଙ୍ଗାଲୁରୁରେ ଫୁଟବଲ, ବାସ୍କେଟବଲ, ବ୍ୟାଡ୍‌ମିଣ୍ଟନ ଏବଂ ରଉଗବୀ ଆଦି ଖେଳ କମ୍ ଦେୟରେ ଖେଳାଉଛନ୍ତି। ସେମାନେ ମଧ୍ୟ ସୁଇମିଂ ସେସନ ଆୟୋଜନ କରୁଛନ୍ତି। ମନସ୍ତତ୍ତ୍ୱବିତ୍ ଓ ମାନସିକ ରୋଗ ବିଶେଷଜ୍ଞଙ୍କ ଦ୍ୱାରା କାଉନସିଲିଂ କରାଉଛନ୍ତି। ଏବେ ତାଙ୍କ ଟିମ୍‌ରୁ ବହୁ ଛାତ୍ରୀ ରାଜ୍ୟ ଓ ଜାତୀୟ ସ୍ତରରେ ଫୁଟବଲ୍, ରଗ୍‌ବି ଆଦି ଖେଳରେ ପ୍ରତିନିଧିତ୍ୱ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୭

- ଏସ୍. ମୁଥୁସ୍ୱାମୀଙ୍କ ନେତୃତ୍ୱରେ ପରିଚାଳିତ ବିଦ୍ରୋହୀ ନିଖିଳ ଭାରତ ଆନ୍ନା ଡିଏମ୍‌କେ ଗୋଷ୍ଠୀ ଜୟଲଳିଥାଙ୍କ ନେତୃତ୍ୱରେ ପରିଚାଳିତ ମୂଳ ଦଳରେ ସାମିଲ।
- ପ୍ରଥମ ଭାରତୀୟ ଗଲ୍‌ଫ ଖେଳାଳି ଭାବେ ଚିରଞ୍ଜୀବ ମିଲ୍‌ଖା ସିଂଙ୍କ ପିଜିଏ ୟୁରୋପୀୟ ଟୁର ଯୋଗ୍ୟତା ହାସଲ।

## ଚିରନ୍ତନୀ

ସେ କିବା ମୋହରି ଆଶେ
ବିରହ–ସାଗରେ ଭାସେ
ମୋର ଲାଗି ଏହି ରୂପେ
ପୀଡ଼ଇ କି ଛାତି ?
ଗୀତେ ତା’ର ପ୍ରାଣ ଉଠେ ମାତି।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୮୦ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ

ଜୁନାଗଡ଼,(ସ୍ବ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ଓ ସନ୍ୟାସୀ କୁଣ୍ଡାମାଲ ପଞ୍ଚାୟତରେ ରବିବାର ସ୍ଥାନୀୟ ଅଞ୍ଚଳର ୮୦ଜଣ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଭୁବନେଶ୍ୱର ମେମୋରିଆଲ ଯୁଥ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଉମେଶ ଶତପଥୀ, ମହିଚଲା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତି ସଭ୍ୟା ସୂଚୀସ୍ମିତା ବେହେରା, ସନ୍ୟାସୀ କୁଣ୍ଡାମାଲ ସରପଞ୍ଚ ରଶ୍ମିତା ନାଏକ, ବିଏସଏସଓ ତୁଷାର ରଞ୍ଜନ ସାହୁ,ପୂର୍ବତନ ସରପଞ୍ଚ ଅଜୟ ବେହେରା, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ମୁଣ୍ଡ ,ବସନ୍ତ ନାଏକ, ପ୍ରଭାତ ଦାସ, ଅମିତ ଅଗ୍ରୱାଲ, ଅବିନାଶ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ରବିଚାଷ ପାଇଁ ପାଣି ଅଟକାଇଲେ ଚାଷୀ

**ଲୋଇସିଂହା,୨୭।୧୧(ଡି.ଏନ.ଏ)**

ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ। ଏହା କରି ଦେଖାଇଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଅନ୍ତର୍ଗତ ଘୁଙ୍ଗି ଗ୍ରାମର ଚାଷୀ। ମିଳିତ ପ୍ରୟାସରେ ବହିନାଳକୁ ବାଲିବସ୍ତା ବାନ୍ଧି ସେମାନେ ପାଣି ଅଟକାଇଛନ୍ତି। ଏହି ପାଣିରେ ପ୍ରାୟ ୪୦ଏକର ଜମିରେ ରବିଚାଷ କରିବାକୁ ଚାଷୀ ପ୍ରୟାସ ଆରମ୍ଭ କରିଛନ୍ତି।

କୁଶମେଲ ପଞ୍ଚାୟତ ଅଧୀନ ୧ ୱାର୍ଡ ବିଶିଷ୍ଟ ଘୁଙ୍ଗି ଗ୍ରାମର ପରିବାର ସଂଖ୍ୟା ୨୫୦ । ଗ୍ରାମରେ ପ୍ରାୟ ଲୋକେ ଚାଷବାସ କରନ୍ତି। ବାଇଗଣ, ଟମାଟ, ଲଙ୍କା, ପୋଟଳ, ମାଖନ(ପାଣିକଖାରୁ), କଲରା, ଝୁଡଙ୍ଗ ଆଦି ପରିବା ଚାଷ ପାଇଁ ଏହି ଗାଁ ପ୍ରସିଦ୍ଧି ଲାଭ କରିଛି। ଗ୍ରାମରେ ୪ଶହ ଏକରରୁ ଅଧିକ ଚାଷ ଜମି ରହିଛି। ପ୍ରାୟ ୩ଶହ ଏକର ଜମିରେ ଖରି ଧାନ କରାଯାଇଥାଏ। ସୁକତେଲ ନଦୀ ସଂଲଗ୍ନ ଚାଷଜମିରେ ବର୍ଷର ସବୁ ସମୟରେ ପ୍ରାୟ ୧ଶହ ଏକର ଜମିରେ ପରିବା ଚାଷ ହେଉଛି। ଗ୍ରାମର ଚାଷୀମାନେ ପରିବା ଚାଷ କରି ସ୍ୱବଲମ୍ବୀ ହୋଇ ପାରିଛନ୍ତି। ହେଲେ ଗ୍ରାମର ଚିକନପଡାର


ବହିନାଳରେ ଚାଷୀମାନେ ବାଲିବସ୍ତାରେ ବନ୍ଧ ବାନ୍ଧୁଛନ୍ତି।

### ବହିନାଳକୁ ବାଲିବସ୍ତା ଦେଇ ବାନ୍ଧିଲେ

କେତେକ ପରିବାରର ପ୍ରାୟ ୪୦ ଏକର ଚାଷ ଜମି ରହିଛି । ଚାଷ ଜମି ନିକଟରେ ପାଣି ସୁବିଧା ନ ଥିବାରୁ ସେହି ପରିବାର ଲୋକେ ଖରିଫ ଧାନ ଫସଲ ପରେ ଜମି ପଡିଆ ପଡୁଥିଲା । ସମ୍ପୃକ୍ତ ଜମିଠାରୁ ସୁକତେଲ ନଦୀର ଦୂରତା ୩ କିମି ଓ ଦେଢ କିମି ଦୂରରେ ବହି ନାଳ ବହି ଯାଇଛି । ନାଳ ପାଣି ସୁକତେଲ ନଦୀକୁ ଅଯଥାରେ ବହି ଯାଉଛି। ଏହି ପାଣିକୁ ଅଟକାଇ ରବି ଚାଷ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଅଣ୍ଟା ଭିଡିଛନ୍ତି। ଏନେଇ ସେମାନେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। କିଛିଦିନ ତଳେ ସ୍ଥାନୀୟ ସରପଞ୍ଚ କୌସ୍ତୁବ ସାହୁ ଓ ରିଲାଏନ୍ସ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଚାଷୀଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଚାଷୀମାନେ ବହି ନାଳର ଚିକନପଡାର ବୋରିନଠାରେ ବନ୍ଧ ବାନ୍ଧିବାକୁ ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ରବିବାର ସରପଞ୍ଚ ସାହୁଙ୍କ ଉପସ୍ଥିତିରେ ଅଞ୍ଚଳର ଚାଷୀ ବାଲିବସ୍ତା ପକାଇ ବନ୍ଧ ବାନ୍ଧିଛନ୍ତି। ପରିବା ଚାଷ କରି କିଛି ରୋଜଗାର କରିବାକୁ ସେମାନେ ଆଶା ବାନ୍ଧିଥିବା କହିଛନ୍ତି ଚାଷୀ କ୍ଷମାନିଧି ସାହୁ ଓ ଗୋପାଳ ସାହୁ। ସରକାରୀ ସ୍ତରରେ ଏକ ବନ୍ଧ ହେଲେ ଚାଷୀମାନେ ଅଧିକ ଉପକୃତ ହୁଅନ୍ତେ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ଓଲଟିଲା ଧାନ ବୋଝେଇ ମିନିଟ୍ରକ୍

**ଲୋଇସିଂହା,୨୭।୧୧(ଡି.ଏନ.ଏ.):** ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁଢୀପଦର ପଞ୍ଚାୟତ ନିକଟରେ ୩ ବାଇକ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଏକ ଧାନ ବୋଝେଇ ମିନିଟ୍ରକ (ଓଆର୦୨ ବିଏସ ୦୭୬୫) ରବିବାର ଓଲଟି ପଡିଛି। ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବରଗଡ ଜିଲା ବରପାଲି ଥାନା ବାଗବାଡି ଗ୍ରାମରୁ ମିନିଟ୍ରକ(୭୦୯)ରେ ୧୯୧ ପ୍ୟାକେଟ ବିହନ ଧାନ ବଲାଙ୍ଗୀର ଜିଲା ଟିଟିଲାଗଡ ହିନ୍ଦୁସ୍ଥାନ ସିଡ କମ୍ପାନୀକୁ ଯାଉଥିଲା । ବୁଢୀପଦର ପଞ୍ଚାୟତ ନିକଟରେ ସାମନା ପଟରୁ ଏକ ବୋଲେରୋ ଓ ବାଇକ ଆରୋହୀ ଆସୁଥିଲେ । ହଠାତ୍ ଗାଡି ଆଗକୁ ବାଇକରେ ଥଇବା ୩ଣଣ ଆସି ଯାଇଥିଲେ। ସେମାନଙ୍କୁ ରକ୍ଷା କରିବାକୁ ଯାଇ ଚାଳକ ଭାରସାମ୍ୟ ହରାଇବାରେ ଧାନ ବୋଝେଇ ଟ୍ରକ ଓଲଟି ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ଜିଲା ବ୍ରାହ୍ମଣ ସଭାର ତ୍ରୈବାର୍ଷିକ ଅଧିବେଶନ

**ବଲାଙ୍ଗୀର ଅଫିସ,୨୭।୧୧:** ବଲାଙ୍ଗୀର ଶ୍ରୀନରସିଂହ ମନ୍ଦିରଠାରେ ଜିଲା ବ୍ରାହ୍ମଣ ମହାସଭାର ତ୍ରୟବାର୍ଷିକ ଅଧିବେଶନ, କର୍ମକର୍ତ୍ତା ନିର୍ବାଚନ ଏବଂ ନୂଆଁଖାଇ ଭେଟଘାଟ ସଭାପତି ଗିରିଧାରୀ ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସମ୍ପାଦକ ରଘୁନାଥ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କଲାପରେ ଉପଦେଷ୍ଟା ନୀଳମଣି ମିଶ୍ର ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣ କରିଥିଲେ। ଧନଞ୍ଜୟ ମିଶ୍ର ସଭାପତି, ଗୋପବନ୍ଧୁ ପୁରୋହିତ ଉପସଭାପତି, ଜୟରାମ ମିଶ୍ର ସମ୍ପାଦକ, ଶୁଭେନ୍ଦ୍ର ନେପାକ ସହସମ୍ପାଦକ, ପର୍ଶୁରାମ ନାୟକ କୋଷାଧକ୍ଷ, ମଦନ ମୋହନ ରଥ ପର୍ଶୁରାମ ବାହିନୀ ମୁଖ୍ୟ ଓ କସ୍ତୁରୀ ରଥ ଶକ୍ତିବାହିନୀ ମୁଖ୍ୟଭାବେ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଜୟକୃଷ୍ଣ ଦାସଶର୍ମା ଓ ସତ୍ତ୍ୱବନ୍ତ ବେଦ୍‌ବାଗ ନୂତନ କର୍ମକର୍ତ୍ତା ଙ୍କୁ ସ୍ୱାଗତ କରିଥିଲେ। ନବନିର୍ବାଚିତ ସଭାପତି ଧନଞ୍ଜୟ ମିଶ୍ର ଓ ସମ୍ପାଦକ ଜୟରାମ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ମଦନ ମୋହନ ରଥ ସଭା ପରିଚାଳନା କରିଥିବାବେଳେ ରତ୍ନମୟ ତ୍ରିପାଠି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

### ସଂସ୍କୃତ ପରିଷଦର ମାସିକ ଅଧିବେଶନ

**ବଲାଙ୍ଗୀର ଅଫିସ,୨୭।୧୧:** ବଲାଙ୍ଗୀର ସଂସ୍କୃତ ପରିଷଦର ମାସିକ ବୈଠକ ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ପଣ୍ଡିତ ନାମଯଜ୍ଞ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସାଙ୍ଗଠନିକ ବିଷୟ ତଥା ଆସନ୍ତା ଡିସେମ୍ବର ୫ରେ ଗୀତା ଜୟନ୍ତୀ ପାଳନ କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ପଣ୍ଡିତ ବ୍ରଜବିହାରୀ ତ୍ରିପାଠୀ ବେଦ ପଠନ କରିଥିଲେ ଏବଂ ନବଧାଭକ୍ତି, ଆଧାର କରି ରାମାୟଣ ବର୍ଣ୍ଣିତ ଶ୍ରୀରାମ-କୈବର୍ତ୍ତ ବୃତ୍ତାନ୍ତ ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ସତ୍ୟବନ୍ତ ବେଦବାକ ଶ୍ରୀମଦ ଭଗବତ ଗୀତା ଆଧାରରେ ଜନ୍ମ ମୃତ୍ୟୁ ରହସ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।

### ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ

**ବୋଡ଼େନ,୨୭।୧୧(ଡି.ଏନ୍.ଏ.):** ଦୀର୍ଘ ଦିନ ଧରି ବୋଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଫ୍ଲୋରାଇଡଯୁକ୍ତ ପାଣି ବ୍ୟବହାର ଯୋଗୁ ଲୋକେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗି ଆସୁଥିଲେ। ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ବୋଡେନ ଓ ଖଡିଆଳ ବ୍ଲକର ସୀମାନ୍ତ ଇନ୍ଦ୍ର ନଦୀ ତିଖାଲି ବନ୍ଧରୁ ମେଗା ପ୍ରକଳ୍ପ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କଲେ। ଲୋକେ ପାନୀୟ ଜଳ ସମସ୍ୟା ଶେଷ ହେବାର ଆଶା କରୁଥିଲେ। ହେଲେ ଦୁଇ ଦିନ ହେଲା ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପୁଣି ଥରେ ଲୋକେ ଫ୍ଲୋରାଇଡ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଜଳ ଯୋଗାଣ ବନ୍ଦ ହେବାର କାରଣ ଜାଣିବାକୁ ଜଳ ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ଲୋ ଭୋଲ୍‌ଟେଜ୍ ଯୋଗୁ ମୋଟର କାମ କରୁ ନାହିଁ। ପ୍ରାୟ ସମସ୍ତ ଓଭର ହେଡ୍ ଟାଙ୍କି ଖାଲି ହୋଇଯାଇଛି। ଫଳରେ ଜଳ ଯୋଗାଣ ହୋଇ ପାରୁ ନ ଥିବା ପ୍ରକାଶ କରିଛନ୍ତି। ଯଦି ଏବେ ଥଣ୍ଡା ଦିନରେ ଲୋଭୋଲ୍‌ଟେଜ୍ ସମସ୍ୟା ଦେଖା ଦେବ ତେବେ ଖରା ଦିନରେ ଅବସ୍ଥା ଅସମ୍ଭାଳ ହେବା ନିଶ୍ଚିତ। ଏ ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଦେଶ ଗଠନରେ ସହାୟକ ହୁଅ

**ଟିଟିଲାଗଡ,୨୭।୧୧(ଡି.ଏନ.ଏ.)**

### ଏନସିସି ଦିବସ ପାଳନ ଅବସରରେ କ୍ୟାଡେଟଙ୍କୁ ପରାମର୍ଶ

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି। ଏନସିସି ଅଫିସର ତଥା ଅଧକ୍ଷ ମେଜର ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନସିସି ପତାକା ଉତ୍ତୋଳନ କରିଥିଲେ। ସେ ଉପସ୍ଥିତ କ୍ୟାଡେଟମାନଙ୍କୁ ଶୃଙ୍ଖଳିତ ହେବା ସହିତ ଦେଶ ଗଠନରେ ସହାୟକ ହେବାକୁ ଉଦ୍‌ବୋଧନ ଦେଇଥିଲ। ଏହି କାର୍ଯ୍ୟକ୍ରମରେ ଡିଏଭି ସମେତ ବାଳକ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ସେଣ୍ଟ ଆନି ସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ସୁଶୀଲ ପାଢ଼ୀ, ବିଧାନ ମିଶ୍ର, ପୂର୍ବତନ ଏନସିସି ଅଫିସର ବୃନ୍ଦାବନ ଷଡଙ୍ଗୀ, ଶୁଚିସ୍ମିତା ମହାନ୍ତି, ଶତ୍ରୁଘ୍ନ ନାୟକ, ପୂର୍ବତନ କ୍ୟାଡ଼େଟ ସନ୍ତୋଷ ମହାନ୍ତି, ଅଜୟ ବର୍ମା, ରାଜେଶ ସାହୁ, ନାସିଦ ରଣା, ପଙ୍କଜ ନାମଦେବ, ନବୀନ ସିହ୍ନା, ତରୁଣ କୁମ୍ଭାର, ବିନୋଦ ପଟନାୟକ, ଚିର ପଟନାୟକ, ସନ୍ତୋଷ ବାଗ, ସୁନୀଲ ଭୋଇ, ପ୍ରମୁଖ ଯୋଗଦେଇ ତାଙ୍କ ଜୀବନରେ ଏନସିସି କି ପ୍ରଭାବ ପକାଇଛି ବର୍ଣ୍ଣନା କରିଥିଲେ। ପୂର୍ବତନ ଏନସିସି କ୍ୟାଡ଼େଟମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲାସ୍ତରୀୟ ପ୍ରଥମ ଚେସ୍ ଚାମ୍ପିୟନଶିପ୍ ୨ରୁ

**ମ.ରାମପୁର,୨୭।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ହେବାକୁ ଯାଉଛି ପ୍ରଥମ କଳାହାଣ୍ଡି ଜିଲା ଚେସ୍ ଚାମ୍ପିୟନଶିପ୍ । ଅଲ୍ ଓଡିଶା ଚେସ୍ ଆସୋସିଏଶନ ଦ୍ୱାରା ସହବନ୍ଧିତ ତଥା ନୂତନ ପଞ୍ଜୀକୃତ କଳାହାଣ୍ଡି ଜିଲା ଚେସ ଆସୋସିଏଶନ ପକ୍ଷରୁ ଏହା ଆୟୋଜନ କରାଯାଉଛି । ଜିଲା ସଭାପତି ରବିନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାରୱାଡି ଯୁବମୋର୍ଚ୍ଚା ଜାଗୃତି ଶାଖା ଭବାନୀପାଟଣାଙ୍କ ସହଯୋଗରେ ଅଗ୍ରସେନ ଭବନ, ଭବାନୀପାଟଣାଠାରେ ଏହି ଚାମ୍ପିୟନଶିପ୍ ଡିସେମ୍ବର ୨ ଓ ୩ ଦୁଇଦିନ ଧରି ଆୟୋଜନ ହେବାକୁ ଯାଉଛି। ୭ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିୟନଶିପ୍‌ର ପ୍ରତ୍ୟେକ ରାଉଣ୍ଡ ପାଇଁ ୨ ଘଣ୍ଟା ଅବଧି ରଖାଯାଇଛ। ଏଥିପାଇଁ ଯୁବ ଓ ବୟସ୍କଙ୍କ ପାଇଁ ଶହେ ଟଙ୍କା, ଛାତ୍ରୀଛାତ୍ରଙ୍କ ପାଇଁ ପଚାଶ ଟଙ୍କା ଲେଖାଏଁ ପଞ୍ଜୀକରଣ ଫି ରଖାଯାଇଛି। ବିଜେତାମାନଙ୍କୁ ପ୍ରଥମ ପୁରସ୍କାର ୫ହଜାର ଓ ଟ୍ରଫି, ଦ୍ୱିତୀୟ ପୁରସ୍କାର ୩ହଜାର ଓ ଟ୍ରଫି। ଏପରି ୧୯ଟି ପୁରସ୍କାର ରଖାଯାଇଛି । ତନ୍ମଧ୍ୟରୁ ବେଷ୍ଟ ଫିମେଲ୍, ବେଷ୍ଟ ଭେଟେରାନ୍, ଓ ଅଣ୍ଡର ସ୍କୋର ପୁରସ୍କାର ରାଶି ରଖାଯାଇଛି। ଜିଲାରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରବୀନ୍ଦ୍ର ସାହୁଙ୍କ ସମେତ ପ୍ରଭାତ ବ୍ରହ୍ମା, ବିଶ୍ୱରଞ୍ଜନ ପଣ୍ଡା, ଶ୍ୱେତା ଅଗ୍ରୱାଲ, ଜୟଶ୍ରୀ ଅଗ୍ରୱାଲ, ଶିବ ଯୋଶୀ, ସୁଶିଲ ପଣ୍ଡା ପ୍ରମୁଖ ସହଯୋଗ କରୁଥିବା ବେଳେ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ, କାର୍ତ୍ତିକ ଦଣ୍ଡସେନା ବ୍ୟବସାୟିକ ସହାୟତା ପ୍ରଦାନ କରିବେ। ଡିସେମ୍ବର ୩ ତାରିଖ ଦିନ ସନ୍ଧ୍ୟା ୬ଟା ବେଳେ ପୁରସ୍କାର ବିତରଣ ହେବ ବୋଲି ସଭାପତି ରବୀନ୍ଦ୍ର ସାହୁ ପ୍ରକାଶ କରିଛନ୍ତି ।

# କଂଗ୍ରେସର ଜୋନ୍‌ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ


କଂଗ୍ରେସର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

**କୋକସରା,୨୭।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଭାରତ ଜୋଡୋ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସର ଜୋନସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ହୋଇଥିଲା। କୋକସରା ଓ ମୋଟେର ଜୋନ ସଭାପତି କମଳ ଲୋଚନ ନାଏକ ଓ ଯତୀନ୍ଦ୍ର ଦଳାଇଙ୍କ ମିଳିତ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟିର କୋକସରା କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସର

### ଭାରତ ଯୋଡୋ ଅଭିଯାନ

ସଭାପତି ଭାରତ ଭୂଷଣ ବେମାଲ ଯୋଗଦେଇ କଂଗ୍ରେସକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ ନିର୍ବାଚନମଣ୍ଡଳୀ ସଂଗଠକ ରବୀନ୍ଦ୍ର କୁମାର ପାଟଯୋଷୀ, କୋକସରା ବ୍ଲକ ସଂଗଠକ ପୁରୁଷୋତ୍ତମ ଗୁପ୍ତା, ଗୋଲାମୁଣ୍ଡା ପୂର୍ବତନ ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ନିମାଇଁ ଧଙ୍ଗଡା ମାଝୀ, ମଣିଭଦ୍ର ପଣ୍ଡା, ଓବିସି ସେଲ ଜିଲା ସଭାପତି ଲିଙ୍ଗରାଜ ବେହେରା, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ମହାନନ୍ଦ ଯୋଗ ଦେଇଥିଲେ। ଯୁବନେତା ତ୍ରିଭୁବନ ନାଏକ, ଜିଲା ଯୁବ କଂଗ୍ରେସ ପ୍ରବକ୍ତା ବେନୁପାଣି ଦୁର୍ଗା, ଫକୀର ନାଏକ, ଛାତ୍ର କଂଗ୍ରେସ ଯୁବନେତା ସୁଜିତ କୁମାର ସରାଫ, ପୂର୍ବତନ ବ୍ଲକ ଅଧକ୍ଷା ତପସ୍ୱିନୀ ପ୍ରଧାନୀ, ଫୁଲତୋଳା ଖମାରି, ମାଧୁରୀ ନିଆଲ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ଦଳର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ତୃଣମୂଳ ସ୍ତରରେ ନିଷ୍ଠାପର ଭାବେ କାମ କରିବାକୁ କହିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଂଗ୍ରେସର କର୍ମକର୍ତ୍ତା ଉପସ୍ଥିତ କର୍ମୀଙ୍କୁ କହିଥିଲେ। ପୂର୍ବତନ ବ୍ଲକ ସଭାପତି ରାଜେନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକଙ୍କ ସମେତ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯାଦବ ସମାଜ ଯୁବ ସଙ୍ଗଠନ: ମହିଳା ମୋର୍ଚ୍ଚା ଗଠନ

**ବୋଡେନ୍, ୨୭।୧୧ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ପାତାଳଗଙ୍ଗା ସ୍ଥିତ ରାଧାକୃଷ୍ଣ ମନ୍ଦିର ସଭାଗୃହ ପରିସରରେ ବୋଡେନ ବ୍ଲକ ଯାଦବ ସମାଜର ଯୁବ ସଙ୍ଗଠନ ଓ ମହିଳା ମୋର୍ଚ୍ଚା ଗଠିତ ହୋଇଯାଇଛି। ବୋଡେନ ବ୍ଲକ ସଭାପତି ରାଜକିଶୋର ହେର୍ଣ୍ଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମାଜର ନୂଆପଡ଼ା ଜିଲା ଉପସଭାପତି ସୁରେଶ ବାଗ, ସମ୍ପାଦକ ବିଷ୍ଣୁପତି ବାଗ, ରାଧାକୃଷ୍ଣ ମନ୍ଦିର କୋଷାଧକ୍ଷ ଜୟରାମ ଜାଲ, ପୂର୍ବତନ ବ୍ଲକ ସଭାପତି ତଥା ମନ୍ଦିର ସମ୍ପାଦକ ବେଦବ୍ୟାସ ନାଗ, ଜିଲା ଉପଦେଷ୍ଟା ପର୍ଶୁରାମ ନିଆଲ, ମାଲଖମ ନାଗ ତଥା ବୋଡ଼େନ ବ୍ଲକ ଆଞ୍ଚଳିକ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଜିଲା ସଭାପତି ଭରତଲାଲ ରାଉତ ଓ ସମ୍ପାଦକ ତ୍ରିନାଥ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଏହି ବୈଠକରେ ଯୁବ ସଙ୍ଗଠନ ସଭାପତି ଭାବେ ବଳଭଦ୍ର କଟା ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ଫାଲଗୁନୀ ନିଆଲ, ଉପସଭାପତି ନାରାୟଣ ବାଗ, ଯୁଗ୍ମ ସମ୍ପାଦକ ହେମ ସାଗର ନାଗ, କୋଷାଧକ୍ଷ ଗିରେନ୍ଦ୍ର ନିଆଲ ମନୋନୀତ ହୋଇଛନ୍ତି। ସେହିପରି ମହିଳା ମୋର୍ଚ୍ଚା ସଭାପତି ଭାବେ ମିନତୀ କାଣ୍ଡ ମନୋନୀତ ହୋଇଥିବାବେଳେ ସତ୍ୟଭାମା ନାଗ ଉପସଭାପତି, ରୁଲା ହଂସ ସମ୍ପାଦକ, ଅମ୍ବିକା ବାଗ ଯୁଗ୍ମ ସମ୍ପାଦକ ଓ ପୂର୍ଣ୍ଣମୀ ବାଗ କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଶେଷରେ ବରିଷ୍ଠ କର୍ମକର୍ତ୍ତା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

# ଗ୍ରାମାଞ୍ଚଳରେ ସୃଷ୍ଟି ହେଉ ଶୈକ୍ଷିକ ପରିବେଶ


ନବନିର୍ମିତ ପାଠାଗାର ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

**ଦେଓଗାଁ, ୨୭।୧୧ (ଡି.ଏନ.ଏ.)**

### ପାଠାଗାରର ଲୋକାର୍ପଣ ଉତ୍ସବ

ବଲାଙ୍ଗୀର ସଦର ବ୍ଲକ ଭୂତିଆରବାହାଲରେ ରବିବାର ସୁରେଶ କୁମାର ନନ୍ଦ ମେମୋରିଆଲ ପାଠାଗାରର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କବିରାଜ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ, ମୁଖ୍ୟବକ୍ତାଭାବେ ପ୍ରଫେସର ମଧୁସୁଦନ ପତି, ଯୁଗଳ କିଶୋର ନନ୍ଦ ଯୋଗଦେଇଥିଲେ। ପ୍ରଥମେ ନବନିର୍ମିତ ପାଠାଗାର ଓ ସ୍ୱର୍ଗତ ନନ୍ଦଙ୍କ ପ୍ରତିମୂର୍ତ୍ତିକୁ ଅତିଥିଗଣ ଲୋକାର୍ପଣ କରିଥିଲେ । ପରେ ଅକ୍ଷୟ ଚୌଧୁରୀଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। କୁଡାସିଂହା ବୁଢ଼ାଡଙ୍ଗର କଲେଜର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏ ଅବସରରେ ଶିବ ପ୍ରସାଦ ସାହୁ ସ୍ୱର୍ଗତ ସୁରେଶ କୁମାର ନନ୍ଦ ତହସିଲଦାର ପଦରେ ଥାଇ ନିଜ ଜନ୍ମମାଟିରେ ଶିକ୍ଷାର ବିକାଶ ପାଇଁ କିଭଳି ଚିନ୍ତାଶୀଳ ରହୁଥିଲେ ତାହାର ସ୍ମୃତିଚାରଣ କରିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ନିଜ ଗାଁକୁ ଏକ ଆଦର୍ଶ ଗାଁରେ ପରିଣତ କରିବାପାଇଁ ଯୁବଗୋଷ୍ଠୀ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। କୈଳାସ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଧନେଶ୍ୱର ଦାଶ ଓ ସାଥୀଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭୁତିଆରବାହାଲ ଗାଁର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଏନ୍‌ଏସ୍‌ଏସ୍ ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଖଡ଼ିଆଳ,୨୭।୧୧(ଡି.ଏନ୍.ଏ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ (ଜାତୀୟ ସେବା ଯୋଜନା) ତରଫରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଖଡ଼ିଆଳ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଡା. ସୁରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ମଇଳା ତଥା ଆବର୍ଜନାଗୁଡିକୁ ସଫା କରିଥିଲେ। ଏହା ସହିତ ମହାବିଦ୍ୟାଳୟ ରାସ୍ତାରେ ଥିବା ମଇଳାଆବର୍ଜନାଗୁଡିକୁ ମଧ୍ୟ ସଫା କରିଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରୋଜ କଲଟା, ଯଜ୍ଞ ପ୍ରସାଦ ଶବର, ବୀରେନ୍ଦ୍ର ବାଗ, ଚୋକ୍ରମ ସାହୁ, ଦେବେଶ ତାଣ୍ଡି, ଜୟଶ୍ରୀ ସୁପକାର, ଦିପ୍ତିମୟୀ ବେହେରା, ଅଙ୍କିତା ଦଣ୍ଡସେନା, ସ୍ନେହା ଦାସ, ସନିଷ୍ଟା ସାହୁ, ସଂସ୍କୃତି ଗଡ଼ତିଆ, ରତ୍ନ ପଲ୍ଲବୀନୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ୭ରେ ନିର୍ମାଣ ଶ୍ରମିକଙ୍କ ଜିଲାପାଳ କାର୍ଯ୍ୟାଳୟ ଘେରାଉ

**ନୂଆପଡ଼ା ଅଫିସ,୨୭।୧୧**

ନୂଆପଡ଼ା ସଦର ଗୋଡ଼ଫୁଲା ଖେଳପଡିଆଠାରେ ନିର୍ମାଣ ଶ୍ରମିକ ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର ସଭାପତି ରୋହିତ କୂଳଦୀପ ସଭାପତିତ୍ୱ କରିଥିଲେ। ଗରିବସେନା ସଭାପତି ରବି ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆପଡ଼ା ଏକ ଦାଦନ ପ୍ରବଣ ଜିଲା ହୋଇଥିବାରୁ ବାହାର ରାଜ୍ୟରୁ ଆସି କାମ କରୁଥିବା ଠିକାଦାର ମିସ୍ତ୍ରୀ ଓ ଶ୍ରମିକମାନଙ୍କୁ ନିଷେଧ କରାଯାଉ। ନିର୍ମାଣ ଶ୍ରମିକଙ୍କୁ ସମସ୍ତ ଅଧିକାର ପ୍ରଦାନ ଓ କାମ ଯୋଗାଯାଉ ନଚେତ ଭତ୍ତା ଦିଆଯାଉ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୬ ତାରିଖ ମଧ୍ୟରେ ଜିଲା ପ୍ରଶାସନ ଆଲୋଚନା କରି ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୭ ତାରିଖ ଶତାଧିକ ନିର୍ମାଣ ଶ୍ରମିକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ବ୍ରିଜଲାଲ ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିଲେ। ଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁନୁ ଟାକୁର, ଲୁକେଶ ସାହୁ, ମିଲାଓ ଦଣ୍ଡସେନା, ବୁଦ୍ଧୁ ସୁନା, ମିଳନ ଗାଗେନ୍ଦ୍ର, ଦୌଲତ ଦଣ୍ଡସେନା, ଗଙ୍ଗାରାମ ସତନାମୀ, ମେସରାମ ସାହୁ, ସୌରାଜ ଦଣ୍ଡସେନା, ଭୁବନେଶ୍ୱର ସାହୁ, ଭଗତ ବାଗ, କୈଳାସ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।


ଗୋଡ଼ଫୁଲାଠାରେ ବୈଠକରେ ଉପସ୍ଥିତ ନିର୍ମାଣ ଶ୍ରମିକ।

# ଖଡ଼ିଆଳରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ବିଳମ୍ବିତ

**ଖଡ଼ିଆଳ,୨୭।୧୧(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସହର ହେଉଛି ଜିଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ତଥା ବ୍ୟବସାୟର ପେଣ୍ଠସ୍ଥଳ। ମାତ୍ର ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ବିଳମ୍ବିତ ହେଉଛି। ଖଡ଼ିଆଳ ହେଉଛି କଳା ସାହିତ୍ୟ ସଂସ୍କୃତିର ଗନ୍ତାଘର। ଏହି ସହରକୁ ଲାଗିରହିଛି ୩୫୩ ନଂ. ଜାତୀୟ ରାଜପଥ। ଏଠାକୁ ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ଲୋକେ ଯିବା ଆସିବା ତଥା ବାଣିଜ୍ୟ କରିବାକୁ ନିର୍ଭର କରିଥାନ୍ତି। ହେଲେ ଏ ପର୍ଯ୍ୟନ୍ତ ଏଠାରେ କୌଣସି ସ୍ଥାୟୀ ବସଷ୍ଟାଣ୍ଡ ନାହିଁ। ଫଳରେ ଏହି ସହରକୁ ଆସୁଥିବା ଅନେକ ଲୋକ ତଥା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁ ଥିବା ଅଭିଯୋଗ ହୋଇଆସୁଛି। ଯାତ୍ରୀମାନଙ୍କ ସୁବିଧାକୁ ନେଇ ପ୍ରଥମେ ଖଡ଼ିଆଳ ରାଜାଙ୍କ ଦରବାର ସମ୍ମୁଖରେ ଏକ ଅସ୍ଥାୟୀ ବସଷ୍ଟାଣ୍ଡ ହୋଇଥିଲା। ପରେ ଏହା ଖଡ଼ିଆଳ ୩୫୩ ନଂ. ମୁଖ୍ୟ ରାସ୍ତା ଖଡ଼ିଆଳ ଥାନା ସମ୍ମୁଖକୁ ଆସିଥିଲା। ପରବର୍ତ୍ତୀ ସମୟରେ ତତ୍କାଳୀନ ଉପଜିଲାପାଳ ସରୋଜ ଝା ଏହି ବସଷ୍ଟାଣ୍ଡକୁ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଅଧୀନରେ ଥିବା ବି.ଗ୍ରାଉଣ୍ଡ ଖେଳ ପଡିଆଠାରେ ସ୍ଥାନାନ୍ତରିତ କରିଥିଲେ। ପରେ ୨୦୧୪ ମସିହା ୨୯ ଜୁଲାଇରେ ନୂତନ ଭାବେ ଜିଲାପାଳ ଜୟ କୁମାର ଭି ଦାୟିତ୍ୱ ନେଇ ଏହାକୁ ଖଡିଆଳରେ ଥିବା ଦୁଇ ନମ୍ବର ପ୍ୟାରେଡ ପଡିଆକୁ ସ୍ଥାନାନ୍ତର କରିଥିଲେ। ହେଲେ ଏହି ବସଷ୍ଟାଣ୍ଡଟି ଅନେକ ସମସ୍ୟା ନେଇ ଗତି କରୁଛି। ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ମଧ୍ୟ ଏହି ବସଷ୍ଟାଣ୍ଡ ଶୀତ ଏବଂ ଖରାଦିନରେ ଧୂଳି ଉଡୁଥିବାବେଳେ ବର୍ଷା ଦିନ କଥା ନ କହିବା ଭଲ। ବର୍ଷା ଦିନରେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ କୃତ୍ରିମ ପୋଖରୀ ସଦୃଶ ହୋଇଥାଏ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବସରେ ଯିବା ଆସିବା ମଧ୍ୟ କଷ୍ଟକର ହୋଇଥାଏ। ଏହି ବସଷ୍ଟାଣ୍ଡକୁ ସ୍ଥାୟୀ କରାଯାଇ ନ ଥିବାରୁ ବେସରକାରୀ ବସଷ୍ଟାଣ୍ଡ ଭାବେ ଖଡ଼ିଆଳ ବସ ମାଲିକ ସଂଘ ଦାୟିତ୍ୱ ନେଇ ଏହାକୁ ସୁପରିଚାଳିତ କରୁଛନ୍ତି। ହେଲେ ଏବେ ମଧ୍ୟ ଏଠାରେ ପାନୀୟ ଜଳ, ଶୌଚାଳୟ, ରାସ୍ତାଘାଟ, ଦୋକାନ ଗୃହ କରିବାକୁ କୌଣସି କେବିନ ନିର୍ମାଣ ହୋଇପାରିନାହିଁ। ଫଳରେ ଏଠାକୁ ଆସୁଥିବା ଶହ ଶହ ଯାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏନେଇ ବିଭିନ୍ନ ସମୟରେ ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ଖଡ଼ିଆଳ ତହସିଲଦାର ଏପରିକି ଖୋଦ ଜିଲାପାଳ ଏହାର ସ୍ଥାୟୀ ସମାଧାନ ପାଇଁ ଏହି ବସଷ୍ଟାଣ୍ଡକୁ ପରିଦର୍ଶନ କରିଛନ୍ତି। ହେଲେ ଏଯାଏଁ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଖଡ଼ିଆଳ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଆନ୍ଦୋଳନର ଦାନା ବାନ୍ଧୁଛି।



ଖଡ଼ିଆଳ ସହରରେ ଥିବା ବସଷ୍ଟାଣ୍ଡ ।

**ଗଡତିଆପାଲିରେ ଆଜିଠୁ ଭାଗବତ ପାରାୟଣ**

ବରଗଡ଼ ଅଫିସ : ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଗୋଡଭଗା ନିକଟସ୍ଥ ଗଡତିଆପାଲି ଗ୍ରାମରେ ସୋମବାରଠାରୁ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ଡିସେମ୍ବର ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପାରାୟଣରେ ଭଗବତ୍ ଚର୍ଚ୍ଚା ହେବ। ପଣ୍ଡିତ ଅଜିତ ଦାଶ ଓ ତାଙ୍କ ସହଯୋଗୀଙ୍କ ତତ୍ତ୍ୱାବଧାନରେ ପରାୟଣ କରାଯିବ। ଏଥିରେ ବହୁସଂଖ୍ୟାରେ ଜନସାଧାରଣ ଯୋଗଦାନ କରିବେ ବୋଲି ଗଡତିଆପାଲି ହନୁଆଁପାଟ ମହିଳା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ମହିଳା ମୃତ

**ଡୁଙ୍ଗୁରିପାଲି, ୨୭।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି-ରାମପୁର ରାସ୍ତାର ସାଲେପାଲି ରାଇସ୍ ମିଲ ନିକଟରେ ବାଇକରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ ଗ୍ରାମର ସୋମନାଥ ମେହେରଙ୍କ ସ୍ତ୍ରୀ ପ୍ରମୋଦିନୀ (୩୮)। ସୂଚନା ମତେ ବେହେରାମାଲ ଗ୍ରାମର ସୋମନାଥ ପତ୍ନୀ ପ୍ରମୋଦୀନିଙ୍କୁ ଏକ ବାଇକରେ ଶଶୁର ଘର ବରଗଡ଼ ଜିଲା ବରପାଲି ଥାନା ଅମାମୁଣ୍ଡା ଗ୍ରାମକୁ ଯାଉଥିଲେ। ସାଲେପାଲି ରାଇସ୍ ମିଲ ନିକଟରେ ହଠାତ୍ ପ୍ରମୋଦିନୀ ବାଇକରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କୂଅରେ ପଡ଼ି ୩ ବର୍ଷର ଶିଶୁ ମୃତ

**କାଖେଇ ଥିଲେ ଅଜା, କାଖରୁ ଛିଟିକି କୂଅରେ ପଡିଥିଲା**

**ବିନିକା, ୨୭।୧୧(ଡି. ଏନ. ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କମିରା ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। କୂଅରେ ପଡି ଏକ ୩ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଶିକା ମହାକୁର। ନିକଟସ୍ଥ ରାଧାକୃଷ୍ଣ ମନ୍ଦିରରୁ ଅଜା ସୁରୁବାବୁ ମହାକୁରଙ୍କ ସହିତ ଯୋଶୀକା ସବୁଦିନ ଭଳି ପ୍ରସାଦ ଖାଇବାକୁ ଯାଇଥିଲେ। ଖାଇ ସାରିବା ପରେ ହାତ ଧୋଇବା ପାଇଁ ନିକଟରେ ଥିବା ନଳକୂଅ ପାଖକୁ ସୁରୁବାବୁ ଯୋଶିକାଙ୍କୁ କାଖେଇ କରି ନେଉଥିଲେ। ଏହି ସମୟରେ ସେ ଝୁଣ୍ଟି ପଡିବାରେ ତାଙ୍କ କାଖରେ ଥିବା ନାତୁଣୀ ଛିଟିକି ପାଖରେ ଥିବା ୩୦ଫୁଟ ଗଭୀର କୂଅରେ ପଡି ଯାଇଥିଲେ। ଖବର ପାଇ ରାମପୁରରୁ ଦମକଳ ବାହିନୀ ଘଟଣାସ୍ଥଳକୁ ଆସିଥିଲା। ହେଲେ ଆବଶ୍ୟକ ସାମଗ୍ରୀ ଆଣି ନ ଥିବାରୁ ଉଦ୍ଧାର କରିବାରେ ସମସ୍ୟା ହୋଇଥିଲା। ଶେଷରେ ସେଠାରେ ଉପସ୍ଥିତ ଥିବା ସାନ ଭାଲୁପାଲିର ଗୋବିନ୍ଦ ରାୟ କୂଅରୁ ଯୋଶିକାକୁ ବାହାରକୁ ଆଣିଥିଲେ। ତୁରନ୍ତ ତାଙ୍କୁ ବିନିକା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ତାଙ୍କୁ ମୃତ ଘୋଷିତ କରିଥିଲେ।

### ଅବକାରୀ ଚଢ଼ାଉ: ୫ ମାମଲା ରୁଜୁ, ୪ ଗିରଫ

**ପଦ୍ମପୁର, ୨୭।୧୧(ଡି.ଏନ.ଏ.):** ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ରବିବାର ଜଗଦଲପୁର, ପଦ୍ମପୁର, ସୋହେଲା ଓ ବୁଡେନ ଥାନା ଅଞ୍ଚଳରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସର୍ଗିବାହାଲର ପୁରନ୍ଦର ବରିହା, ଖୁଡେରଖାଏରର ନିବାସ ବାଙ୍କ, ଖଇରପାଲିର ଧୁବଲ ମଠାରୀ ଏବଂ ଜମରତଲାର ରମେଶ ବାଗ। ସେମାନଙ୍କଠାରୁ ୯୭ ଲିଟର ରନ୍ଧା ଦେଶୀ ମଦ, ୩୫୦୦ ଲିଟର ମହୁଲ ପୋଚ, ଏକ ବାଇକ୍ ଜବତ କରାଯିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଏକ୍ସ କ୍ୟାଡର ଶିକ୍ଷକ ସଂଘର ଦାବିପତ୍ର

**ଅମରପାଲି, ୨୭।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ କାର୍ଯ୍ୟରତ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ତରଫରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ସଭାପତି ବ୍ରଜବିହାରି ପଧାନଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତାମାନେ ବିଇଓ ଶାନ୍ତନୁ କୁମ୍ଭକାରଙ୍କ ମାଧମରେ ଦାବିପତ୍ର ପ୍ରଦାନ କରିଛନ୍ତି । ୨୦୧୯ ମାର୍ଚ୍ଚ ୩୧ରେ ଓଟିଇଟି ପାସ୍ କରିଥିବା ଶିକ୍ଷକମାନଙ୍କୁ କ୍ୟାଡରଭୁକ୍ତ କରିବା , ଚୁକ୍ତିଭୁକ୍ତଭାବେ କାର୍ଯ୍ୟ କରିଥିବା ୮ ବର୍ଷରେ ନିୟମିତ କରିବା ଏବଂ ୮ ଟି ଇନକ୍ରିମେଣ୍ଟ ପ୍ରଦାନ ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ମହେନ୍ଦ୍ର ବିଶ୍ୱାଳ, ରମେଶ ପଧାନ, ଚମ୍ପେଶ୍ୱର ମିଶ୍ର, ଶାନ୍ତିଲତା ଲୁହା ପ୍ରମୁଖ ଉପସ୍ଥିତ ଥିଲେ ।

### ଆନ୍ଦୋଳନରେ ଶିକ୍ଷକ ସଂଘ ସାମିଲ

**ପଦ୍ମପୁର, ୨୭।୧୧(ଡି.ଏନ.ଏ.):** ରାଜ୍ୟ ମିଳିତ ଶିକ୍ଷକ ମହାସଂଘ ଆହ୍ୱାନରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନରେ ପଦ୍ମପୁର ପ୍ରାଥମିକ ସଂଘ ସାମିଲ ହୋଇ ଧାରଣା ଦେଇଛି। ପ୍ରାଥମିକ ଶିକ୍ଷାରେ ଠିକା ଉଚ୍ଛେଦ, ଶିକ୍ଷା ସହାୟକଙ୍କ ଛଅ ବର୍ଷ ଚାକିରି କାଳ ଗଣନା ସହ ଇନକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ପୁନଃ ଲାଗୁ କରିବା ଦାବି ନେଇ ଏକ ଲକ୍ଷ ପଚିଶ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ରାଜଧାନୀ ରାଜରାସ୍ତାରେ ରଣହୁଙ୍କାର ଦେଇଛନ୍ତି ।

# ୨ ଚୋରି ବୋଲେରୋ ଉଦ୍ଧାର, ୩ ଗିରଫ

**ତରଭା, ୨୭।୧୧(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି।

ସୁବର୍ଣ୍ଣପୁର ଜିଲା ତରଭା ଓ ଉଲୁଣ୍ଡା ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଚୋରି ହୋଇଥିବା ୨ଟି ବୋଲେରୋ ପିକଅପ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ତରଭା ପୋଲିସ। ତରଭା ଥାନା ପରିସରରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଏ ନେଇ ସୂଚନା ଦେଇଛନ୍ତି। ଗତ ନଭେମ୍ବର ୧୫ ରାତିରେ ଉଲୁଣ୍ଡା ଥାନା ଲକ୍ଷ୍ମୀନଗର ଅଞ୍ଚଳରୁ ଏକ ବୋଲେରୋ ପିକ୍‌ଅପ(ଓଡି-୨୨-ଏଫ-୩୭୮୭) ଓ ଗତ ସେପ୍ଟେମ୍ବର ୨୦ ରାତିରେ ତରଭା ଥାନା ବଲାଡି ଗ୍ରାମରୁ ଜୟନାରାୟଣ ସାହୁଙ୍କ ବୋଲେରୋ(ଓଡି-୧୫-ଆର-୮୩୭୮) ଚୋରି ହୋଇଥିବା ତରଭା ଥାନାରେ ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତି କରି ତରଭା ଥାନା ପକ୍ଷରୁ ତଦନ୍ତ ଜାରି ରହିଥିଲା। କୌଣସି ସୂତ୍ରରୁ ଖବରପାଇ ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗୀର ଜିଲା ଦେଓଗାଁ ଥାନା କୁକୁରଖାଇ ଓ କୁଣ୍ଡେଇମାଲ ଧାନଖଳାରୁ ଉଭୟ ଗାଡ଼ିକୁ ଜବତ କରିଥିଲା। ଚଢ଼ାଉ କରି ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ବୌଦ୍ଧ ଜିଲା ବୀରାମଚନ୍ଦ୍ରପୁର ଗ୍ରାମର ଟୁନା ଓରଫ ପ୍ରତାପ କୁମାର ସେଠୀ (୩୫)ଙ୍କୁ ଗିରଫ କରିଥିଲା। ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନେପାଳ ଓରଫ ମିତ୍ର ପୋଢ (୩୪) ଓ ବେଡା ଓରଫ ସରୋଜ ପୋଢ଼ (୩୨) କୁଣ୍ଡେଇମାଲରୁ ଗିରଫ ହୋଇଥିଲେ।

**ଚୋରିରେ ବ୍ୟବହୃତ ମୁଖ୍ୟ ଅଭିଯୁକ୍ତଙ୍କ କାର ଜବତ**

ଚୋରିରେ ବ୍ୟବହୃତ ପ୍ରତାପଙ୍କ ରେନଲ୍ଟ ଡଷ୍ଟର ଗାଡ଼ି ନ. ଓଡି-୦୩-୭୫୭୬କୁ ପୋଲିସ ଜବତ କରିଥିଲା। ଅଭିଯୁକ୍ତମାନେ ଅନ୍ୟ କୌଣସି ଅପରାଧରେ ଜଡିତ ଅଛନ୍ତି ନା ନାହିଁ ତାହାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ନିଙ୍ଗୀ ପ୍ରକାଶ କରିଛନ୍ତି।

# ପରିବାରକୁ ମୃତଦେହ ହସ୍ତାନ୍ତର କଲା ପୋଲିସ

**ସୋନପୁର, ୨୭।୧୧(ନି.ପ୍ର.)**

ସୋନପୁର-ବିନିକା-ଡୁଙ୍ଗୁରିପାଲି ମେଜର ଡିଷ୍ଟ୍ରିକ୍ଟ ରୋଡ(ଏମଡିଆର)-୩୯ର ଧଉରାଖମନ ନିକଟରେ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବାଇକ୍ ଆରୋହୀ ବିନିକା ଥାନା ଘାଟି ଜାମପାଲି ଗାଁର ଦିଲୀପ ଗଟୁଆ(୩୫)ଙ୍କ ମୃତ୍ୟୁ ଘଟିଥିଲା । ମୃତକଙ୍କ ଭାଇ ପରମାନନ୍ଦଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ରବିବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଜାମପାଲିରେ ମୃତ ଯୁବକଙ୍କ ଶବସତ୍କାର କରାଯାଇଛି।

ପ୍ରକାଶ ଯେ, ଏହି ରାସ୍ତା ଚଉଡା କାମ ଜାରି ରହିଛି। ସୋନପୁର ଥାନା ଧଉରାଖମନ ପୂର୍ବରୁ ଏହି ରାସ୍ତାରେ ଏକ କର୍ଲଭଟ ନିର୍ମାଣ କାମ ଚାଲିଥିଲା।

**ଦୁର୍ଘଟଣାରେ ଯୁବକଙ୍କ ଆଖିରେ ପଶିଥିଲା ଲୁହାରଡ**

ଡାଇଭର୍ସନ ଦେଇ ଯାନବାହାନ ଗୁଡିକ ଯାତାୟତ କରୁଥିଲା। ତେବେ ବିନିକା ଅଭିମୁଖେ ବାଇକ୍‌ରେ ଯାଉଥିବା ଦିଲୀପ ଅନ୍ଧାର ଯୋଗୁଁ ଏହା ଜାଣି ପାରି ନଥିଲେ। ସିଧା ରାସ୍ତାରେ ଯାଇ ନିର୍ମାଣାଧୀନ କର୍ଲଭଟକୁ ତାଙ୍କ ବାଇକ ଧକ୍କା ଦେଇଥିଲେ। କର୍ଲଭଟରେ ବନ୍ଧା ଯାଇଥିବା ୧୬ ଏମଏମ ଲୁହା ରଡ ତାଙ୍କ ଆଖିରେ ପଶି ମୁଣ୍ଡ ଦେଇ ବାହାରି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠିକାଦାରଙ୍କ ଭୁଲ ପାଇଁ ଏହି ଦୁଃଖଦ ଦୁର୍ଘଟଣା ଘଟିଥିବା ତାଙ୍କ ଭାଇ ପରମାନନ୍ଦ ସୋନପୁର ଥାନାରେ ଅଭିଯୋଗ କରିଛନ୍ତି।

# ସମ୍ବିଧାନ ଗଣତନ୍ତ୍ରର ଦର୍ପଣ ସଦୃଶ




ସମ୍ବିଧାନ ଦିବସ ପାଳନ ଅବସରରେ ଅତିଥିମାନେ।

**ଅମରପାଲି, ୨୭।୧୧(ଡି.ଏନ.ଏ.)**

**ବୀରମହାରାଜପୁର କଲେଜରେ ସମ୍ବିଧାନ ଦିବସ ପାଳିତ**

ରାଷ୍ଟ୍ରର ସୁପରିଚାଳନା ପାଇଁ ସମ୍ବିଧାନର ଏକାନ୍ତ ଆବଶ୍ୟକତା ରହିଛି। ଏହା ସମଗ୍ର ଭାରତୀୟଙ୍କ ପାଇଁ ପବିତ୍ର ଧର୍ମଗ୍ରନ୍ଥ ସଦୃଶ। ସମ୍ବିଧାନର ସୁରକ୍ଷା କରିବା ସହିତ ଏହାର ନିର୍ଦ୍ଦେଶ ଅନୁସାରେ ସମସ୍ତେ କାର୍ଯ୍ୟ କରିବା ଉଚିତ ବୋଲି ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ କୁଞ୍ଜବନ ମେହେର, ଇତିହାସ ବିଭାଗ ମୁଖ୍ୟ ଡକ୍ଟର ହିମାଂଶୁ ଶେଖର ପାଢ଼ୀ, ଇଂଲିଶ ବିଭାଗ ମୁଖ୍ୟ ଗୀତାଞ୍ଜଳୀ ପୂଜାହାରୀ, ପରିଚାଳନା ସମିତି ସଭାପତି ସୟମ୍ଭୁନାଥ ଖଣ୍ଡଗିରୀ, ଉପ ଆରକ୍ଷୀ ଅଧିକ୍ଷକ ସମ୍ପଦ ଦାସ, ଅଧ୍ୟାପକ ଶିବ କୁମାର ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପିକା ଯାମିନୀ ଦାସ ଓ ଅଧ୍ୟାପକ ସ୍ମୃତି ରଞ୍ଜନ ଭରାସାଗର, ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଝରଣା ମିଶ୍ର ଓ ଚନ୍ଦନ କର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ନରେନ୍ଦ୍ର ଝାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପକ ବିଜୟ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତି ଲକ୍ଷ୍ମୀ କାନ୍ତ ସାହୁ, ସୁମନ୍ତ ବାଘ ଓ ବିୟୁଟି ସାହୁ (+୩ ବିଭାଗ), ପ୍ରତୀକ୍ଷା ପ୍ରଧାନ, ଅଙ୍କିତା ପୁରୋହିତ ଓ ସୌଭାଗ୍ୟବତୀ ଥନାପତି (+୨ ବିଭାଗ)ଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟ ପୂର୍ବରୁ ସମ୍ବିଧାନର ମୁଖବନ୍ଧ ପାଠ କରିବା ସହିତ ଏହାର ସୁରକ୍ଷା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।

### ଧନୁଯାତ୍ରା ପାଇଁ କଂସ ବରଣ

**ଉଲୁଣ୍ଡା, ୨୭।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ପଞ୍ଚଦଶ ଧନୁଯାତ୍ରା ମହୋତ୍ସବ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର କଂସ ବରଣ କରାଯାଇଛି। ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ସଭାପତି ହିମାଂଶୁ ଶେଖର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ଉଲୁଣ୍ଡା ଧନୁଯାତ୍ରାରେ ଅଭିନୟ ପାଇଁ ଚିଚିଣ୍ଡାର ସୁଶୀଲ କୁମାର ମେହେରଙ୍କୁ କଂସଭାବେ ବରଣ କରଯାଇଥିଲା। ଏହି ଅବସରରେ ସଭାପତି ହିମାଂଶୁ ଶେଖର ତ୍ରିପାଠୀ, ଉପସଭାପତି କୈଳାସ ଚନ୍ଦ୍ର ପୁରୋହିତ ଉପଢୌକନ, ନାରିକେଳ ସମର୍ପଣ କରି କଂସ ବରଣ କରିଥିଲେ। ଏଥିରେ ଶ୍ରୀକୃଷ୍ଣ ସାଂସ୍କୃତିକପରିଷଦସମସ୍ତକର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ଏଗାର ଦିନ ଧରି ଧନୁଯାତ୍ରା ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।

### ଖଡୁରା ସମାଜର ମହାସମ୍ମିଳନୀ

**ବରପାଲି, ୨୭।୧୧(ଡି.ଏନ.ଏ.)**

ବରପାଲି ନିକଟସ୍ଥ କାଇଁଶିର ଗ୍ରାମରେ ରବିବାର ଖଡୁରା ସମାଜର ମହାସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖଡୁରା ସମାଜର ମାହେଶ୍ୱରୀ ସେନା ସଭାପତି ପୁଷ୍ପରାଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଟହଲୁ ସାହୁ ମୁଖ୍ୟ ଅତିଥି, ଧନୁର୍ଜୟ ପାତ୍ର ମୁଖ୍ୟ ବକ୍ତା, ଫାଲଗୁନି ସାହୁ, ଶଙ୍କର ପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଖଡୁରା ସମାଜର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ପାତ୍ର, ଅମୂଲ୍ୟ କିଶୋର ପାତ୍ର, ଓ ପୂର୍ଣ୍ଣାନନ୍ଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ମହାସମ୍ମିଳନୀରେ ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର ବହୁ ସଭ୍ୟ ଉପସ୍ଥିତ ଥିଲେ।

# ପରେଡରେ ୫୨କ୍ୟାଡେଟଙ୍କ ଅଂଶଗ୍ରହଣ



ଏନସିସି ଦିବସ ପାଳନ ଅବସରରେ ଉପସ୍ଥିତ କ୍ୟାଡେଟ ଓ ଅତିଥି।

**ଅମରପାଲି, ୨୭।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମେ ପତାକା ଉତ୍ତୋଳନ କରିଥିଲେ । ମହାବିଦ୍ୟାଳୟ ଏନସିସି ଅଧ୍ୟାପକ କ୍ୟାପଟେନ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଶେଷରେ ପ୍ୟାରେଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ପଧାନ ପରେଡ଼ ପରିଚାଳନା କରିଥିବା ବେଳେ ବରିଷ୍ଠ କ୍ୟାଡେଟ ମହେନ୍ଦ୍ର ମେହେର, ନିମଜ ବାରିକ, ହେମନ୍ତ ରାଉତ,ଚକ୍ରଧର ସାହୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାବିଦ୍ୟାଳୟର ୫୨ଜଣ ଏନସିସି କ୍ୟାଡେଟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ସୋନପୁର କଲେଜରେ ଏନ୍‌ସିସି ଦିବସ ପାଳିତ

**ସୋନପୁର, ୨୭।୧୧(ନି.ପ୍ର.)**

ସୋନପୁର କଲେଜ ଏନସିସି ପକ୍ଷରୁ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି। ୧୧ ବାଟାଲିୟନ କମାଣ୍ଡିଙ୍ଗ ଅଫିସର କେଦାରନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏନସିସି ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଦିବସ ପାଳନ ହୋଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏନସିସି କ୍ୟାଡେଟ୍ ମାନଙ୍କୁ ଏକତା, ଅନୁଶାସନ, ନିସ୍ୱାର୍ଥ ସେବା, ଦେଶଭକ୍ତି ଓ ବିଭିନ୍ନ ଦାୟିତ୍ୱ ସମ୍ପର୍କରେ ସଚେତନ କରିଥିଲେ। ସମ୍ମାନିତ ଅତିଥିଭାବେ ଇଂଲିଶ ବିଭାଗୀୟ ମୁଖ୍ୟ ଡ. କଳ୍ପନା ମିଶ୍ର, ଲେଫ୍ଟନାଣ୍ଟ ଅନନ୍ତ ନାରାୟଣ ଦାଶ ଯୋଗଦେଇ କ୍ୟାଡେଟ୍ ମାନଙ୍କୁ ଭଲ ପାଠ ପଢ଼ିବା ସହିତ ଏନସିସିକୁ ଏକ ବୃତ୍ତି ଭାବରେ ବାଛିବା ପାଇଁ ପରାମର୍ଶ ଦେଇଥିଲେ ।



ଏନସିସି କ୍ୟାଡେଟ୍‌ଙ୍କ ଗହଣରେ ଅତିଥିବୃନ୍ଦ।

# ସିଭିଲ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ

**ସୋନପୁର, ୨୭।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୋନପୁର ସିଭିଲ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ ରଶ୍ମିରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ଏକ ଭାଇଚାରାର ଦେଶ ଏବଂ ଏଠି ସମସ୍ତେ ମିଳିମିଶି ରହିବାକୁ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିବାର ଅଦାଲତ ଜଜ ପ୍ରଜ୍ଞା ପାଣିଗ୍ରାହୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରିୟ ରଞ୍ଜନ ବାରିକ, ରେଜିଷ୍ଟ୍ରାର ସଦ୍ୟସ୍ନାତା ପତି, ବରିଷ୍ଠ ଦେୱାନୀ ଜଜ କମଳାକାନ୍ତ ନାୟକ ଓ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁନୀତା ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଅତିଥି ପ୍ୟାନେଲ ଓକିଲ, ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଓ ଜିଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀମାନେ ସମ୍ବିଧାନର ପ୍ରସ୍ତାବନା ପୃଷ୍ଠାରୁ ଶପଥପାଠ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ କୁମୁଦିନୀ ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଏଲିନା ବାଳିକା, ରାଧାକାନ୍ତ ବାଳକ ଚାମ୍ପିୟନ

**ଅମରପାଲି, ୨୭।୧୧(ଡି.ଏନ.ଏ.)**

**ସୁବଳୟା କଲେଜର ବାର୍ଷିକ କ୍ରୀଡ଼ା**

ସୁବର୍ଣ୍ଣପୁର ଜିଲାବୀରମହାରାଜପୁର ବ୍ଲକ ସୁବଳୟା +୨ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ରବିବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଭୋଳାନାଥ କର୍ମିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବରେ ବୀରମହାରାଜପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଦୀନବନ୍ଧୁ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ କ୍ରୀଡା ବ୍ୟକ୍ତିର ମନ ପ୍ରଫୁଲ୍ଲିତ ରଖିବା ସହ ସୁସ୍ଥ ରଖିଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ଶହେ ମିଟର ଦୌଡ, ୨ଶହ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ ଥ୍ରୋ, ଡିସକସ ଥ୍ରୋ, ଜେଭେଲିନ ଥ୍ରୋ, ପଟାଟୋ ରେସ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ବାଳକ ବିଭାଗରେ ରାଧାକାନ୍ତ ସେଠୀ ଓ ବାଳିକା ବିଭାଗରେ ଏଲିନା ସାହୁ ଚାମ୍ପିୟନ ଭାବେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସୌଖୀନ ପୋଷାକ ପ୍ରତିଯୋଗିତାରେ ଅମରେଶ ପଧାନ, ଏଳିନା ପଧାନ ଓ ଚନ୍ଦ୍ରିକା କର୍ଣ୍ଣ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ବାର୍ଷିକ କ୍ରୀଡ଼ାରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ବରଗଡ଼କୁ ହରାଇ ସୋନପୁର ଚାମ୍ପିୟନ



ଅତିଥିଙ୍କ ସହିତ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

**ଅମରପାଲି, ୨୭।୧୧(ଡି.ଏନ.ଏ)**

**୮ମ ବୈଷ୍ଣବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ପଞ୍ଚାୟତ କୁଡାପଡା ଗ୍ରାମରେ ଭଗବତୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ବୈଷ୍ଣବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସୋନପୁର ଚାମ୍ପିୟନ ହୋଇଛି। ରବିବାର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ସମ୍ବଲପୁର ଏଫ.ସି ଓ ଦେବଗଡ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ସମ୍ବଲପୁର ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସୋନପୁର-୧୧ଷ୍ଟାର ଓ ସମ୍ବଲପୁର ଲିଟିଲଷ୍ଟାର ମଧ୍ୟରେ ହୋଇଥିଲା। ସୋନପୁର ୧-୦ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ସମ୍ବଲପୁର ଏଫ.ସି ଓ ଦ୍ୱିତୀୟ ମ୍ୟାଚ ବିଜେତା ସୋନପୁର ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ଖେଳା ଯାଇଥିଲା। ଟାଇବ୍ରେକରରେ ସୋନପୁର ୩-୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ସୋନପୁର ଓ ବରଗଡରେ ହୋଇଥିଲା। ଏଥିରେ ସୋନପୁର ୨-୦ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ ଲୁହା ଓ ଜଟେସିଙ୍ଘା ହାଇସ୍କୁଲ ପ୍ରଧାନ ଶିକ୍ଷକ ତ୍ରିପୁରାରୀ ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସୋନପୁରର ସୁନୀଲ ବାଘଙ୍କୁ ଶ୍ରେଷ୍ଠ ଗୋଲ କିପର, ଦୀପକ ଓରାମଙ୍କୁ ଶ୍ରେଷ୍ଠ ଡିଫେଣ୍ଡ୍ର, ମିଥୁନ ସାହୁଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ବରଗଡର ଅମରେଶ ଲାକ୍ରାଙ୍କୁ ଶ୍ରେଷ୍ଠ ସ୍କୋରରଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସୋନପୁରକୁ ନଗଦ ଅର୍ଥ ରାଶି ସହିତ ଟ୍ରଫି ଓ ରନର୍ସ ଅପ ବରଗଡକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସଲିମ ବେହେରା, ଜିତେନ୍ଦ୍ର ଥନାପତି, ସାଗର ବେହେରା ଓ ଅଶ୍ୱିନୀ ମେହେର ଖେଳ ପରିଚାଳନା କରିଥିଲେ। ରିଙ୍କୁ ବିଶ୍ୱାଳ,ରବିନ୍ଦ୍ର ସାହୁ,ଚନ୍ଦ୍ର ଶେଖର ସାହୁ ଓ ଲକ୍ଷ୍ମଣ ବିଶାଳ ଧାରା ବିବରଣୀ ପ୍ରଦାନ କରିଥିଲେ।

**ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ**

ହେମଗିର, (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଖୁଲେନବରଠାରେ ରବିବାର ଏକ କାଠ ବୋଝେଇ ଟାକ୍ଟର ଓଲଟି ପଡିବାରୁ ଡ୍ରାଇଭର ନକୁଲ ବରିହା (୩୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କର ଘର ବୁର୍ଧର ଗ୍ରାମର ବୋଲି ଜଣାପଡିଛି। ଖବରପାଇ ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୨୭।୧୧:** ରେଳ ଲାଇନ ପାର ହେଉଥିବା ବେଳେ ରବିବାର ଟ୍ରେନ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରଞ୍ଜିତ କୁମାର ରାଉତ। ଜିଆର୍‌ପି ପୋଲିସ ଏ ନେଇ ଏକ ମାମଲା (ନଂ.୮୧।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀ ହରିପୁର ବସ୍ତିର ରଞ୍ଜିତ ଶନିବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ବାସନ୍ତୀ ରେଲୱେ ଫାଟକ ଅତିକ୍ରମ କରୁଥିବା ବେଳେ ତାଙ୍କୁ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଖବର ପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଞ୍ଜିତଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ସାଢେ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜୁଆଖେଳ: ୧୨ବାଇକ୍, ଗୋଟିଏ କାର୍ ଜବତ

**କୁଆଁରମୁଣ୍ଡା,୨୭।୧୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଜଗଦିଶପୁର ଜଙ୍ଗଲରେ ରବିବାର ଅପରାହ୍ନରେ ଜୁଆ ଓ କୁକୁଡା ଲଢେଇ ଚାଲୁଥିଲା ବେଳେ ଅତର୍କିତଭାବେ ଫାଣ୍ଡି ପୋଲିସ ଚଢାଉ କରିଛି। ଜୁଆଡିମାନେ ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇ ଜଙ୍ଗଲକୁ ପଳାଇ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୩ହଜାର ୨ଶହ ଟଙ୍କା ଓ ୧୨ଟି ବାଇକ୍ ସହ ଗୋଟିଏ କାରକୁ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଜୁଆ ଖେଳୁଥିବା ବ୍ୟକ୍ତିମାନଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

### କାରଖାନାରୁ ଚୋରିବେଳେ ୨ ଗିରଫ

**ଝାରସୁଗୁଡା ଅଫିସ,୨୭।୧୧:** ଝାରସୁଗୁଡା ମରାକୁଟାସ୍ଥିତ ଆକ୍ସନ୍ ଇସ୍ପାତ କାରଖାନାରୁ ଶନିବାର ଚୋରି କରୁଥିବାବେଳେ ପୋଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ମୁଙ୍ଗାପଡାର ରାମଶଙ୍କର ପାଶୱାନ ଓ ସୁମିତ ସୁନା। ଏମାନଙ୍କୁ ପୋଲିସ୍ ରବିବାର କୋର୍ଟ ଚାଲାଣ କରିଛି। ଏମାନଙ୍କ ନିକଟରୁ ପୋଲିସ୍ ଚୋରିରେ ବ୍ୟବହୃତ ଓଡି୨୩ଜେ-୭୩୭୩ନଂ ବୋଲେରୋ ପିକ୍‌ଅପ୍ ଗାଡି ସହ ୮୫୦କି.ଗ୍ରା.ର କଣ୍ଡକ୍ଟର କେବୁଲ ଜବତ କରିଛି। ଏ ନେଇ ସଦର ଥାନା ଏଏସ୍‌ଆଇ ରଷବ କୁମାର ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ୨୬୪/୨୨) ରୁଜୁ କରିଛି।

### ଗାୟତ୍ରୀ ଯଜ୍ଞ

**ବଡ଼ଗାଁ, ୨୭।୧୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ବିଶ୍ୱଶାନ୍ତି ନିମନ୍ତେ ତ୍ରି କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅଶୋକ ଦାସ ଓ ତାଙ୍କ ସ୍ତ୍ରୀ ଚାଳ କୁମାରୀ ଦେବୀ ମୁଖ୍ୟକର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଦ୍ୱିତୀୟ ଓ ତୃତୀୟ କୁଣ୍ଡରେ ଯଥାକ୍ରମେ ମନୋହରପୁରର ମନମୋହନ ନାଏକ ଓ ତାଙ୍କ ସ୍ତ୍ରୀ ଓ ରଜେଶ୍ୱରୀ କାଲୋ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ହାଇସ୍କୁଲର ପୂର୍ବତନ ଶିକ୍ଷକ ଦୁର୍ଗାମାଧବ ନାଏକଙ୍କ ସହିତ ସୀତାରାମ କେଶରୀ, ପରମାନନ୍ଦ ବାଗ, କୃଷ୍ଣଚନ୍ଦ୍ର ସାହୁ , ସତ୍ୟବାନ ବିଶି, ପୁଷ୍ପକ ପ୍ରଧାନ, ରବିରାତ୍ନ ସାଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା।

# ନିଃସ୍ୱାର୍ଥପର ସେବା ଜୀବନରେ ଶାନ୍ତି, ଖୁସି ଆଣିଥାଏ

## ବ୍ରହ୍ମାକୁମାରୀ ସଂସ୍ଥାର ରଜତ ଜୟନ୍ତୀ ସମାରୋହ

**ସୁନ୍ଦରଗଡ଼,୨୭।୧୧(ଡି.ଏନ.ଏ.)**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁନ୍ଦରଗଡ଼ ଶାଖାର ରଜତ ଜୟନ୍ତୀ ସମାରୋହ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ମାଦ୍ରିକାଲୋ ଭବନଠାରେ ଆୟୋଜିତ ଭବ୍ୟ ସମାରୋହରେ ଏହି ସଂସ୍ଥାର ରାଜସ୍ଥାନ ମାଉଣ୍ଟ ଆବୁ ସ୍ଥିତ ଅନ୍ତରାଷ୍ଟ୍ରୀୟ ମୁଖ୍ୟାଳୟ କଳାକାର ଓ ସଂସ୍କୃତି ବିଭାଗର ମୁଖ୍ୟାଳୟ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ସତୀଶ ଭାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ବକ୍ତବ୍ୟରେ ୨୫ ବର୍ଷର ତ୍ୟାଗ ଓ ତପସ୍ୟା ବଳରେ ଗଢି ଉଠିଥିବା ଏହି ପବିତ୍ର ଅନୁଷ୍ଠାନ ଆଧ୍ୟାତ୍ମିକତାର ବାର୍ତ୍ତା ବାଣ୍ଟି ଅନେକ ମନୁଷ୍ୟ ଆତ୍ମାର କଲ୍ୟାଣ ପାଇଁ ଆଲୋକ ବର୍ତ୍ତିକା ସଦୃଶ କାମ କରୁଛି ବୋଲି କହିଥିଲେ। ରାଉରକେଲା ସବ୍‌ଜୋନ ନିର୍ଦ୍ଦେଶିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ବିମଳା ଦିଦି ମୁଖ୍ୟବକ୍ତା ରୂପେ ଯୋଗଦେଇ ନିଃସ୍ୱାର୍ଥପର ସେବା ଦ୍ୱାରା ଜୀବନରେ ଶାନ୍ତି ଓ ଖୁସି ଅନୁଭୂତି ଆସିଥାଏ ବୋଲି କହିଥିଲେ। ମାଉଣ୍ଟ ଆବୁରୁ ଆଗତ ରାଜଯୋଗୀ ବ୍ରହ୍ମାକୁମାର ଅର୍ଜୁନ ଭାଇ, କଲିକତାରୁ ଆସିଥିବା ରାଜଯୋଗିନୀ ବ୍ରହ୍ମକୁମାରୀ କମଳା ଦିଦି ଯୋଗଦେଇ କହିଥିଲେ ଯେ, ଦିବ୍ୟଗୁଣକୁ ଧାରଣ କଲେ ଜୀବନରେ ମହାନତା ଆସିଥାଏ। ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଏବଂ ବ୍ୟବସାୟୀ ଅନିଲ ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମକୁମାରୀ ସଂସ୍ଥାର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ରଜତ ଜୟନ୍ତୀ ଅବସରରେ ୨୫ବର୍ଷ ପୂର୍ତ୍ତି କରିଥିବା ବ୍ରହ୍ମ କୁମାରୀ କୁମାରମାନଙ୍କୁ ସମ୍ମାନିତ କରାଯାଇଥିଲା। ରାଜଯୋଗିନୀ ବିମଳା ଦିଦିଙ୍କ ୫୦ ବର୍ଷ ପୂର୍ଣ୍ଣ ଅବସରରେ ସ୍ୱର୍ଣ୍ଣିମ ଜୟନ୍ତୀ ପାଳନ କରାଯାଇଥିଲା।

ରାଉରକେଲା ଶାଖାର ବ୍ରହ୍ମକୁମାରୀ ଅଞ୍ଜଳୀ, ସୀମା, ଜୟଶ୍ରୀ, ବ୍ରହ୍ମକୁମାର ବନୋଜ ସୁନ୍ଦରଗଡ ଶାଖାର ପଙ୍କଜ ପଟେଲ, ବାଣେଶ୍ୱର ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର, ଦୁର୍ଯ୍ୟୋଧନ ଭାଇ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାଉଣ୍ଟ ଆବୁରୁ କଲିକତା ତଥା ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ଅତିଥିମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସୁନ୍ଦରଗଡ଼ କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋତ୍ସ୍ନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମାରୋହ ଉଦ୍‌ଘାଟନ ପୂର୍ବରୁ ବ୍ରହ୍ମାକୁମାରୀ ବ୍ରହ୍ମକୁମାର ଭାଇ ଭଉଣୀମାନେ ଶଙ୍କରା ରିଜର୍ଭ ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ମାଦ୍ରିକାଲୋ ଭବନଠାରେ ପହଞ୍ଚିଥିଲେ।



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁନ୍ଦରଗଡ଼ ଶାଖାର ରଜତ ଜୟନ୍ତୀ ସମାରୋହ ମୁହୂର୍ତ୍ତ।

# ବନ୍ଧବାହାଲ ଧନୁଯାତ୍ରାରେ କଂସହେବେ ସୁଶୀଲ

**ଝାରସୁଗୁଡ଼ା ଅଫିସ,୨୭।୧୧**

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରାରେ ଚଳିତବର୍ଷ ବରଗଡ ଜିଲା ଚିଚିଣ୍ଡା ଗ୍ରାମର ସୁଶିଲ କୁମାର ମେହେର କଂସ ମହାରାଜ ଭୂମିକାରେ ଅଭିନୟ କରିବେ। ସେ ତାଙ୍କର ସହମତି ପ୍ରକାଶ କରିବା ପରେ ଧନୁଯାତ୍ରା କମିଟିର ଏକ ୧୦ଜଣିଆ ପ୍ରତିନିଧି ଦଳ ତାଙ୍କ ଗ୍ରାମକୁ ଯାଇ ପରମ୍ପରା ଅନୁଯାୟୀ ମେହେରଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ବରଣ କରିଥିଲେ। ପୂର୍ବରୁ ମେହେର ୨୦୧୮ରେ ଏଠାରେ କଂସ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ବରଣବେଳେ ମହୋତ୍ସବ କମିଟି ସମ୍ପାଦକ ପ୍ରେମାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ କରାଳୀ, କୋଷାଧ୍ୟକ୍ଷ ରବୀନ୍ଦ୍ର ସିଂହ, ଉପଦେଷ୍ଟା ସୌକିଲାଲ ପ୍ରଧାନ, ବିଜୟ କୁମାର ପତି, ମହେନ୍ଦ୍ର କଣ୍ଟା, ଅଶୋକ ସାହୁ, ତେଜରାଜ ବହିଦାର, ଜଗନ୍ନାଥ କଉଡି ଓ କପିଳ ଭୋଇ ପ୍ରମୁଖ ଉପସ୍ଥିତଥିଲେ। ସୂଚନାଯୋଗ୍ୟ ଚଳିତବର୍ଷ ଏହି ଧନୁଯାତ୍ରା ଆସନ୍ତା ଡିସେମ୍ବର ୩୧ରୁ ଆରମ୍ଭ ହୋଇ ଜାନୁୟାରୀ ୬ତାରିଖରେ ଶେଷ ହେବ।


ଧନୁଯାତ୍ରା ମହୋତ୍ସବ କମିଟି ତରଫରୁ ସୁଶୀଲଙ୍କୁ କଂସ ଭାବେ ବରଣ କରାଯାଉଛି।

# ସରପଗଡ଼ ଡ୍ୟାମ୍‌ଠାରେ ବିଜେଡି କର୍ମୀ ସମ୍ମିଳନୀ



ବିଜେଡି କର୍ମୀ ସମ୍ମିଳନୀରେ ମଞ୍ଚାସୀନ ନେତା, ଅତିଥି।

**ଲେଫ୍ରିପଡା,୨୭।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସରପଗଡ଼ଡ୍ୟାମଠାରେ ବିଜେଡି କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଲେଫ୍ରିପଡା ଲ୍ୟାମ୍ପସ ସଭାପତି ତଥା ବିଜେଡି ଯୁବନେତା ସୁନୀଲ କୁମାର କାଲୋଙ୍କ ଅଧ୍ୟକ୍ଷତା କ୍ରମେ ପୂର୍ବତନ ତଳସରା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଡା.ପ୍ରଫୁଲ୍ଲ ମାଝୀ, ବଡ଼ଗାଁ ବ୍ଲକର ଜିଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ତଳସରା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ରାମପ୍ରସାଦ ପୁରୋହିତ, ସିଭିଲ ଚନ୍ଦ୍ର ନାଏକ, ସତ୍ୟ ନାରାୟଣ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଲେଫ୍ରିପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମଦନ ଛତ୍ରିଆ, ନିକୋଲାସ କୁଜୁର, ଯୋଗେଶ୍ୱର ସା, ବ୍ରଜରାମ ଡନସନା ପ୍ରମୁଖ ନେତୃମଣ୍ଡଳୀ ମଞ୍ଚାସୀନ ହୋଇଥିଲେ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଶାସନ ଚାଲୁ ଥିଲେ ମଧ ତଳସରା ନିର୍ବାଚନ ମଣ୍ଡଳୀରେ ଆଜି ପର୍ଯ୍ୟନ୍ତ ବିଜେଡିର ବିଧାୟକ ନିର୍ବାଚିତ ହୋଇପାରୁ ନ ଥିବାରୁ ଆଗାମୀ ଦିନରେ ସମସ୍ତେ ମିଳିମିଶି ଜଣେ ବିଧାୟକ ଏବଂ ସାଂସଦ ନିର୍ବାଚିତ କରିବା ପାଇଁ ଅତିଥିଗଣ ଆହ୍ୱାନ କରି ଥିଲେ। ଅନ୍ୟ ପକ୍ଷରେ ବିଜେଡିର ଜିଲାସ୍ତରରେ ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶେଷ ତଳସରା ନିର୍ବାଚନମଣ୍ଡଳୀର ସମସ୍ତ ବ୍ଲକରେ ବହୁ ସଂଖ୍ୟାରେ କର୍ମୀମାନଙ୍କୁ କୌଣସି କାର୍ଯ୍ୟକ୍ରମରେ ଅଣଦେଖା କରି ଚାଲୁଥିବାରୁ ବହୁ କର୍ମୀ କୋଣଠେସା ରହୁଥିବାରୁ ଏହାରି ଉପରେ ବିଷୋଦଗାର ଝାଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡା ବିଜେଡି ପକ୍ଷରୁ ମହେନ୍ଦ୍ର ଚୌଧୁରୀ, ସୁମନ୍ତ ନାଏକ, ଜନ୍ମେଜୟ ପଟେଲ, କ୍ଷୀରୋଦ ପୃଷେଠ, ପାଣ୍ଡ ରାଉତ, ସଞ୍ଜୟ ପଟେଲ, ସୁଶୀଲ ନାଏକ, ଟଙ୍କଧର ପଟେଲ, ନିରଞ୍ଜନ ବେହେରା, ଗୌତମ ସେଠ, କୁଶ ସେଠ, ଗୋପାଳ ମରାଇ, ମାଙ୍ଗରା ଭଗତ, କେଦାର ସିଂ, ପ୍ରମୋଦ ନାଏକ ପ୍ରମୁଖଙ୍କ ସହ କୁଲାବିରା, ଗିରିଙ୍ଗକେଲା, ରାଜବାହାଲ, ସରପଗଡ଼, ହୁର୍ମେଇ, ମଶାବିରା, ଲେଫ୍ରିପଡା, ଗୁଣ୍ଡିଆଡ଼ିହି ପଞ୍ଚାୟତର ବହୁ ସଂଖ୍ୟାରେ ବିଜେଡି କର୍ମୀ ଯୋଗଦାନ କରିଥିଲେ।

# ବିଭିନ୍ନ ଦାବି ନେଇ ଜେସିବି ଚାଳକ ସଂଘର ସାଧାରଣ ବୈଠକ

**ବଡ଼ଗାଁ, ୨୭।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କାଦୋପଡା ଗ୍ରାମରେ ରବିବାର ଜେସିବି ଚାଳକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଜେସିବି ଚାଳକମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଜିଲା କର୍ମକର୍ତ୍ତା ଦୀପକ କୁମାର ସାହୁ, ମିଥୁନ ମହାରଣା, ରଞ୍ଜନ ବେହେରା, ଯୁଧିଷ୍ଠିର ମିଞ୍ଜ, ସତ୍ୟନାରାୟଣ ବେହେରା, ସୁବ୍ରତ ସାହୁ, ଗୋପବନ୍ଧୁ ନାଏକ, ଲିପନ ପ୍ରଧାନ, ଦିଲ୍ଲୀପ ସାହୁ, ମାନୁଆଲ ପୂର୍ତ୍ତି, ଅଜିତ ପୃଷେଟ, ଅନନ୍ତ ଲାକ୍ରା, ରାଜେଶ ମହାନନ୍ଦିଆ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଚାଳକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସ୍ୱଳ୍ପ ଦରମାରେ ଚାଳକମାନେ ଖଟୁଥିବା, ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଥିବାରୁ ଏହାର ସୁବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା। ବିଭିନ୍ନ ଦାବିକୁ ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସଂଘ ଦାବିପତ୍ର ଦେବ ବୋଲି ଜଣାପଡ଼ିଛି।

# କୋଲାବିରାରେ ସମ୍ବିଧାନ ଦିବସ

**କୋଲାବିରା,୨୭।୧୧(ଡି.ଏନ.ଏ.)**

କୋଲାବିରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ଅଧ୍ୟାପକ ରୋହିତ ଖରସେଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶୀଲ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସମ୍ବିଧାନର ପ୍ରଣେତା ଡ. ଆମ୍ବେଡକରଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସରୋଜ କୁମାର ପଟେଲ, ଡ. ନରେଶ କୁମାର ସାହୁ, ନୃପରାଜ ଭୋଇ, ସରିତା ବେହେରା, ସସ୍ମିତା ବେହେରା, ରତ୍ନପର୍ଣ୍ଣା ଧୁରୁଆ ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସର ଐତିହାସିକ ପୃଷ୍ଠଭୂମି ତଥା ଏହାର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। କୋଲାବିରା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଅଧ୍ୟକ୍ଷ ନାୟକ କହିଥିଲେ, ଦେଶକୁ ଉନ୍ନତି ପଥରେ ଆଗେଇନେବା ପାଇଁ ନାଗରିକମାନେ ମୌଳିକ କର୍ତ୍ତବ୍ୟ ପାଳନକୁ ଅଗ୍ରାଧିକାର ଦେବା ଉଚିତ୍। ପ୍ରାରମ୍ଭରେ ଅତିଥିମାନେ ଡ. ଭୀମରାଓ ଅମ୍ବେଡକରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଜାତୀୟ ଅଙ୍ଗଦାନ ଦିବସ ପାଳିତ


ଅଙ୍ଗଦାନ ଦିବସରେ ଶୋଭାଯାତ୍ରା ବାହାରିଛି।

**ରାଉରକେଲା ଅଫିସ,୨୭।୧୧**

ଜାତୀୟ ଅଙ୍ଗଦାନ ଦିବସ ପାଳନ ଅବସରରେ ଇନର ହୁଇଲ କ୍ଲବ ଓ ରୋଟାରି କ୍ଲବ ରିଭରସାଇଡ ପକ୍ଷରୁ ରବିବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୃତ୍ୟୁ ପରେ ଅଙ୍ଗଦାନ କରି ପୀଡିତମାନଙ୍କୁ ନୂତନ ଜୀବନ ପ୍ରଦାନ କରନ୍ତୁ ବୋଲି ସହରବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ରାଲିକୁ ରିମ୍ବର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରାଲି ଛେଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଛକରୁ ବାହାରି ଗୋପବନ୍ଧୁ ପାଠାଗାର ପର୍ଯ୍ୟନ୍ତ ଯାଇଥିଲା। ଡ. ମିନତୀ ପଣ୍ଡା, ଅଜିତା ମହାନ୍ତି, ପ୍ରତିମା ମହାପାତ୍ର, ମମତା ପାଠୀ, ଅଞ୍ଜଳି ହୋତା, କାବେରୀ ବାନାର୍ଜୀ, ମୋନାଲିସା ପ୍ରଧାନ,୧୫ ଜଣ ଡାକ୍ତରୀ ଛାତ୍ର, ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ରୋଟାରି କ୍ଲବ ରିଭରସାଇଡ୍‌ର ସଭାପତି ସିଦ୍ଧିନାଥ ଜ୍ୟୋତିଷୀ, ସଚିବ ଭଗବାନ ପାଢୀ, ଡ. ପି. ପି. ମହାପାତ୍ର, ଗଣେଶ୍ୱର ପଟ୍ଟନାୟକ, ସନ୍ତୋଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବଣାଇକୁ ଜିଲା ମାନ୍ୟତା ଦାବିରେ ଆନ୍ଦୋଳନ ଚେତାବନୀ

**ଲହୁଣୀପଡ଼ା,୨୭।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ସଭା କକ୍ଷରେ ଜିଲା କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣାଇକୁ ସରକାର ଜିଲା ମାନ୍ୟତା ଦେବା ନେଇ ଦାବି ହୋଇଥିଲା। ଏଥିରେ ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ ଅଧ୍ୟକ୍ଷତା କରିଥିଲେ। ମାଣିକ ଲାଲ ଜୟସ୍ୱାଲ, ସୁଦାମ ଚରଣ ତ୍ରିପାଠୀ, ବିରଞ୍ଚି ନାରାୟଣ ସାହୁ, ମିଳନ ଚନ୍ଦ୍ର ମାହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଦାବିପୂରଣ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। କମିଟିର ସଂଯୋଜକ ତପନ କୁମାର ଦଣ୍ଡିଆ ବୈଠକରେ ବଣାଇ ଜିଲା ଗଠନ ନେଇ ଆଭିମୁଖ୍ୟ ଓ ଜିଲା ଗଠନରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରକାଶ କରି ଆଗାମୀ ଦିନରେ ଦାବିପୂରଣ ନେଇ ଆନ୍ଦୋଳନ ବାବଦରେ ସମ୍ୟକ ସୂଚନା ଦେଇଥିଲେ। ଆପ୍ ନେତା ବିଭୁତି ଭୂଷଣ ପାଢ଼ୀ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିଷାନ ଦାବି ହାସଲ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ଧୀରେନ କୁମାର ମାହାନ୍ତ, ପ୍ରଦୀପ କୁମାର ପ୍ରଧାନ, ଭୁବନାନନ୍ଦ କିଷାନ, ଅଜୟ କୁମାର ମାହାନ୍ତ, ସୁରେଶ ମାହାନ୍ତ, ଦେବେନ୍ଦ୍ର ମହାକୁଡ଼, ରାଜୁ ଅନସାରି, ଶାନ୍ତନୁ କୁମାର ମାହାନ୍ତ, ରଥ କୁମାର ସାହୁ, କେଦାର ନାଥ ତ୍ରିପାଠୀ, ଦଶରଥ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଶୋକ ମିଶ୍ର ସ୍ମାରକୀ ଫୁଟ୍‌ବଲ: ଝାଡ଼େଶ୍ୱର କ୍ଲବ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିବୃନ୍ଦ।

**ଝାରସୁଗୁଡ଼ା ଅଫିସ୍,୨୭।୧୧**

ଝାରସୁଗୁଡା ଓଏସ୍‌ଏପି ମିନି ଷ୍ଟାଡିୟମ୍‌ରେ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ତରଫରୁ ଆୟୋଜିତ ସ୍ୱର୍ଗତ ଅଶୋକ କୁମାର ମିଶ୍ର ସ୍ମାରକୀ ନକ୍‌ଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ମୋଟ ୨୭ ଦଳ ଅଂଶଗ୍ରହଣ କରିଥିବାବେଳେ ଚିଟୁଆପଡା ଝାଡେଶ୍ୱର କ୍ଲବ୍ ଓ ବଡେଇମୁଣ୍ଡା ଏନ୍‌ୱାଇଏସ୍ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ୧-୧ଗୋଲରେ ମ୍ୟାଚ ଅମୀମାଂଶିତ ରହିବାରୁ ଟାଇବ୍ରେକର ଜରିଆରେ ୪-୩ଗୋଲ୍‌ରେ ଝାଡେଶ୍ୱର କ୍ଲବ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସୁଜିତ କୁଜୁର, ସଞ୍ଜୟ ଦାସ, ସଞ୍ଜିତ ବାରିକ, ଅମିର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜକଙ୍କ ତରଫରୁ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୭ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୫ହଜାର ଟଙ୍କା, ପ୍ରଥମ ସେମିଫାଇନାଲ୍ ଦଳ ଗୋଲ୍ଡେନ ଆଥଲେଟିକ୍ କ୍ଲବ୍ ୪ହଜାର ଓ ଦ୍ୱିତୀୟ ସେମିଫାଇନାଲ୍ ଦଳ ପ୍ରଗତି କ୍ଲବ୍‌କୁ ୩ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଜିଲାପାଳ ତଥା ଜିଲା ଆଥେଲେଟିକ୍ ଆସୋସିଏଶନ ସଭାପତି ସରୋଜ କୁମାର ସାମଲ, ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ, ଓଏସ୍‌ଏପି ଦ୍ୱିତୀୟ ବାଟାଲିୟାନ ଉପଦୁର୍ଗପତି ଭବାନୀ ସେଠ୍, ସହଦୁର୍ଗପତି ମାନ୍ଧାତା ସାଏ, ଦୀଲିପ ସାହୁ, ଡିଏଭି ସ୍କୁଲ୍ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ଜିଲା କ୍ରୀଡା ଅଧିକାରୀ ସୁଶିଲ କୁମାର ମିଶ୍ର,ସ୍ୱର୍ଗତ ଅଶୋକ ମିଶ୍ରଙ୍କ ପୁଅ ଜିତୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସରବାହାଲ ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ/ ବେଲପାହାଡ଼,୨୭।୧୧**

ବେଲପାହାଡ ରେଫରି ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟିଆର୍‌ଏଲ ଷ୍ଟାଡିୟମରେ ଚାଲିଥିବା ବେଲପାହାଡ କପ ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଜୟ ଯବାନ କ୍ଲବ ସରବାହାଲ ଓ ଗୋଲ୍ଡେନ କ୍ଲବ ଉବୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସରବାହାଲ ଦଳ ୧-୦ ଗୋଲରେ ଉବୁଡ଼ା ଦଳକୁ ପରାଜିତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ୍ ଓ ଉପବିଜେତା ଦଳକୁ ରନର୍ସଅପ ଟ୍ରଫି ସହ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଗୌରବ ଭୋଇ ମ୍ୟାନ ଅଫ ଦି ସିରିଜ, ଅଭିନାଶ ମୁଣ୍ଡା ମ୍ୟାନ ଅଫ ଦି ମ୍ୟାଚ, ପ୍ରତାପ କିଶାନଙ୍କୁ ଶ୍ରେଷ୍ଠ ଗୋଲ କିପର ଭାବେ ପୁରସ୍କୃତ କରାଯାଇଛି। ରେଫରି ପ୍ରଶାନ୍ତ ବେହେରା, ଅଗସ୍ତି ହାତୀପଟା, ଦେବାଶିଷ ବାଗ ଓ ମହେନ୍ଦ୍ର ବର୍ଗର୍ତ୍ତି ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଟିଆର୍‌ଏଲ୍ କ୍ରୋସାକି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ରାଉତ ମୁଖ୍ୟ ଅତିଥି ଓ ବେଲପାହାଡ ପୌର ଉପାଧ୍ୟକ୍ଷା ରୀନା ସୁନା, ହିତେଶ ଠକ୍କର, ଜେନାମଣି ସେଠ, ଡ଼ା. ଦିଲୀପ ନାଏକ, କାଉନସିଲର କହ୍ନେଇ ଚରଣ ସେଠ, ଯୁଧିଷ୍ଠିର ମୁଖି, ପ୍ରଶାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ରେଫରୀ ଆସୋସିଏଶନର ଗିରିଶ ଜୟପୁରିଆ, ମହେନ୍ଦ୍ର ବର୍ଗର୍ତ୍ତି, କାର୍ତ୍ତିକେଶ୍ୱର ଦାଶ, ରାମ ସେନ୍ତ୍ରିଆ, ରମଣୀ ମାଝି ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| ୫. | ୧୩୨/୩୩ କେଭି ଜିଆଇଏସ୍, ମଞ୍ଚେଶ୍ୱର-ବି ଏବଂ ଆସୋସିଏଟେଡ୍ ୟୁଜିସି | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଜିଆଇଏସ୍, ୟୁନିଟ୍-୮ ଏବଂ ଆସୋସିଏଟେଡ୍ ୟୁଜିସି | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ଚନ୍ଦକା-ଭୁବନେଶ୍ୱର ସର୍କିଟ୍-I | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ଚନ୍ଦକା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ | ୧୦.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭୁବନେଶ୍ୱର | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ରଣସିଂହପୁର-କେସୁରା-ପ୍ରତାପଶାସନ ଲିଲୋ ଲାଇନ୍ (ଭୁବନେଶ୍ୱର ଡିଭିଜନ ଅଂଶ) ଏବଂ କେସୁରା (ବରଗଡ଼) ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରଣସିଂହପୁର | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୨. | ୧୩୨ କେଭି ଚନ୍ଦକା-ବିପିପିଏଲ୍ ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୩. | ଚନ୍ଦକା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍-II, ଅଟୋ ଟ୍ରାନ୍ସଫର୍ମର II ଏବଂ III, ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୪. | ୧୩୨ କେଭି ଚନ୍ଦକା-ମେଣ୍ଢାଶାଳ ଲାଇନ୍ | ୨୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୫. | ୧୩୨ କେଭି ଚନ୍ଦକା-ଭୁବନେଶ୍ୱର ସର୍କିଟ୍-II | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଖୋର୍ଦ୍ଧା** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଙ୍କୀ | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ଅଟ୍ରୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ସ୍ୱିଚ୍‌ୟାର୍ଡ଼ | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ଅଟ୍ରି-ଚାନ୍ଦପୁର ଲାଇନ୍ | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ମେଣ୍ଢାଶାଳ** | | | |
| ୧. | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାଶାଳ (୪୦୦ କେଭି ବସ୍-ଏ) | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାଶାଳ (୪୦୦ କେଭି ବସ୍-ବି) | ୧୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାଶାଳ (୨୨୦ କେଭି ବସ୍-ବି) | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୪୦୦ କେଭି ମେରାମୁଣ୍ଡଳୀ-ମେଣ୍ଢାଶାଳ ସର୍କିଟ୍-II | ୨୦.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ମେଣ୍ଢାଶାଳ-ବିଡ଼ାନାଶୀ ସର୍କିଟ୍-I | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୩୧୫ ଏମ୍‌ଭିଏ, ୪୦୦/୨୨୦/୩୩ କେଭି ଆଇସିଟି-II | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୨୨୦ କେଭି ମେଣ୍ଢାଶାଳ-ବିଡ଼ାନାସୀ ସର୍କିଟ୍ -II | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୩୧୫ ଏମ୍‌ଭିଏ, ୪୦୦/୨୨୦/୩୩ କେଭି ଆଇସିଟି-III | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାଶାଳ (୨୨୦ କେଭି ବସ୍-ଏ) | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ପୁରୀ** | | | |
| ୧. | ୨୨୦/୧୩୨/୩୩ କେଭି ସାମଗରା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ସାମଗରା-ପୁରୀ -ନିମାପଡ଼ା ଲାଇନ୍ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ପୁରୀ-ସାମୁକା ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସାତଶଙ୍ଖ | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ଚନ୍ଦକା-ନିମାପଡ଼ା-ପ୍ରତାପଶାସନ ଲାଇନ୍ (ପୁରୀ ଡିଭିଜନ ଅଂଶ) | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପୁରୀ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| **(ଛ)** | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ, ବ୍ରହ୍ମପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବ୍ରହ୍ମପୁର** | | | |
| ୧. | ଚିକିଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ ସେକ୍ସନ-I | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ଦିଗପହଣ୍ଡି-ମୋହନା ଲାଇନ୍ | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଦିଗପହଣ୍ଡି ଗ୍ରୀଡ୍ ସବ୍‌ଷ୍ଟେସନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍ ସେକ୍ସନ-II | ୧୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ବସ୍ ସେକ୍ସନ-I | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ବସ୍ ସେକ୍ସନ-II ଏବଂ ଟ୍ରାନ୍ସଫର ଫିଡର | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ବସ୍ ସେକ୍ସନ-I ଏବଂ ୪୦ ଏମ୍‌ଭିଏ ଟ୍ରାନ୍ସଫର୍ମର | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୨୨୦ କେଭି ନରେନ୍ଦ୍ରପୁର-ମେଣ୍ଢାଶାଳ ସର୍କିଟ୍-II (ଲୋକେସନ୍ ୨୬୧ ପର୍ଯ୍ୟନ୍ତ) | ୨୦.୧୨.୨୨ ରୁ ୨୨.୧୨.୨୨ | ୦୮.୦୦-୧୭.୦୦ | ୩ |
| ୧୦. | ୧୩୨ କେଭି ବ୍ରହ୍ମପୁର-ନରେନ୍ଦ୍ରପୁର ଡି.ସି ଲାଇନ୍ | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍, ଭଞ୍ଜନଗର** | | | |
| ୧. | ଆସ୍କା ନୂଆ ଠାରେ ୨୨୦ କେଭି ଅସ୍କା ନୂଆ-ଭଞ୍ଜନଗର ସର୍କିଟ୍-I ଏବଂ ୨୨୦ କେଭି ମେନ୍ ବସ୍-I ଏବଂ II ର ସେକ୍ସନ-I ଏବଂ ଅଟୋ ଟ୍ରାନ୍ସଫର୍ମର-I | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ଆସ୍କା ନୂଆ ଠାରେ ୨୨୦ କେଭି ଅସ୍କା ନୂଆ-ଭଞ୍ଜନଗର ସର୍କିଟ୍-II ଏବଂ ୨୨୦ କେଭି ମେନ୍ ବସ୍-I ଏବଂ II ର ସେକ୍ସନ-II ଏବଂ ଅଟୋ ଟ୍ରାନ୍ସଫର୍ମର-II | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ଆସ୍କା-ଭଞ୍ଜନଗର ସର୍କିଟ୍-II | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ଭଞ୍ଜନଗର-ନୟାଗଡ଼ ସର୍କିଟ୍-II | ୧୪.୧୨.୨୨ ଏବଂ ୧୫.୧୨.୨୨ | ୦୮.୦୦-୧୭.୦୦ | ୨ |
| ୫. | ୨୨୦ କେଭି ଥେରୁବାଲି-ଭଞ୍ଜନଗର ସର୍କିଟ୍-I | ୧୭.୧୨.୨୨ ଏବଂ ୧୯.୧୨.୨୨ | ୦୮.୦୦-୧୭.୦୦ | ୨ |
| ୬. | ୧୩୨/୩୩ କେଭି ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦/୧୩୨ କେଭି, ୧୬୦ ଏମ୍‌ଭିଏ ଟ୍ରାନ୍ସଫର୍ମର-I | ୧୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଆସ୍କା-ଭଞ୍ଜନଗର ସର୍କିଟ୍-I | ୧୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ଆସ୍କା-ବ୍ରହ୍ମପୁର ଲାଇନ୍ | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୨୨୦ କେଭି ଭଞ୍ଜନଗର-ମେଣ୍ଢାଶାଳ ସର୍କିଟ୍-I | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୧. | ୨୨୦ କେଭି ଥେରୁବାଲି-ଭଞ୍ଜନଗର ସର୍କିଟ୍ -II | ୨୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୨. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦/୧୩୨ କେଭି, ୧୦୦ ଏମ୍‌ଭିଏ ଟ୍ରାନ୍ସଫର୍ମର ନଂ. ୨ | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍, ଛତ୍ରପୁର** | | | |
| ୧. | ୧୩୨ କେଭି ଆସ୍କା (ନୂଆ) - ଛତ୍ରପୁର ଲାଇନ୍ | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଛତ୍ରପୁର-ନରେନ୍ଦ୍ରପୁର ସର୍କିଟ୍-I | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଛତ୍ରପୁର-ଗଞ୍ଜାମ ଲାଇନ୍ | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଛତ୍ରପୁର-ରମ୍ଭା ଟ୍ରାନ୍ସଫର ଲାଇନ୍ | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଛତ୍ରପୁର | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ଛତ୍ରପୁର-ନରେନ୍ଦ୍ରପୁର ସର୍କିଟ୍-II | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ଛତ୍ରପୁର-ବାଲୁଗାଁ ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଲୁଗାଁ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ଆସ୍କା (ପୁରୁଣା)-ପୁରୁଷୋତମପୁର-ଛତ୍ରପୁର ଲାଇନ୍ | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପୁରୁଷୋତମପୁର | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| **(ଜ)** | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ୍, ଚାଇଁପାଳ** | | | |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଚାଇଁପାଳ** | | | |
| ୧. | ୨୨୦ କେଭି ରେଙ୍ଗାଲୀ-ରେଙ୍ଗାଲୀ (ପିଜି) ସର୍କିଟ୍-I | ୦୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବୋଇଣ୍ଡା | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍-II (ଲୋକେସନ୍ ନଂ. ୨୩୫ ପର୍ଯ୍ୟନ୍ତ) | ୦୨.୧୨.୨୨ ଏବଂ ୦୩.୧୨.୨୨ | ୦୮.୦୦-୧୭.୦୦ | ୨ |
| ୪. | ୨୨୦ କେଭି ରେଙ୍ଗାଲୀ-ରେଙ୍ଗାଲୀ (ପିଜି) ସର୍କିଟ୍-II | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ଅନୁଗୁଳ-ବୋଇଣ୍ଡା ଲାଇନ୍ | ୦୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ଟିଟିପିଏସ୍-ଅନୁଗୁଳ ଲାଇନ୍ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ରେଙ୍ଗାଲୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଚାଇଁପାଳ-ମେରାମୁଣ୍ଡଳୀ ସର୍କିଟ୍-I | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ଚାଇଁପାଳ-ମେରାମୁଣ୍ଡଳୀ ସର୍କିଟ୍-II | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୨୨୦ କେଭି ରେଙ୍ଗାଲୀ-କଣିହାଁ ସର୍କିଟ୍ (ଲୋକେସନ୍ ନଂ. ୯୮ ରୁ ୧୮୭) | ୦୮.୧୨.୨୨ ଏବଂ ୦୯.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୧. | ୧୩୨ କେଭି ମେରାମୁଣ୍ଡଳୀ ଖଡ଼ଗପ୍ରସାଦ ସର୍କିଟ୍-II ଏବଂ ଖଡ଼ଗପ୍ରସାଦ ଟ୍ରାନ୍ସଫର ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୨. | ୨୨୦ କେଭି ରେଙ୍ଗାଲୀ-ଟିଟିପିଏସ୍ ସର୍କିଟ୍ (ଲୋକେସନ୍ ନଂ. ୨୯ ରୁ ୧୮୬) | ୧୩.୧୨.୨୨ ଏବଂ ୧୪.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୩. | ୨୦୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍-I (ଲୋକେସନ୍ ନଂ. ୨୩୫ ପର୍ଯ୍ୟନ୍ତ) | ୧୫.୧୨.୨୨ ରୁ ୧୬.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୪. | ୧୩୨ କେଭି ଟିଟିପିଏସ୍-ଚାଇଁପାଳ ସର୍କିଟ୍-II | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୫. | ୧୩୨ କେଭି ଟିଟିପିଏସ୍-ଚାଇଁପାଳ ସର୍କିଟ୍-I | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଢେଙ୍କାନାଳ** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଗୋଣ୍ଡିଆ | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଢେଙ୍କାନାଳ | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଖଡ଼ଗପ୍ରସାଦ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କଲରଙ୍ଗୀ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ମେରାମୁଣ୍ଡଳି** | | | |
| ୧. | ୪୦୦/୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ମେରାମୁଣ୍ଡଳୀ (୪୦୦ କେଭି ବସ୍-II) | ୦୨.୧୨.୨୨ ଏବଂ ୦୩.୧୨.୨୨ | ୦୮.୦୦-୧୭.୦୦ | ୨ |
| ୨. | ୪୦୦/୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ମେରାମୁଣ୍ଡଳୀ (୧୩୨ କେଭି ସ୍ୱିଚ୍‌ୟାର୍ଡ଼) | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୪୦୦ କେଭି ମେରାମୁଣ୍ଡଳୀ-ମେଣ୍ଢାଶାଳ ସର୍କିଟ୍-II ଲାଇନ୍ (ଲୋକେସନ୍ ନଂ. ୧୬୨ ରୁ ମେରାମୁଣ୍ଡଳୀ ଶେଷ ପର୍ଯ୍ୟନ୍ତ) | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ମେରାମୁଣ୍ଡଳୀ ଠାରେ ୨୨୦/୧୩୨ କେଭି ୧୦୦ ଏମ୍‌ଭିଏ ଅଟୋ-III | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |

HIPR-38/2022-23 OIPR-04011/11/0132/2223

Sd/- Executive Director
Central Zone, Bhubaneswar



# ବୀମା, ରେଳ ପ୍ରକଳ୍ପ ପ୍ରସଙ୍ଗରେ ଟାର୍ଗେଟ୍

**ପଦ୍ମପୁର/ପାଇକମାଳ, ୨୭।୧୧(ଡି.ଏନ.ଏ.)**




କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ନରେନ୍ଦ୍ର ସିଂ ତୋମାର।

## ପାଇକମାଳ ଓ ପଦ୍ମପୁରରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

- କାଲି ଜମି ଦେଲେ ପରଦିନଠୁ ପଦ୍ମପୁର ରେଳ ଲାଇନ କାମ ଆରମ୍ଭ ହେବ: ଅଶ୍ୱିନୀ
- ଫସଲ ବୀମା ରାଶିକୁ ଅଟକାଇଥିଲେ ରାଜ୍ୟ ସରକାର: ତୋମାର

ବରଗଡରୁ ନୂଆପଡା ଭାୟା ପଦ୍ମପୁର ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ ଦେଇ ସାରିଛନ୍ତି। ସେଥିପାଇଁ ଅର୍ଥର କୌଣସି ଅଭାବ ନାହିଁ। ରାଜ୍ୟ ସରକାରଙ୍କ ପାଖରେ କାମ ଅଟକିଛି। ରାଜ୍ୟ ସରକାର ଜମି ଦେଲେ ରେଳ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହେବ। ଯଦି ରାଜ୍ୟ ସରକାର କାଲି ଜମି ଦେବେ ତାହେଲେ ପରଦିନଠୁ ରେଳ ପ୍ରକଳ୍ପ କାମ ଆରମ୍ଭ ହେବ। ରାଜ୍ୟ ସରକାର ଯଦି ଜମି ନ ଦେବେ କାମ କେମିତି ଆରମ୍ଭ ହେବ ବୋଲି ରବିବାର ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର ସମୟରେ କହିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି, ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ପଦ୍ମପୁରର ହକ୍ ଓ ବିକାଶ ପାଇଁ ସଂଗ୍ରାମ କରିଆସିଛନ୍ତି। ଏଠାକାର ଚାଷୀ, କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ସେ ସବୁବେଳେ ଲଢେଇ କରୁଛନ୍ତି। ପ୍ରଦୀପ ପୁରୋହିତ ଏଠୁ ନିର୍ବାଚିତ ହୋଇ ଗଲେ ସେ ହିଁ ବିଧାନସଭାରେ ଚାପ ପକାଇ ଜମି ଦେବା ପାଇଁ ରାଜ୍ୟ ସରକାରଙ୍କୁ ବାଧ୍ୟ କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଥିଲେ।

ସେହିପରି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଥିଲେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟ ସରକାର ବୀମା କମ୍ପାନୀ ଚୟନ କରନ୍ତି। ସେମାନଙ୍କ ସହିତ ଚୁକ୍ତି କରନ୍ତି। ଫସଲ କ୍ଷୟକ୍ଷତି ରିପୋର୍ଟ ବି ରାଜ୍ୟ ସରକାର କରିଥାନ୍ତି। ସାରା ଦେଶରେ ଫସଲ ବୀମା ଯୋଜନାରେ ଚାଷୀମାନେ କ୍ଷୟକ୍ଷତି ପାଇଁ ବୀମା ରାଶି ପାଇପାରୁଛନ୍ତି। ହେଲେ ଓଡିଶାରେ କାହିଁକି ମିଳିପାରୁ ନ ଥିଲା। କାରଣ ଏଠାରେ ରାଜ୍ୟ ସରକାର ବୀମା କମ୍ପାନୀମାନଙ୍କ ସହିତ ମିଶି ଚାଷୀମାନଙ୍କ ସ୍ୱାର୍ଥ ବିରୋଧରେ କାମ କରୁଥିଲେ। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ବୀମା କମ୍ପାନୀ ଚାଷୀମାନଙ୍କୁ ବୀମାରାଶି ଦେଲେ ବୋଲି କେନ୍ଦ୍ରମନ୍ତ୍ରୀ ତୋମାର କହିଥିଲେ। ସେ ଆହୁରି କହିଥିଲେ, ଓଡିଶାର ବରଗଡ ଜିଲାରେ ସବୁଠାରୁ ବେଶୀ ଧାନ ଉତ୍ପାଦନ ହୁଏ। କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଦିଅନ୍ତି। ହେଲେ ଏଠାରେ ଚାଷୀମାନେ ମଣ୍ଡିରେ ଧାନ ବିକି ପାରନ୍ତି ନାହିଁ। ଫଳରେ ଚାଷୀ ବାହାରେ କୁଇଣ୍ଟାଲ ପିଛା ୧୦୦୦ ଟଙ୍କା କମ୍‌ରେ ଧାନ ବିକ୍ରି କରେ। ରାଜ୍ୟରେ ଥିବା ସରକାର ଚାଷୀମାନଙ୍କୁ ସବୁବେଳେ ପ୍ରତାରଣା କରିଆସିଛି ବୋଲି ତୋମାର ଅଭିଯୋଗ କରିଥିଲେ। ଏହାସହିତ ଚାଷୀମାନଙ୍କର ସ୍ୱର ଉଠାଇବା ପାଇଁ ପ୍ରଦୀପ ପୁରୋହିତଙ୍କୁ ଏହି ଉପନିର୍ବାଚନରେ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ଉଭୟ ସଭାରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସମେତ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଏମ୍‌ପି ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ସଙ୍ଗୀତା ସିଂଦେଓ, ବିଧାୟକ ଶଙ୍କର ଓରାମ, ମୁକେଶ ମହାଲିଙ୍ଗ, ନାଉରି ନାୟକ, କୁସୁମ ଟେଟେ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ, ରବିବାର ପୂର୍ବାହ୍ନରେ ଉଭୟ କେନ୍ଦ୍ରମନ୍ତ୍ରୀ ପ୍ରଥମେ ପାଇକମାଳ ଜନସଭାରେ ଯୋଗଦେବା ପରେ ଅପରାହ୍ନରେ ପଦ୍ମପୁର ସଭାରେ ଯୋଗ ଦେଇଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ସଂଘୀୟ ବ୍ୟବସ୍ଥା ପ୍ରତି କୁଠାରାଘାତ: ପ୍ରସନ୍ନ

**ବରଗଡ଼ ଅଫିସ୍/ପଦ୍ମପୁର, ୨୭।୧୧(ଡି.ଏନ.ଏ)**

ଚାଷୀଙ୍କୁ ବୀମା କ୍ଷତିପୂରଣ ଏବଂ ବରଗଡ଼ରୁ ଭାୟା ପଦ୍ମପୁର ଦେଇ ନୂଆପଡ଼ାକୁ ରେଳପଥ ନିର୍ମାଣ ଏବେ ପଦ୍ମପୁର ଉପନିର୍ବାଚନରେ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ରବିବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ପଦ୍ମପୁର ଆସିଥିବାବେଳେ ଏହି ଦୁଇ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସରକାର ଜାଗା ଦେଉ ନ ଥିବାରୁ ରେଳପଥ ନିର୍ମାଣ ହୋଇପାରୁନାହିଁ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ କହିଥିବାବେଳେ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଚାଷୀମାନେ ବୀମା କ୍ଷତିପୂରଣ ପାଇ ନ ଥିଲେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ।

ଅନ୍ୟପକ୍ଷେ ଉଭୟ କେନ୍ଦ୍ର ମନ୍ତ୍ରୀଙ୍କ ଅଭିଯୋଗର ଜବାବ ଦେଇଛି ବିଜେଡି। ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ପଦ୍ମପୁରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଦୁଇ କେନ୍ଦ୍ରମନ୍ତ୍ରୀ ପଦ୍ମପୁର ଉପନିର୍ବାଚନ ପାଇଁ ଆସି ଯାହା କହିଲେ, ତାହା ସତ୍ୟ କିମ୍ବା ତଥ୍ୟଭିତ୍ତିକ ନୁହେଁ। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ସଂଘୀୟ ବ୍ୟବସ୍ଥା ପ୍ରତି କୁଠାରାଘାତ। ଫସଲବୀମା ପ୍ରସଙ୍ଗରେ କେନ୍ଦ୍ରୀୟ ବୈଷୟିକ ଉପଦେଷ୍ଟା କମିଟି ୨ମାସରୁ ଅଧିକ କାଳ ଧରି ଚାଷୀଙ୍କ କଥାକୁ ଶୁଣିଲେ ନାହିଁ ଏବଂ ନିଷ୍ପତ୍ତି ନେବାରେ ବିଳମ୍ବ କଲେ। ଫଳରେ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିବାରେ ବିଳମ୍ବ ହୋଇଥିଲା। ସେହିପରି ବରଗଡ଼-ନୂଆପଡ଼ା ରେଳପଥ ରାଜ୍ୟର ଦୀର୍ଘବର୍ଷର ଦାବି। ଏଥିପାଇଁ ଆବଶ୍ୟକ ସମସ୍ତ ଜମିର କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ବହୁପୂର୍ବରୁ କହିଆସିଛନ୍ତି। ରାଜ୍ୟ ସରକାର ଜାଗା ଦେଉ ନ ଥିବାରୁ ରେଳପଥ ନିର୍ମାଣ ହୋଇପାରୁନାହିଁ ବୋଲି କେନ୍ଦ୍ର ରେଳ ମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। କେନ୍ଦ୍ର ଜାଗା ପାଇଁ ରାଜ୍ୟକୁ କେବେ ଚିଠି ଲେଖିଛି, ତାହା କେନ୍ଦ୍ର ରେଳ ମନ୍ତ୍ରୀ କହିବେ କି ବୋଲି ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ।

# ବାପାଙ୍କ ଦେହାନ୍ତ ଯୋଗୁ ଚାଷୀ ତାଙ୍କ ହକ୍ ପାଇଲେ: ବର୍ଷା

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଚାଷୀଙ୍କୁ ଫସଲବୀମା ଯୋଗାଇବା ପାଇଁ ଦୀର୍ଘ ୧୫ ମାସ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଚିଠି ଲେଖି ଆସୁଛନ୍ତି। ହେଲେ କେନ୍ଦ୍ର ଏ ଦିଗରେ ନ ଶୁଣିବାରୁ ପଦ୍ମପୁର ଅଞ୍ଚଳର ଚାଷୀ ଆନ୍ଦୋଳନରେ ବସିଥିଲେ। ଉପନିର୍ବାଚନ ଘୋଷଣା ହେବାପରେ ମୁଖ୍ୟମନ୍ତ୍ରୀଙ୍କ ଚାପରେ ଚାଷୀ ତାଙ୍କ ହକ୍ ପାଇପାରୁଛନ୍ତି। ଏଥିରେ କେନ୍ଦ୍ର ସରକାର କିମ୍ବା କେନ୍ଦ୍ର କୃଷିମନ୍ତ୍ରୀ ବାହାଦୁରି ନେବା ଭଳି କିଛି କଥା ନାହିଁ। ଚାଷୀ ସେମାନଙ୍କ ହକ୍ ପାଇଛନ୍ତି। ଯଦି ମୋ ବାପାଙ୍କ ଦେହାନ୍ତ ହୋଇ ନ ଥାଆନ୍ତା ତେବେ ଚାଷୀମାନେ ଏହା ହୁଏତ ପାଇପାରି ନ ଥାଆନ୍ତେ ବୋଲି ପଦ୍ମପୁର ଉପନିର୍ବାଚନର ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା କହିଛନ୍ତି। ଏକ ଭିଡିଓ ବାର୍ତ୍ତା ଜରିଆରେ କେନ୍ଦ୍ର ସରକାର ହୀରାରେ ୧.୫% ଏବଂ କେନ୍ଦୁପତ୍ରରେ ୧୮% ଜିଏସ୍‌ଟି ଧାର୍ଯ୍ୟ କରିଛନ୍ତି। କେନ୍ଦୁପତ୍ର ତୋଳାଳି କ'ଣ ହୀରା ବ୍ୟବସାୟୀଙ୍କଠାରୁ ବେଶି ଧନୀ କି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦୁପତ୍ରରୁ ୧୮% ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖୁଥିଲେ ବି କେନ୍ଦ୍ର ଶୁଣୁନାହିଁ ବୋଲି ସେ କହିଛନ୍ତି।


**KISINDA HIGHER SECONDARY SCHOOL, KISINDA**
**AT/PO- KISINDA, VIA- RAIRAKHOL, DIST.- SAMBALPUR**
E-mail- principalkisindacollege@gmail.com (Recognised & Affiliated)

**WALK IN INTERVIEW**

A walk-in-interview will be held on dated 07.12.2022 (Wednesday) at 11.30 AM in the premises of Kisinda Higher Secondary School, Rairakhol, Dist. Sambalpur for engagement of following post on purely tempopary basis. The interested candidates below 35years of age can attend the interview with their complete Bio-data and all the original certificate of qualification along with the photocopies of the same.

| Sl. No. | Name of the post | Total No. of post | Essential Qualification | Maximum salary per month |
|---|---|---|---|---|
| 01 | Data Entry Operator (DEO) | 01 | Graduate in (Arts, Science, Commerce) & PGDCA | Salary negotiable |

N.B- No TA/DA will be given for attending interview.

**Sd./-Principal I/C, Kisinda Higher Secondary School, Kisinda, Dist. Sambalpur, Mob.-9777307912**


# ଆଇନଶୃଙ୍ଖଳା ଦାୟିତ୍ୱ କେନ୍ଦ୍ରୀୟ ସୁରକ୍ଷା ବଳକୁ ଦିଆଯାଉ: ଭାଜପା

**ପଦ୍ମପୁର ଉପନିର୍ବାଚନ**

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଯୋଗୁ ପଦ୍ମପୁର ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଦ୍ମପୁର ଉପନିର୍ବାଚନରେ ପୋଲିସ ଓ ପ୍ରଶାସନ ଅକ୍ଷମ ହୋଇଥିବାରୁ ଏହାର ଆଇନଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ଦାୟିତ୍ୱ କେନ୍ଦ୍ରୀୟ ସୁରକ୍ଷା ବଳ ହାତକୁ ଦିଆଯାଉ ବୋଲି ଭାଜପା ଦାବି କରିଛି। ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏଭଳି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ କାର୍ଯ୍ୟ ବିରୋଧରେ ଭାଜପା ଆନ୍ଦୋଳନ କରିବା ସହ ବିଧାନସଭାରେ ଏହି କଥାକୁ ଉପସ୍ଥାପନ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବାହାର ଅଞ୍ଚଳରୁ ଗୁଣ୍ଡାମାନଙ୍କୁ ଆଣି ଶାନ୍ତିପ୍ରିୟ ପଦ୍ମପୁର ଅଞ୍ଚଳବାସୀଙ୍କୁ ଧମକଚମକ ଦେବା ସହ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ହିଂସାତ୍ମକ ଆଭିମୁଖ୍ୟ ଆପାଣାଉଛନ୍ତି। ଶନିବାର ପାଇକମାଳ ଢେଙ୍କିମୁଣ୍ଡା ପଞ୍ଚାୟତର ଚୁହୁରିପଡ଼ା ଗ୍ରାମର ୩ ଜଣ ଭାଜପା କାର୍ଯ୍ୟକର୍ତ୍ତା ବିନୋଦ ବାଗ୍, ଅନିରୁଦ୍ଧ ବାଗ ଏବଂ ସୁନୀଲ ବାଗଙ୍କ ଉପରେ ମନ୍ତ୍ରୀ ଦାସଙ୍କ ନିର୍ଦ୍ଦେଶରେ ତାଙ୍କ ଗୁଣ୍ଡାମାନେ ଟାଙ୍ଗିଆ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଛନ୍ତି। ସେହିପରି ବିଜେଡି ବିଧାୟକ ମନୋହର ରନ୍ଧାରୀ ଆଦର୍ଶ ଆଚରଣ ବିଧି ଏବଂ ଲୋକ ପ୍ରତିନିଧି ଅଇନ-୧୯୫୧କୁ ଫୁ କରିଦେଇ ଦଳ ସପକ୍ଷରେ ଭୋଟ ଦେବା ପାଇଁ ଖୋଲାଖୋଲି ଭାବେ ଦିନ ଦ୍ୱିପ୍ରହରରେ ଦା ଏବଂ କମ୍ବଳ ବାଣ୍ଟି ଲୋକଙ୍କୁ ପ୍ରଭାବିତ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବା ସହିତ ଶାସକ ଦଳର ଉଭୟ ନେତାଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ଦେବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପାର ଏକ ପ୍ରତିନିଧି ଦଳ ରବିବାର ଦାବି କରିଛି।


**GOVERNMENT OF ODISHA**
**OFFICE OF THE PANCHAYAT SAMITI, TALCHER**

**Expression of Interest (EOI)**

EoI No.: 01/TAL-21.11.2022

The Block Development Officer, Talcher on behalf of PR & DW Department, Govt. of Odisha invites bid in double cover system from the eligible bidders for "Conducting Topography Survey, Geo-Technical Investigation, Capacity sizing and Techno-Commercial evaluation and final feasibility report in connection with empanelment of rate contract for Solar Plant of Balanda Mines, Talcher Area, of approx. 166 acres". They should quote the rate including cost of survey, labour & all other taxes etc. They are required to submit the attested copy of Aadhaar card, PAN card along with the quotation. The cost of bid documents is Rs.6000/- (Rupees Six thousand) only in the form of Demand Draft in favour of the Block Development Officer, Talcher drawn on any Nationalized Bank, payable at Talcher. The sale of bid document will be started from 28.11.2022 to 12.12.2022 upto 5.00 P.M. The last date for submission of bid documents is 17.12.2022 upto 05.00 P.M. and the bid documents will be opened on Dtd. 18.12.2022 at 11.00 A.M. in presence of the bidders or their authorized agents. They are required to submit the bid documents by Speed Post / Registered Post (India Post) to the office of the undersigned. In a sealed envelope clearly mentioning on the top EOI No. - 01/TAL-21.11.2022. Bid documents received after due date and time shall not be entertained. The authority reserves the right to reject any or all quotation without assigning any reason thereof and shall not bound to issue any work order in favour of the lowest bidder.

For other details you can visit the webstie www.angul.nic.in or in the Office of the BDO, Talcher during office hours.

**Sd./- Block Development Officer**
**Talcher**

## ନାଭାଲ ଏନ୍‌ସିସି ଦିବସ ପାଳନ

କୋକସରା,(ଡି.ଏନ.ଏ.): କୋକସରା ବ୍ଲକ ଡେଙ୍ଗାଗୁଡାଠାରେ ଜବାହାର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନାଭାଲ ଏନସିସି ଦିବସ ପାଳନ କରାଯାଇଛି। ନାଭାଲ ଏନସିସି ପ୍ରଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । କୋକସରା ଡିଗ୍ରୀ ମହାବିଦ୍ୟାଳୟ ଏନସିସି କ୍ୟାପଟେନେ ଅଶ୍ୱିନୀ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ଏନସିସି ଦିବସର ପୃଷ୍ଠଭୂମି ଓ ଭାରତୀୟ ଜାତୀୟ ସଂହତି ଉପରେ ଏନସିସି କ୍ୟାଡେଟଙ୍କ ଭୂମିକା ଉପରେ ଉପସ୍ଥିତ ଏନସିସି ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

## ସଂକ୍ଷେପରେ

### ସାବିତ୍ରୀ ବାଇ ପାଠାଗାର ଉଦ୍‌ଘାଟିତ



ଅତିଥିମାନେ ପାଠାଗାରକୁ ଉଦ୍‌ଘାଟନ କରୁଛନ୍ତି।

**ଲାଠୋର,୨୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ଚାଉଲଡ଼ିଆ ଗ୍ରାମରେ ସାବିତ୍ରୀ ବାଇ ଫୁଲେ ପାଠାଗାର ରବିବାର ଉଦ୍‌ଘାଟିତ ହୋଇଛି। ବିଡିଓ ରଶ୍ମିରଞ୍ଜନ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କରୁଆଝର ସରପଞ୍ଚ ଜପସ୍ୱିନୀ ସାହୁ, ସହକାରୀ ଯନ୍ତ୍ରୀ ମହେଶଲାଲ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ,ଏସିପି ରାମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ସମୟରେ କେତେକ ପୁସ୍ତକ ପ୍ରକାଶନ ପାଠାଗାର ପାଇଁ ପୁସ୍ତକ ଯୋଗାଇ ଦେଇଛନ୍ତି। ଆଗାମୀ ଦିନରେ ସହୃଦୟ ବ୍ୟକ୍ତି ପୁସ୍ତକ ଯୋଗାଇ ଦେଲେ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକ ଉପକୃତ ହେବେ ବୋଲି ଗ୍ରାମବାସୀ କହିଛନ୍ତି।

### ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

**କୋକସରା,୨୭।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ସରସ୍ୱତୀ ଶିଶୁମନ୍ଦିରଠାରେ ରବିବାର ସଙ୍କୁଳସ୍ତରୀୟ ବିଦ୍ୱତ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସଂକୁଳ ବିଦ୍ୱତ୍ ପରିଷଦ ଅଧକ୍ଷ ହେମନ୍ତ କୁମାର ମୁଣ୍ଡ ଯୋଗ ଦେଇଥିଲେ । ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ପଣ୍ଡା, ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ଜୟପାଟଣା ଶିଶୁ ମନ୍ଦିର ବିଶ୍ୱ ଜୀବନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ। ଅଧାପକ ସଞ୍ଜୟ କୁମାର ପୁରୋହିତ, ଉତ୍ତମ କୁମାର ପଣ୍ଡା, ମହେନ୍ଦ୍ର କୁମାର ଦିଶାରୀ, ଦେବାନନ୍ଦ ଠାକୁର, କୃପାସିନ୍ଧୁ ପଣ୍ଡା, ପ୍ରତାପ ଦାସ ଅଧିକାରୀ ବିଦ୍ୱତ୍ ପରିଷଦ ଆଲୋଚନାରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜମରା ରଘୁନାଥ ଶବର ମଞ୍ଚ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସଜ୍ଜନ ଅଗ୍ରୱାଲ ପାଇବେ ଦେବଗିରି ସେବା ସମ୍ମାନ

**ଲୋକକଳା ସମ୍ମାନ ପାଇବେ ଭୁବନେଶ୍ୱର ବାଗ**

**ରୁପ୍ରାରୋଡ,୨୭।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରଠାରେ ଆସନ୍ତା ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୦ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଅବସରରେ ବୈଦ୍ୟରାଜ ସଜ୍ଜନ ଅଗ୍ରୱାଲଙ୍କୁ ଦେବଗିରି ସେବା ସମ୍ମାନ ଓ ଭୁବନେଶ୍ୱର ବାଗଙ୍କୁ ଲୋକକଳା ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ରୁପ୍ରାରୋଡ ନିବାସୀ ବୈଦ୍ୟରାଜ ସଜ୍ଜନ ଅଗ୍ରୱାଲ ଦୀର୍ଘ ୧୫ ବର୍ଷ ଧରି ମାଗଣାରେ ରୋଗୀମାନଙ୍କୁ ଚିକିତ୍ସା ସହ ଔଷଧ ପ୍ରଦାନ କରି ଆସୁଛନ୍ତି। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପଦ୍ଧତି ଅନୁସାରେ ସେ ସିକଲ ସେଲ, କ୍ୟାନସର, କିଡ୍‌ନୀ, ଲିଭର୍, ଫିଡ୍‌ସ , ପେଟ ସମ୍ବନ୍ଧୀୟ ଅସାଧ ରୋଗ, ସ୍ନାୟବିକ ଦୁର୍ବଳତା ଆଦି ଅନେକ ରୋଗର ଚିକିତ୍ସା କରିଥାନ୍ତି। ତାଙ୍କ ପାଖକୁ ସବୁଦିନେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗିଥାଏ। ସଜ୍ଜନଙ୍କ ଆୟୁର୍ବେଦିକ ଉପଚାର ଯୋଗୁ ହଜାର ହଜାର ରୋଗୀ ଉପକୃତ ହେଉଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ସେ କେବେ ବି କୌଣସି ରୋଗୀଙ୍କଠାରୁ ଟଙ୍କାଟିଏ ମଧ ଗ୍ରହଣ କରି ନ ଥାନ୍ତି। ସେହିପରି ବିଶିଷ୍ଟ କଳାକାର, ନୃତ୍ୟଶିଳ୍ପୀ, ବାଦ୍ୟକାର ତଥା ନୃତ୍ୟ ଓ ନାଟକ ନିର୍ଦ୍ଦେଶକ ଭୁବନେଶ୍ୱର ବାଗ (ବୁନ୍) ଚଳିତବର୍ଷ ପାଇଁ ଦେବଗିରି ଲୋକକଳା ସମ୍ମାନ ପାଇବେ। ବାଗ ବର୍ତ୍ତମାନ ଭାରତୀୟ ରେଳ ବିଭାଗରେ କାର୍ଯ୍ୟରତ । ସେ ବଜନିଆ, ରସରକେଲି ଓ ଢାପ ନୃତ୍ୟକୁ ଭାରତବର୍ଷର କୋଣ ଅନୁକୋଣରେ ପରିବେଷିତ କରି ଏହି ଅନନ୍ୟ ଲୋକକଳାର ପ୍ରଚାର ପ୍ରସାର କରିଛନ୍ତି। ଏପରି କି ଓଡିଶାର ଅନେକ ମହୋତ୍ସବରେ ସେ ନିଜର କଳା ପ୍ରଦର୍ଶନ କରି ସମ୍ମାନିତ ହୋଇଛନ୍ତି।

# କଳା, ସଂସ୍କୃତି ଆଗେଇ ନେବାକୁ ଉତ୍ସବ ଏକ ଧାରା

**ଭବାନୀପାଟଣା,୨୭।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଠାରୁ ଚାଲିଥିବା ଜାତୀୟ ଆଦିବାସୀ ଉତ୍ସବ 'ନୃତ୍ୟ ସଙ୍ଗମ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୦ଟାରେ ଲୋକ ନୃତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ମିଶ୍ର ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୫ଟାରେ ସଙ୍ଗୀତ ବିଚିତ୍ରା ଓ ସଂଧ୍ୟାରେ ସାଂସ୍କୃତିକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଯୋଗଦେଇ ଜିଲାର କଳା ସଂସ୍କୃତିକୁ ଆଗେଇ ନେବା ପାଇଁ ଏହି ଉତ୍ସବ ଗୋଟିଏ ଧାରା ହୋଇ ପାରିଥିବା ପ୍ରକାଶ କରିଥିଲେ। ସେହିପରି ପ୍ରତିଭା




ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଥିବା ଅତିଥିଗଣ ।

**ଜାତୀୟ ଆଦିବାସୀ ଉତ୍ସବ ନୃତ୍ୟ ସଙ୍ଗମ ଉଦ୍‌ଯାପିତ**

ଅନୁଷ୍ଠାନର ସଭାପତି ଧାନାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଗୁରୁ ଅଲେଖ ସାହୁଙ୍କୁ ଲୋକ କଳା ରତ୍ନ,ଅଶୋକ ବହିଦାରଙ୍କୁ ନାଟ୍ୟଶ୍ରୀ,ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ସେବାରତ୍ନ, ମୁରଲିଧର ପତିଙ୍କୁ ପ୍ରତିଭା ସଙ୍ଗୀତ ରତ୍ନ, ରଘୁନାଥ ଠାକୁରଙ୍କୁ ଯୁବ ଶିଳ୍ପୀ ,ନମିତା ମିଶ୍ରଙ୍କୁ ଯୁବ ପ୍ରତିଭା ଓ ଏମ୍ ରାମପୁରର ସନ୍ତୋଷ କୁମାର କରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଜିଲା ତଥା ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଆସାମର ବିହୁ ନୃତ୍ୟ, ତେଲେଙ୍ଗେନା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ଓଗୁ ଡୋଲୁ, ଛତିଶଗଡ ସରକାରଙ୍କ ସଂସ୍କୃତି ବିଭାଗର ଗୋଦାମ ବାଜା,ପଶ୍ଚିମବଙ୍ଗର ଛଉ,ଓଡିଶାର ସମ୍ବଲପୁରୀ ନୃତ୍ୟ, ବରଗଡର କଳାଜିବୀ,ରାୟଗଡାର ଢେମସା ନୃତ୍ୟ ଓ ଗୁରୁ ଆଲୋକ କୁମାର ପଣ୍ଡା ଓ ତାଙ୍କ ଟିମ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିଲା। ସୁଶାନ୍ତ ପାଢୀ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଭା ଅନୁଷ୍ଠାନର ସମ୍ପାଦକ ବିଷ୍ଣୁପ୍ରସାଦ ନାଏକ ଧନ୍ୟବାଦ ଦେଇଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି ନୃତ୍ୟ ସଙ୍ଗମ କାର୍ଯ୍ୟକ୍ରମକୁ ଅଞ୍ଚଳର ଲୋକେ ଉପଭୋଗ କରିଥିଲେ।

## ଲାଠୋର ଧନୁଯାତ୍ରା ପାଇଁ କଂସ ବରଣ

**ଲାଠୋର,୨୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀ କେନ୍ଦ୍ରଠାରେ ରବିବାର ଜୟ ମା ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ଆବାହକ୍ତରେ ୧୨ତମ ଧନୁଯାତ୍ରା ପାଇଁ କଂସ ବରଣ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୨୩ରୁ ୩୧ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଲାଠୋର ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବାକୁ ବରଗଡ଼ ଜିଲା ଭଟଲି ଗ୍ରାମର ଜଗଦାନନ୍ଦ ମିଶ୍ରଙ୍କୁ ଉପଢୌକନ ଦେଇ ବରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ଉପଦେଷ୍ଟା ରମାକାନ୍ତ ମହାନ୍ତି, ଅନିରୁଦ୍ଧ ମେହେର, ମୁରଲି ମେହେର,



ଜଗଦାନନ୍ଦ ମିଶ୍ରଙ୍କୁ କଂସ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଉଛି।

ସମ୍ପାଦକ ସଚିକାନ୍ତ ଦାଶ, ସଦସ୍ୟ ବିଦ୍ୟାଧର ଗୁର୍ଲା, ବିଶ୍ୱହରି ନାଗ, ନୀଳମଣି ବେହେରା, ରାଜ ତାଣ୍ଡି, ରାହୁଲ ସୋନି, ଭଗବାନ ସେଠ, ଜଗବନ୍ଧୁ ମେହେର ଓ ସଦସ୍ୟ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଖ୍ୟାତି ସମ୍ପନ୍ନ କଳାକାର ଆର୍ତ୍ତତ୍ରାଣ ସୁନାନୀ ଏବଂ ମଧୁସୂଦନ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା।

### ନୂତନ ଧାନ ମଣ୍ଡି ଉଦଘାଟନ କଲେ ଜନ ପ୍ରତିନିଧି ଓ ଅଧିକାରୀ

**କୋକସରା,୨୭।୧୧(ଡି.ଏନ.ଏ.)**

କୋକସରା ବ୍ଲକ ବଡ଼ପୋଡାଗୁଡା ପଞ୍ଚାୟତ ତଲାଗାଁ ଠାରେ ରବିବାର ନୂତନ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି , ଆମପାଣି ପାକ୍ସ ସଭାପତି ବିରଞ୍ଚି ନାରାୟଣ ପଣ୍ଡା, ଉପ ସଭାନେତ୍ରୀ ତିଲୋତ୍ତମା ନାଏକ, ସରପଞ୍ଚ ଯମୁନା ନାଏକ, ସମିତି ସଭ୍ୟା ଉମା ନାଏକ, କୃଷକ ମଞ୍ଚ ସଭାପତି ଟଙ୍କଧର ପୂଝାରି, ଉପ ସଭାପତି ବିଷ୍ଣୁ ନାଏକ, ସମ୍ପାଦକ ହରିଶ୍ଚନ୍ଦ୍ର ନାଏକ, ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ପାକ୍ସ ସମ୍ପାଦକ ବିକାଶ ପଣ୍ଡା ଯୋଗ ଦେଇଥିଲେ।

### କୁଟିଆ କନ୍ଧଙ୍କୁ ନେଇ ଭୋଟର ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨୭।୧୧(ଡି.ଏନ.ଏ)**

ଲାଞ୍ଜିଗଡ ବ୍ଲକ ନିୟମଗିରି ପାହାଡର ପାଦଦେଶରେ ଥିବା ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତର ଆଦିବାସୀ ଗାଁଗୁଡିକରେ ଜିଲା ପ୍ରଶାସନର ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ,ପିଏ ଆଇଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ ଓ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର ମିଶ୍ରଙ୍କ ମିଳିତ ଆନୁକୂଲ୍ୟରେ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାଓବାଦୀ ପ୍ରବଣ ତ୍ରିଲୋଚନପୁର ଠାରେ ନୂଆ ଭୋଟରଙ୍କ ନାଁ ପଞ୍ଜୀକରଣ, ନାମ ଅପସାରଣ, ତାଲିକାରେ ତଥ୍ୟ ସଂଶୋଧନ ଓ ଆଧାର ସହ ଭୋଟର କାର୍ଡ ସଂଯୋଗୀକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ତ୍ରିଲୋଚନପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ଆଦିବାସୀ କୁଟିଆ କନ୍ଧ ସମ୍ପ୍ରଦାୟ ମହିଳା, ପୁରୁଷ ଓ ଯୁବତୀ ଯୁବକ ଉପସ୍ଥିତ ଥିଲେ। କୁଟିଆ କନ୍ଧ ପ୍ରକଳ୍ପ ସଂଯୋଜକ ପ୍ରଧାନଙ୍କ ସମେତ କର୍ମଚାରୀ ଗୁଲସେନ ଦେବ ମାରକମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବିଶ୍ୱେଶ୍ୱର



@ ଉତ୍ତମ



@ ପ୍ରମୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ



ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡାରେ ସାମିଲ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

**ଖଡ଼ିଆଳ,୨୭।୧୧(ଡି.ଏନ.ଏ)**

ନୂଆପଡ଼ା ଜିଲା ଖଡ଼ିଆଳ ମୁସ୍କାନ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଖଡ଼ିଆଳ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଏସ୍‌ଡ଼ିପିଓ ସନ୍ତକ ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜିତ କୁମାର ରାଉତ, ଖଡ଼ିଆଳ ମହାବିଦ୍ୟାଳୟର ଅଧ୍ୟକ୍ଷ ତରୁଣ କୁମାର ପ୍ରଧାନ, ମିଶନ ହସ୍ପିଟାଲର ଚିକିତ୍ସାଧିକାରୀ ଡାକ୍ତର ନିବେଦିତା ସିଂ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିନ୍ଦିଆ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ତପସ୍ୱିନି ବାରିକ, ହିମାଦ୍ରୀ ବାରିକ, ମମତାଜ ବେଗମ, ମନସୁରା ପରବିନ, ଅମ୍ଳାନ ଖମାରୀ, ନିଶିକା ବିଶି, ପ୍ରମିତା ବାରିକ ସହ ସହାୟିକା ସୁମିତ୍ରା କୁମାର ଏହି ବାର୍ଷିକ କ୍ରୀଡା ଉତ୍ସବ ପରିଚାଳନା କରିଥିଲେ। ଏହି କ୍ରୀଡା ଉତ୍ସବ ଖଡ଼ିଆଳ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସୌରଭ ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୌଡ, ଫ୍ରକ ଜମ୍ପ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଚାମଚ ବାଟି ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସ୍କୁଲରେ ମୋଟ ଅଶୀ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ନର୍ସରୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। କ୍ରୀଡା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ସରପଞ୍ଚ ସଂଘର ବୈଠକ

**ଦେଓଗାଁ,୨୭।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ବ୍ଲକ ସରପଞ୍ଚ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ସଂଗଠନକୁ କେମିତି ମଜବୁତ କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ବ୍ଲକର ୨୬ ପଞ୍ଚାୟତ ସ୍ଥିତ ବିଭିନ୍ନ ଗାଁରେ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ଏବେ ମଧ ବଞ୍ଚିତ ରହିଛନ୍ତି। ଏଣୁ ଯୋଗ୍ୟ ହିତାଧିକାରୀମାନେ କେମିତି ସରକାରଙ୍କ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ଦିଗରେ ପଦକ୍ଷେପ ନେବାପାଇଁ ମତପ୍ରକାଶ ପାଇଥିଲା। ବର୍ତ୍ତମାନ ବ୍ଲକର ୧୨ଟି ପାକ୍ସ ଓ ସ୍ୱୟଂସହାୟକ ଦଳ ମାଧମରେ ଧାନକ୍ରୟ ଆରମ୍ଭ ହେବାକୁଥିବ ବେଳେ ପଞ୍ଚାୟତ ମାନଙ୍କରେ ଧାନକ୍ରୟ ତଦାରଖ ପାଇଁ ଦାୟିତ୍ୱ ଦେବା ପାଇଁ ଦାବି କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ହାତିସରା ପଞ୍ଚାୟତ ଅଫିସ ତାଲା ତାଲା ଭାଙ୍ଗି ଚୋରି ଉଦ୍ୟମ କରିଥିବା ଓ ସିଂହାମୁଣ୍ଡା ପଞ୍ଚାୟତରେ ଆବର୍ଜନା କୁଣ୍ଡକୁ କେହି ଭାଙ୍ଗିଦେଇଥିବା ଉପରେ ପଦକ୍ଷେପ ପାଇଁ ଥାନାଧିକାରୀଙ୍କୁ ସାକ୍ଷାତ କରିବାପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବ୍ଲକ ପରିସରରେ ଜନପ୍ରତିନିଧି ମାନଙ୍କପାଇଁ ବୈଠକ ଗୃହ ନିର୍ମାଣ, ସରପଞ୍ଚ ମାନଙ୍କ ପାଇଁ ଦରମା ପ୍ରଦାନ ଉପରେ ଦାବି କରାଯିବ ବୋଲି ମତପ୍ରକାଶ ପାଇଥିଲା। ସଂଘ ସମ୍ପାଦକ ଜ୍ୟୋସ୍ନାମୟୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଞ୍ଚୁରିଆନ ୟୁନିଭରସିଟି ଛାତ୍ରଙ୍କ କୃଷି ସଚେତନତା କାର୍ଯ୍ୟକ୍ରମ

**କେସିଙ୍ଗା,୨୭।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିର ବଗାଡ଼ରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିର ଏମ.ଏସ.ସ୍ୱାମୀନାଥ ସ୍କୁଲ ଅଫ ଏଗ୍ରିକଲଚରର ଛାତ୍ର ସୌରଭ ପଟ୍ଟନାୟକଙ୍କ ଦ୍ୱାରା କୃଷି ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହିକାର୍ଯ୍ୟକ୍ରମରେ ସୌରଭ କୃଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହାଛଡା ମୃତ୍ତିକା ପରୀକ୍ଷାର ଆବଶ୍ୟକତା, ଜୈବିକ ସାରର ପ୍ରୟୋଗ ସମ୍ବନ୍ଧରେ ଅବଗତ କରାଇଥିଲେ। ଶେଷରେ ଫସଲରେ ଲାଗୁଥିବା ରୋଗ ଏବଂ ପୋକ କିପରି ଚିହ୍ନିବା ଏବଂ ତାର ନିରାକରଣ ବିଷୟରେ କୃଷକମାନଙ୍କୁ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବଗାଡ଼ର ବହୁ ଚାଷୀ ଯୋଗ ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଛାତ୍ର ସୌରଭଙ୍କ ସହ ଅନ୍ୟମାନେ।

## ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ସାଧାରଣ ବୈଠକ

**ଭବାନୀପାଟଣା,୨୭।୧୧(ସ୍ୱ.ପ୍ର.)**

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରସ ସେବା ସଂଘ କଳାହାଣ୍ଡି ଶାଖା ପକ୍ଷରୁ ରବିବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ଇଂ. ସଞ୍ଜୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରୁଣା ପେନସନ ଯୋଜନା ଲାଗୁକରିବା,ପଞ୍ଚାୟତି ରାଜ ବିଭାଗରେ କାର୍ଯ୍ୟରତ ଥିବା କନିଷ୍ଠ ଯନ୍ତ୍ରୀମାନଙ୍କର ଗ୍ରେଡେଶନ କରିବା ସହିତ ପଦୋନ୍ନତି କରିବା,ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ସ୍ଥାୟୀ ନିଯୁକ୍ତି ଦେବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା।ଏହି ଅବସରରେ ଓଡିଶା ଡିପ୍ଲୋମା ଇଞ୍ଜିନିୟରସ କେନ୍ଦ୍ରୀୟ ସମ୍ପାଦକ ଶ୍ରୀଧର



ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରସ ସଂଘର ସାଧାରଣ ବୈଠକ।

ବାରିକ ଓ ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଇଂ. ସମରେନ୍ଦ୍ର ସାମଲ ଅତିଥି ଭାବରେ ଯୋଗଦାନ କରିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ନାରାୟଣ ନାୟକଙ୍କ ସ୍ମୃତି ଚାରଣ ପୂର୍ବକ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ଏହାପରେ ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା।ସର୍ବସମ୍ମତି କ୍ରମେ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ପ୍ରଧାନ ସଭାପତି,ପଞ୍ଚାୟତିରାଜ ବିଭାଗର ସଞ୍ଜୟ ମଲିକ ସମ୍ପାଦକ,ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରକାଶ ବେହେରା,କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଜଗମୋହନ ନାଏକ ସହ ସମ୍ପାଦକ,ସତ୍ୟନାରାୟଣ ବେହେରା ଓ ନିରଞ୍ଜନ ଘଡେଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।ପୂର୍ବ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ଇଂ.ପ୍ରବୀଣ କୁମାର ପାଣି, ହିମାଞ୍ଚଳ ବେହେରା,ମାନସ କୁମାର ସେଠୀ, ଚିତ୍ତରଞ୍ଜନ ଜେନା, ଜୟଶ୍ରୀ ସାହୁ, ମିତାଞ୍ଜଳି ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

**ନାଭାଲ ଏନ୍‌ସିସି ଦିବସ ପାଳନ**

କୋକସରା,(ଡି.ଏନ.ଏ.): କୋକସରା ବ୍ଲକ ଡେଙ୍ଗାଗୁଡାଠାରେ ଜବାହାର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନାଭାଲ ଏନସିସି ଦିବସ ପାଳନ କରାଯାଇଛି। ନାଭାଲ ଏନସିସି ପ୍ରଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । କୋକସରା ଡିଗ୍ରୀ ମହାବିଦ୍ୟାଳୟ ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ଏନସିସି ଦିବସର ପୃଷ୍ଠଭୂମି ଓ ଭାରତୀୟ ଜାତୀୟ ସଂହତି ଉପରେ ଏନସିସି କ୍ୟାଡେଟଙ୍କ ଭୂମିକା ଉପରେ ଉପସ୍ଥିତ ଏନସିସି ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

# ଏହି ମାଟିରେ ଜନ୍ମ, ଏହି ମାଟିରେ ମରିବି: ପ୍ରଦୀପ

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଦ୍ମପୁର ଅଞ୍ଚଳବାସୀଙ୍କ ସେବାରେ ଅଛି ଏବଂ ସେମାନଙ୍କ ଆଶୀର୍ବାଦରୁ ୨୦୧୪-୨୦୧୯ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇ ଶ୍ରେଷ୍ଠ ବିଧାୟକ ମାନ୍ୟତା ପାଇଲି। ପଦ୍ମପୁର ମୋର ଜନ୍ମମାଟି। ଗନ୍ଧମାର୍ଦ୍ଦନ, ହରିଶଙ୍କର ଏବଂ ନୃସିଂହନାଥକୁ ବଞ୍ଚାଇବା ପାଇଁ ଏ ଅଞ୍ଚଳବାସୀଙ୍କ ସହିତ କାମ କରିଛି। ବିରୋଧୀ ଭାଜପାର ହୋଇ ଶ୍ରେଷ୍ଠ ବିଧାୟକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ବଢ଼ିଛି। ମୋତେ ପଦ୍ମପୁର ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ଉପରେ ରୋକ୍ ଲଗାଇବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ସେନାପତିମାନଙ୍କୁ ପଠାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବର୍ତ୍ତମାନ ୬୦ରୁ ଊର୍ଦ୍ଧ୍ୱ ବିଧାୟକ ଏବଂ ୧୫ ଜଣ ମନ୍ତ୍ରୀ ପଦ୍ମପୁର ନିର୍ବାଚନମଣ୍ଡଳରେ ଡେରା ପକାଇଛନ୍ତି। ଶାସନ କଳ, ଅର୍ଥବଳ ଏବଂ କଳବଳ ଲଗାଇ ଭୋଟରମାନଙ୍କୁ ପ୍ରଭାବିତ କରାଯାଉଛି। ଏହି ମାଟିରେ ଜନ୍ମ, ଏହି ମାଟିରେ ମରିବି, କେଉଁଠିକି ଯିବିନାହିଁ। ଆଗାମୀ ଡିସେମ୍ବର ୫ ତାରିଖରେ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ମୋତେ ଆଶୀର୍ବାଦ କରିବେ ବୋଲି ରବିବାର ପାଇକମାଳ ଏବଂ ପଦ୍ମପୁରଠାରେ ଅନୁଷ୍ଠିତ ଜନସମାବେଶରେ ଉଦ୍‌ବୋଧନ ଦେଇ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି।


ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଉପସ୍ଥିତ ଜନତାଙ୍କ ଆଶୀର୍ବାଦ ଲୋଡୁଛନ୍ତି।

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀଙ୍କ ଫଟୋ ଉଠାକୁ ନେଇ ଭାଜପାର ଏତଲା

ବରଗଡ଼ ଅଫିସ୍/ପଦ୍ମପୁର, ୨୭।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପ୍ରଚାର ପାଇଁ ରବିବାର କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ନରେନ୍ଦ୍ର ସିଂ ତୋମାର ପଦ୍ମପୁର ଆସିଥିଲେ। ଉଭୟ କେନ୍ଦ୍ରମନ୍ତ୍ରୀ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ଅପରାହ୍ନ ପ୍ରାୟ ୩ଟା ୪୫ମିନିଟ୍‌ରେ ପଦ୍ମପୁର ନିକଟ ପୁରୁଷୋତ୍ତମପୁର ଗ୍ରାମର ଅମିତ ଗର୍ଗଙ୍କ ଘରେ ଭୋଜନ କରୁଥିଲେ। ଏହି ସମୟରେ ସେଠାକୁ ଜଣେ ଅଜଣା ଲୋକ ଯାଇ ଫଟୋ ଉଠାଇବା ଘଟଣାକୁ ନେଇ ପଦ୍ମପୁର ଥାନାରେ ଭାଜପା ନେତା ପ୍ରୀତେଶ କୁମାର ବହିଦାର ଏତଲା ଦେଇଛନ୍ତି । ଏତଲା ପାଇବା ପରେ ପୋଲିସ ତଦନ୍ତ ଚଳାଇଛି। ଅନ୍ୟପଟେ ଘଟଣାସ୍ଥଳରୁ ମିଳିଥିବା ପରିଚୟପତ୍ରରେ ଉକ୍ତ ବ୍ୟକ୍ତି ଜଣଙ୍କ ସିଆଇଡି ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ ଏଏସ୍‌ଆଇ ଭୋଜରାଜ ଦାଶ ବୋଲି ପରିଚୟ ରହିଛି। ଅଭିଯୋଗ ଅନୁସାରେ, ପୁରୁଷୋତ୍ତମପୁର ଗ୍ରାମର ଅମିତ ଗର୍ଗଙ୍କ ଘରେ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ଦୁଇ କେନ୍ଦ୍ରମନ୍ତ୍ରୀ ଭୋଜନ କରୁଥିବାବେଳେ ଏଏସ୍‌ଆଇ ଦାଶ ଘର ଭିତରକୁ ଅନଧିକାର ପ୍ରବେଶ କରି ଫଟୋ ଉଠାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷା କର୍ମୀ ମନା କରିବା ସତ୍ତ୍ୱେ ସେ ତାହା ଶୁଣି ନ ଥିଲେ ଏବଂ ଫଟୋ ଉତ୍ତୋଳନ କରିଥିଲେ। ପରେ ସେ ଘଟଣାସ୍ଥଳରୁ ଦୌଡ଼ି ପଳାଉଥିବା ବେଳେ ମୋବାଇଲ ଏବଂ ପରିଚୟପତ୍ର ତଳେ ପଡ଼ିଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଥିଲା। ଏ ନେଇ ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇଙ୍କୁ ୭୦୦୮୭୧୪୭୦୮ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ। ସେହିପରି ସିଆଇଡି ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ ଏଏସ୍‌ଆଇ ଦାଶଙ୍କ ମତାମତ ମିଳିପାରିନାହିଁ ।

### ବ୍ରାହ୍ମଣ ସମାଜ ବନ୍ଧୁମିଳନ

ପଦ୍ମପୁର,୨୬।୧୧(ଡି.ଏନ.ଏ.): ପଦ୍ମପୁର ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପଠାରେ ବ୍ରାହ୍ମଣ ପରିବାରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମପୁରର ପ୍ରାୟ ୩୦୦ ବ୍ରାହ୍ମଣ ପରିବାର ସଦସ୍ୟ ଯୋଗ ଦେଇଥିଲେ। ପର୍ଶୁରାମ ବାହିନୀ ସଦସ୍ୟ ସହଯୋଗ କରିଥିଲେ।

### ବାଉଁଶୁଣୀ ନାଗରିକ କମିଟିର ସାଧାରଣ ବୈଠକ

ବାଉଁଶୁଣୀ,୨୭।୧୧( ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ନାଗରିକ କମିଟିର ସାଧାରଣ ବୈଠକ ରବିବାର ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ନାରାୟଣ ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୨ଗୋଟି ପଞ୍ଚାୟତର ବିକାଶ ଉପରେ ଗୁରତ୍ୱ ଦିଆଯାଇ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ବାଉଁଶୁଣୀକୁ ନୂତନ ବ୍ଲକ ମାନ୍ୟତା,ବାଉଁଶୁଣୀ-ବୀରମହାରାଜପୁରକୁ ସଂଯୋଗ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ, ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ, ପ୍ରସୂତି ଓ ଚକ୍ଷୁ ରୋଗ ବିଶେଷଜ୍ଞ ନିଯୁକ୍ତି, ବାଉଁଶୁଣୀ ଠାରେ ଯାତ୍ରୀ ବିଶ୍ରାମାଗାର ପ୍ରତିଷ୍ଠା, ଉନ୍ନତମାନର ବସଷ୍ଟାଣ୍ଡ ନିର୍ମାଣ, ଡାକବଙ୍ଗଳାର ପୁନରୁଦ୍ଧାର, ବାଉଁଶୁଣୀ ଠାରୁ ଭାୟା ଗୁନ୍ଦୁଳିଆ ଦେଇ ଫୁଲବାଣୀକୁ ରାସ୍ତା ସଂଯୋଗୀକରଣ , ବାଉଁଶୁଣୀ ଖେଳପଡିଆକୁ ଷ୍ଟାଡିୟମରେ ରୂପାନ୍ତରଣ ଆଦି ୮ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା । ଆସନ୍ତା ଶୁକ୍ରବାର ନାଗରିକ କମିଟି ତରଫରୁ ବୌଦ୍ଧ ଜିଲାପାଳଙ୍କୁ ଭେଟି ଆଲୋଚନା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ୪ନଂ ଜୋନର ଜିଲା ପରିଷଦ ସଦସ୍ୟ ଇଂ ରାକେଶ ତ୍ରିପାଠୀ ଯୋଗଦେଇ ଆନ୍ଦୋଳନ ବିନା ଆମ ଅଞ୍ଚଳର ବିକାଶ ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ନେତା ଶେଷ କୁମାର ମେହେର ଯୋଗଦେଇ ଦଳମତ ନିର୍ବିଶେଷରେ ସମସ୍ତେ ଏକ ହୋଇ ଲାଗିଲେ ନିଶ୍ଚିତ ଭାବରେ ଆମର ନ୍ୟାର୍ଯ୍ୟ ଦାବି ପୂରଣ ହୋଇପାରିବ ବୋଲି ନିଜ ମତ ରଖିଥିଲେ । କମିଟିର ସଂପାଦକ ପ୍ରବୋଧ ରଥ ବୈଠକ ପରିଚାଳନା କରିଥିଲେ । ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସଦାଶିବ ଦେହୁରୀ, ବରିଷ୍ଠ ସଦସ୍ୟ ଘୁମୁଡୁ ଦନ୍ତା, ରଙ୍ଗନିଧି ଗାଇଗୌରିଆ, ଗିରିଶ ମହାକୁଡ, କଳାକାହ୍ନୁ ବେଜ, ରାଜେନ୍ଦ୍ର ବେହେରା, ଆଇନଜୀବୀ ବିବେକା ଦେହୁରୀ, ଗୋକୁଳା ଚାନ୍ଦ, ସନ୍ତୋଷ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ ।

## ପଦ୍ମପୁର ଏନ୍‌ଏସିରେ ବର୍ଷାଙ୍କ ରୋଡ୍ ଶୋ


ପଦ୍ମପୁରରେ ବିଜେଡି ପ୍ରାର୍ଥିନୀଙ୍କ ରୋଡ୍ ଶୋ ସହ ଆଶୀର୍ବାଦ ଭିକ୍ଷା।

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ରବିବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପଦ୍ମପୁର ଏନ୍‌ଏସିରେ ହାଇଭୋଲଟେଜ ପ୍ରଚାର କରିଛନ୍ତି । ସେ ପୂର୍ବାହ୍ନ ସାଢେ ୧୦ଟାରେ ସହରର ୧୧ଟି ୱାର୍ଡର ମୋଟ ୩୯ ଟି ପଡା ଓ ସାହିରେ ରୋଡ୍ ଶୋ କରିଥିଲେ। ବିଭିନ୍ନ ଛକରେ ମହିଳାମାନେ ବର୍ଷାଙ୍କୁ ଫୁଲମାଳ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହି ରୋଡ୍ ଶୋରେ ବିଧାୟକ ଶାରଦା ନାଏକ, ବିଧାୟିକା ଅଳକା ମହାନ୍ତି, ବଲାଙ୍ଗୀର ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ଏନ୍‌ଏସି ଉପାଧକ୍ଷା ଭାରତୀ ପଟ୍ଟନାୟକ, ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରିତମ ମେହେରଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ପଥପ୍ରାନ୍ତ ସଭାରେ ସତ୍ୟଭୂଷଣଙ୍କ ଭୋଟ୍‌ଭିକ୍ଷା

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପଇଁ ମତଦାନ ତାରିଖ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ମଧ ପ୍ରଚାରକୁ ଜୋରଦାର କରିଦେଇଛନ୍ତି। ଏହି କ୍ରମରେ ରବିବାର କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପଦ୍ମପୁର ବ୍ଲକ ଜୋନ-୩ର ବିଭିନ୍ନ ଗାଁରେ ଜୋରସୋର ପ୍ରଚାର କରିଛନ୍ତି। ସେ ପ୍ରଥମେ ଦୁଆନଡିହି, ଖଲିଆପାଲି ମଣ୍ଡୋମହୁଲ, ଝାଙ୍କରପାଲି, ବାଦୀମାଲ, ଦହିତା, ଡଙ୍ଗାଛଅା ସମେତ ୧୫ ଖଣ୍ଡ ଗ୍ରାମରେ ରୋଡ୍ ଶୋ କରିବା ସହିତ ପଥପ୍ରାନ୍ତ ସଭା କରିଥିଲେ। ବିଭିନ୍ନ ଗାଁରେ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ମାଗିବା ସହିତ ବୟସ୍କମାନଙ୍କ ଠାରୁ ଆଶୀର୍ବାଦ ଲୋଡିଥିଲେ। ପ୍ରାର୍ଥୀଙ୍କ ସହିତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।


କଂଗ୍ରେସ ପ୍ରାର୍ଥୀଙ୍କ ରୋଡ୍ ଶୋ ।

## ଜୟନାରାୟଣଙ୍କ ବିରୋଧରେ ବିଜେଡିର ଫେରାଦ


ବିଜେଡି ପ୍ରତିନିଧି ଦଳ ରିଟର୍ନିଂ ଅଫିସରଙ୍କୁ ଫେରାଦ ହେଉଛନ୍ତି।

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ରାଜ୍ୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଶନିବାର ଏକ ନିର୍ବାଚନ ସଭାରେ ମହିଳାମାନଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ନେଇ ବିଜେଡି ନାପସନ୍ଦ କରିଛି। ଏହାସହିତ ତାଙ୍କୁ ନିର୍ବାଚନ ପ୍ରଚାରରୁ ବାଦ୍ ଦେବା ପାଇଁ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ରବିବାର ପଦ୍ମପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ଫେରାଦ ହୋଇଛନ୍ତି। ବିରୋଧୀ ଦଳର ନେତା ଜୟନାରାୟଣଙ୍କ ଆପରାଧିକ ପୃଷ୍ଠଭୂମି ରହିଛି ଏବଂ ସେ ହତ୍ୟା ଭଳି ସଙ୍ଗୀନ ଅଭିଯୋଗରେ ଜେଲ ଯାଇ ଜାମିନରେ ଅଛନ୍ତି। ତେଣୁ ତାଙ୍କୁ ନିର୍ବାଚନୀ ପ୍ରଚାରରୁ ବାଦ ଦେବା ପାଇଁ ବିଜେଡି ପ୍ରବକ୍ତା ସଞ୍ଜୟ ବାବୁ, ସୌଭାଗ୍ୟ ନାଏକ, ଟାଉନ ସଭାପତି ନବ ସାହୁ, ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ ପ୍ରମୁଖ ରିଟର୍ନିଂ ଅଫିସରଙ୍କୁ ଅନୁରୋଧ କରିଛନ୍ତି।


@ ବିଶ୍ୱେଶ୍ୱର


@ ଉତ୍ତମ


@ ପ୍ରମୋଦ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୂତନ ଧାନ ମଣ୍ଡି ଉଦଘାଟନ କଲେ ଜନ ପ୍ରତିନିଧି ଓ ଅଧିକାରୀ

କୋକସରା,୨୭।୧୧(ଡି.ଏନ.ଏ.)

କୋକସରା ବ୍ଲକ ବଡ଼ପୋଡାଗୁଡା ପଞ୍ଚାୟତ ତଳାଗାଁ ଠାରେ ରବିବାର ନୂତନ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି , ଆମପାଣି ପାକ୍ସ ସଭାପତି ବିରଞ୍ଚି ନାରାୟଣ ପଣ୍ଡା, ଉପ ସଭାନେତ୍ରୀ ତିଳୋତ୍ତମା ନାଏକ, ସରପଞ୍ଚ ଯମୁନା ନାଏକ, ସମିତି ସଭ୍ୟା ଉମା ନାଏକ, କୃଷକ ମଞ୍ଚ ସଭାପତି ଟଙ୍କଧର ପୂଝାରି, ଉପ ସଭାପତି ବିଭୁ ନାଏକ, ସମ୍ପାଦକ ହରିଶ୍ଚନ୍ଦ୍ର ନାଏକ, ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ପାକ୍ସ ସମ୍ପାଦକ ବିକାଶ ପଣ୍ଡା ଯୋଗ ଦେଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ତାଲମେଣ୍ଡା ଚାମ୍ପିୟନ

ଜାମଟିକ୍ରା,୨୭।୧୧(ଡି.ଏନ.ଏ.)

ଅତାବିରା ବ୍ଲକ ଅଧୀନ ଅମଲିପାଲି ଖେଳ ପଡ଼ିଆରେ ଚାଲିଥିବା ଯଦୁମଣି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏମ୍‌ସି ସୁପରଭାଇଜର ଦୁର୍ଗାପ୍ରସାଦ ଛୁରିଆ ମୁଖ୍ୟ ଅତିଥି, ସରପଞ୍ଚ ସୁନନ୍ଦା ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଭୋଇପାଲି, ତାଲମେଣ୍ଡା, ଡୁମେରପାଲି ଓ ପୋଢବାଡି ଦଳ ସେମିଫାଇନାଲ ଖେଳିଥିଲେ। ତାଲମେଣ୍ଡା ଓ ପୋଢବାଡି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତାଲମେଣ୍ଡା ଦଳ ନିର୍ଦ୍ଧାରିତ ୭ ଓଭରରେ ୬୦ ରନ ସଂଗ୍ରହ କରିଥିବା ବେଳେ ପୋଢବାଡି ଦଳ ମାତ୍ର ୩୯ ରନ ସଂଗ୍ରହ କରିଥିଲା। ଫଳରେ ତାଲମେଣ୍ଡା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କୁନୁ ବିଶ୍ୱାଳ, ଟୁନୁ କରାଲି, ପ୍ରଦୀପ ମହାପାତ୍ର, ନୀଳାଞ୍ଚଳ ଭୋଇ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନଙ୍କ ଗହଣରେ ଖେଳାଳିବୃନ୍ଦ।

## ଏନ୍‌ସିସି ଦିବସରେ ରକ୍ତଦାନ ଶିବିର

ବରପାଲି,୨୭।୧୧(ଡି.ଏନ.ଏ.)

ବରଗଡ ଜିଲା ବରପାଲି ସ୍ଥିତ ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ରବିବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନୀତା ମୁଣ୍ଡ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସମର ଶିକ୍ଷାର୍ଥୀ ବାହିନୀଙ୍କ ପରେଡ୍ ପରେ ଏକ ସାଧାରଣ ସଭା କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ଡୁଙ୍ଗୁରିପାଲିର ଅଧକ୍ଷ ଏସ୍. ପି. କଲେତ, ଉପାଧକ୍ଷ ସୁଶୀଲ କୁମାର ରଥ ଯୋଗ ଦେଇଥିଲେ। ଏହି ଅବସରରେ ସିଟିଓ ଅଭିଷେକ ବେହେରା ଓ ତୃପ୍ତିମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମର ଶିକ୍ଷାର୍ଥୀ ବାହିନୀ ଏକ ଶୋଭାଯାତ୍ରାରେ ବାହାରି ଗାନ୍ଧୀଛକଠାରେ ଥିବା ମହାତ୍ମାଗାନ୍ଧୀ ଓ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି ପରିସରକୁ ସଫେଇ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିରରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସମ୍ବଲପୁରୀ ଗୀତରେ ଝୁମିଲେ ଦର୍ଶକ


ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ।

ବୌଦ୍ଧ,୨୭।୧୧(ସ୍ୱ.ପ୍ର.)

### ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ରବିବାର ଦିନ ଉଦ୍‌ଯାପିତ ହୋଇଛି ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଦୀର୍ଘ ୭ ଦିନ ଧରି ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ର ପୁରୁଣାକଟକ ମିନି ଷ୍ଟାଡିୟମଠାରେ ଆୟୋଜିତ ହୋଇଥିବା ଏହି ମହୋତ୍ସବର ଶେଷ ଦିନରେ ସମ୍ବଲପୁରୀ ଗୀତରେ ଦର୍ଶକ ଝୁମିବା ସହ ବିଭୋର ହୋଇ ପଡିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପ ବାଚସ୍ପତି ରଜନୀ କାନ୍ତ ସିଂ ଓ ସମ୍ମାନିତ ଅତିଥି ଭାବେ ବୌଦ୍ଧର ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଉପବାଚସ୍ପତି ସିଂ କହିଥିଲେ ମା' ଭୈରବୀଙ୍କ କରୁଣା ଓ ମହିମା ଅପାର। ବୌଦ୍ଧ ଜିଲା କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଜିଲା ବୋଲି କହିବା ସହ ଆଗକୁ ଋଦ୍ଧିମନ୍ତ ହେଉ ବୋଲି କହିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ତାରେଣିଆ ଓ ଭୈରବୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ମନୋଜ ପାଠୀ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ସମ୍ବଲପୁରୀ ଗୀତ ପରିବେଷଣ ହୋଇଥିଲା । ମହୋତ୍ସବକୁ ସରସ, ସୁନ୍ଦର ଓ ଆର୍କଷଣୀୟ କରିବାକୁ ମୀନାବଜାର, ରାମଦୋଳି, ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ, ଘରକରଣା ସାମଗ୍ରୀ କିଣିବାର ମଜା ଦର୍ଶକ ନେଇଥିଲେ। ମହୋତ୍ସବ କମିଟିର ଆବାହକ ସୁକାନ୍ତ କୁମାର ପଟ୍ଟନାୟକ, ସତୀଶ ବେହେରା, କୈଳାସ ଅଗ୍ରୱାଲା, ବିଭୁଦତ୍ତ ବୋଷ, ସଜ୍ଜନ ଅଗ୍ରୱାଲା, ସୁକାନ୍ତ ଦାସ, ମନୋଜ ସାହୁ, ମନୋଜ ପାଢୀ, ଶୁଭ୍ରଜିତ ପ୍ରଧାନ, ସୁବାସ ପ୍ରଧାନ, ପୁରନ୍ଦର ଠେଲା, ବିଜୟ କହଁର, ଅମୁଲ୍ୟ ମିଶ୍ର, ସତ୍ୟ ନାୟକ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

**ପାର୍ବତୀଗିରି ମାତୃଭବନରେ ଅନ୍ତେବାସୀଙ୍କ ପରଲୋକ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଫୁଲଝରଣଠାରେ ଥିବା ପାର୍ବତୀଗିରି ରେଡକ୍ରସ ମାତୃଭବନଠାରେ ଅନ୍ତେବାସୀ ସୁମତି ପାଣ୍ଡେ (୮୦)ଙ୍କ ରବିବାର ମୃତ୍ୟୁ ଘଟିଛି। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମାତୃଭବନରେ ରୀତିନୀତି ଅନୁସାରେ ପୂଜା କରିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାମାଜିକ କର୍ମୀ ଓ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ପରିଚାଳକ କୁଳଧର ପ୍ରଧାନ ମୁଖାଗ୍ନି ଦେଇଥିଲେ। ବିଡିଓ ନୀଳାମ୍ବର ମହାନନ୍ଦ, ରେଡକ୍ରସ ସମ୍ପାଦକ ଜୟ ଜର୍ଜ ଶୋକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପଣ୍ଡିତ ମଧୁସୂଦନ ଗୁରୁ ବକ୍ତୃତା, କବିତା ପାଠୋତ୍ସବ

ଦେବଗଡ଼,୨୭।୧୧(ଡି.ଏନ୍.ଏ.): ଦେବଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ମଧୁସୂଦନ ଗୁରୁ ବକ୍ତୃତା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ କ୍ଲବ ଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସଦର ଉପସଭାପତି ନିରଞ୍ଜନ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବରେ ଡ. ଭାରତ ଭୂଷଣ ନନ୍ଦ ଓ ଡ. ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ଅଧାପକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ୪ଜଣ ବରିଷ୍ଠ ସାଧକ ପ୍ରଫୁଲ୍ଲ କୁମାର ମହାପାତ୍ର, ଖଗେଶ୍ୱର ଦେହୁରୀ, ନିରଞ୍ଜନ ଦ୍ୱିବେଦୀ ଓ ଫକୀରମୋହନ ଦେହୁରୀଙ୍କ ଦ୍ୱାରା ରଚିତ ପୁସ୍ତକ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କବି ଖଗେଶ୍ୱର ଦେହୁରି, ଡା. ବିଳାଶିନୀ ଦ୍ୱିବେଦି, ଯୁଧିଷ୍ଠିର ଦାଶ, ରୁବି ଦାଶ, ଅଞ୍ଜନା ନାୟକ, ଭାନୁ ଶଙ୍କର ନନ୍ଦ, ଉଦୟ ନାଥ ପ୍ରଧାନ, ଉପମା ରଣା, ସୁଜିତ କୁମାର ଖଡ଼ିରତ୍ନ, ଅଲେଖ ପ୍ରସାଦ ପାତ୍ର କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ମାର୍କଣ୍ଡେଶ୍ୱର ଶତପଥୀ, ସୁଧୀର କୁମାର କପରଦାର, ଭୋଳେଶ୍ୱର ମିଶ୍ର, ବିପିନ ବିହାରୀ ନନ୍ଦ, ଜଗବନ୍ଧୁ ଶତପଥୀ, ପଙ୍କଜିନୀ ବେହେରା, ଶୁଭ୍ରାଂଶୁ ଶେଖର ଗୁରୁ ଓ ଲୁଇନା ବେହେରା ଉପସ୍ଥିତ ଥିଲେ।

### ଶୁଭମ ମେହେର ତରଙ୍ଗ ବିଗ୍ ବ୍ରେକ୍ ରିଆଲିଟି ଶୋ ବିଜେତା

ସମ୍ବଲପୁର,୨୭।୧୧(ବ୍ୟୁରୋ): ସମ୍ବଲପୁର ସହରର ଶୁଭମ ମେହେର ତରଙ୍ଗ ଟିଭିର ରିଆଲିଟି ଶୋ ବିଗ୍ ବ୍ରେକ ପୁରୁଷ ବର୍ଗରେ ବିଜେତା ହୋଇଛନ୍ତି। ଛୋଟ ସମୟରୁ ଶୁଭମ ଅଞ୍ଚଳର କଳା ଓ ସଂସ୍କୃତିକୁ ବିଭିନ୍ନ ମଞ୍ଚରେ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ସେ ଦୀର୍ଘ ଦଶବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଦୃଶ୍ୟ ନାଟ୍ୟ ଆଶ୍ରମ ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ତାଲିମ ଗ୍ରହଣ କରି ଓଡିଶା ଓ ରାଜ୍ୟ ବାହାରେ ନାଟକ ପରିବେଷଣ କରିଛନ୍ତି। ଶୁଭମ ବିଗ ବ୍ରେକ୍ ରିଆଲିଟି ଶୋ'ରେ ଜୋକର୍, ଢୁଲିଆ, ଡେଲିଭରି ବୟ ପ୍ରଭୃତି ଚରିତ୍ରରେ ଅଭିନୟ କରି ଅତିଥିଙ୍କ ମନ ଜିଣିପାରିଛନ୍ତି। ଏହି ସଫଳତା ସକାଶେ ସମ୍ବଲପୁର ସହରର କଳାକାରମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ମହାବିଦ୍ୟାଳୟରେ ଏନ୍‌ସିସି ଦିବସ

ଝାରସୁଗୁଡ଼ା ଅଫିସ,୨୭।୧୧ ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅନ୍ତର୍ଗତ ୩ ବାହିନୀର ଛାତ୍ରୀଛାତ୍ରଙ୍କ ସହିତ ଡିଏଭି ସ୍କୁଲର ୩ଦଳ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସମ୍ପାଦକ ତାପସ ରାୟ ଚୌଧୁରୀ ଓ ଡିଏଭି ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏନ୍‌ସିସି ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ଲେଫ୍‌ଟନାଣ୍ଟ ମାନସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧରେ ମହାବିଦ୍ୟାଳୟ ଆକାଶ ବାହିନୀର ମୁଖ୍ୟ ଡ. ମନିସ ଦ୍ୱିବେଦୀ, ପ୍ରାଧାପକ ତପନ କୁମାର ବାରିକ, ନରସିଂହ ପାଣିଗ୍ରାହୀ, ଅଖିଳ କୁମାର ସିଂ, ଡ. ସରୋଜ କୁଅଁର, ଅଧାପକ ତପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଧାର୍ମିକ ସଦ୍‌ଭାବନାକୁ ସୁଦୃଢ଼ କରିବା ଅପରିହାର୍ଯ୍ୟ

ସମ୍ବଲପୁର,୨୭।୧୧(ବ୍ୟୁରୋ)



ଆଇନ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେଶର ଅଖଣ୍ଡତାକୁ ବଜାୟ ରଖିବା ଲାଗି ଧାର୍ମିକ ସଦ୍‌ଭାବନାକୁ ସୁଦୃଢ କରିବା ଅପରିହାର୍ଯ୍ୟ। ଭାରତରେ ଦୁର୍ନୀତି, ବେକାରୀ ସମସ୍ୟା, ଉଗ୍ରବାଦ ଓ ସାମ୍ପ୍ରଦାୟିକ ରାଜନୀତି ଯୋଗୁ ଧାର୍ମିକ ବିଶୃଙ୍ଖଳା ଦେଖାଦେଉଛି। ଏହାକୁ ପ୍ରତିହତ କରିବା ପାଇଁ ଆଇନ ଛାତ୍ରୀଛାତ୍ର ସ୍ୱର ଉତ୍ତୋଳନ କରିବାର ଆବଶ୍ୟକତା ରହିଛି। ଦେଶବାସୀ ଧାର୍ମିକ ସଦାଚାରକୁ ବ୍ରତ ରୂପେ ଗ୍ରହଣ କଲେ ଆମର ସମ୍ବିଧାନ ପ୍ରଣେତାଙ୍କ ସ୍ୱପ୍ନ ସାକାର ହେବ। ଆଇନ ଦିବସ ଉପଲକ୍ଷେ ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଧାର୍ମିକ ସଦ୍‌ଭାବନା-ସମସ୍ୟା ଓ ଆହ୍ୱାନ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ଶ୍ରୀବନ୍ତ ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇ ସମ୍ବିଧାନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଗାୟତ୍ରୀ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ଶତପଥି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଭାରତର ବଳିଷ୍ଠ ଆଧ୍ୟାତ୍ମିକ ସଂସ୍କୃତିକୁ ନଷ୍ଟ ନ କରିବା ପାଇଁ ଆଇନ

### ଆଇନ ମହାବିଦ୍ୟାଳୟରେ ଆଇନ ଦିବସ

ଛାତ୍ରୀଛାତ୍ର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅତିଥି ଅଧାପକ କିଶୋର ଜେନା ସଂସଦରେ ପ୍ରଣୀତ ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଗଲେ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ରୋକାଯାଇ ପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ସହକାରୀ ଅଧାପକ ଡକ୍ଟର ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ଆଲୋଚନା ଚକ୍ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଚାନ୍ଦନୀ ମିଶ୍ର, ପୂଜା ରାଉତ, ଯୋଗପ୍ରଜ୍ଞା ସାହୁ, ଦେବୀ ପ୍ରସାଦ ସାହୁ, ଅନୁଷ୍କା ପତି, ଅସୀମ ପଟେଲ, ଅଂଶୁମାନ ମିଶ୍ର, ଉର୍ମିଳା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ପିଓଙ୍କୁ ଓଏପିଏଫ୍‌ରେ ନିଯୁକ୍ତି ଦିଆଯାଉ

ନାକଟିଦେଉଳ,୨୭।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ପୋଲିସ ଅଧୀନରେ ଏସ୍‌ପିଓ ଭାବେ ନିଯୁକ୍ତି ପାଇଥିବା ରେଢାଖୋଲ ଉପଖଣ୍ଡର ସମସ୍ତଙ୍କୁ ଓଏପିଏଫ୍‌ରେ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏସ୍‌ପିଓ ଭାବେ ନିଯୁକ୍ତି ପାଇଥିବା ରେଢାଖୋଲ, କିସିଣ୍ଡା ଓ ନାକଟିଦେଉଳ ଥାନାର ସମୁଦାୟ ୨୩ଜଣ ରବିବାର ଚମ୍ପାଳୀ ନଦୀ ତଟରେ ଏକ ବୈଠକ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ନିଯୁକ୍ତି ସମୟରେ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଏସ୍‌ପିଓଙ୍କ ଅଭିଯୋଗ ଅନୁସାରେ ଉପରୋକ୍ତ ୩ ଥାନା ଅଞ୍ଚଳର ୬୩ଜଣ ଯୁବକଙ୍କୁ ପୋଲିସ ବିଭାଗ ପକ୍ଷରୁ ୨୦୧୦ ଜାନୁୟାରୀରେ ନିଯୁକ୍ତି ଦିଆଯାଇଥିଲା। ତେବେ କିଛି ବର୍ଷ ଧରି ସେମାନେ କାର୍ଯ୍ୟ କରିଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ନିଯୁକ୍ତିରୁ



ବୈଠକରେ ଯୋଗଦେଇଥିବା ଏସ୍‌ପିଓମାନେ।

ଅନ୍ତର କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ବିରୋଧ କରାଯାଇଥିଲା। ଏହାକୁ ନେଇ ରେଢାଖୋଲ ଉପଖଣ୍ଡର ୨୩ଜଣ ଏସ୍‌ପିଓ ନଭେମ୍ବର ୨୦୧୯ରେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ତେବେ ୨୮।୧୦।୨୨ରେ ଏଥିମଧ୍ୟରୁ ୧୦ଜଣଙ୍କୁ ଓଏପିଏଫ୍‌ରେ ନିଯୁକ୍ତି ଦେବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ସମସ୍ତ ୨୩ଜଣ ଯାକ କିପରି ଓଏପିଏଫ୍‌ରେ ନିଯୁକ୍ତି ପାଇପାରିବେ ସେ ନେଇ ବୈଠକରେ ଆଲୋଚନା କରିଥିଲେ। ବୈଠକରେ ମାର୍କଣ୍ଡ ମୁଣ୍ଡା, ଯଦୁମଣୀ ପ୍ରଧାନ, ଶମ୍ଭୁ ବିଶ୍ୱାଳ, ଆମ୍ବୁସ ମୁଣ୍ଡା, ବେଞ୍ଜାମିନ ଟେଟେ, ଅରୁଣ ସାହୁଙ୍କ ସମେତ ଏସ୍‌ପିଓମାନେ ଯୋଗଦେଇଥିଲେ।

### କନ୍ଲେଶ୍ୱର ମନ୍ଦିରରେ ସଙ୍ଗୀତ ସନ୍ଧ୍ୟା

ସମ୍ବଲପୁର,୨୭।୧୧(ବ୍ୟୁରୋ)

ନାଦ ବ୍ରହ୍ମ ଅନୁଷ୍ଠାନ ଓ କନ୍ଲେଶ୍ୱର ମନ୍ଦିର ପରିଚାଳନା କମିଟିର ମିଳିତ ଉଦ୍ୟମରେ ଏକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସାମୂହିକ ହନୁମାନ ଚାଳିଶା ପାଠ କରାଯିବା ପରେ ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗୁରୁ ବୈଷ୍ଣବ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶାସ୍ତ୍ରୀୟ ରାଗ ଉପରେ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସର୍ବ ଗୋପାଳ ନାୟକ, ଚେତନାମୟୀ ବେହେରା, ସୁବାସିନୀ ଶତପଥୀ, ସନ୍ତୋଷ କୁମାର ମିଶ୍ରା, ଦୀପକ କୁମାର ମିଶ୍ର, ସନ୍ତୋଷ କୁମାର ବାଗ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ନୃତ୍ୟ ଗୁରୁ ରଞ୍ଜିତ ନାଗ, ଭାଷାବିତ ଶ୍ୟାମ ସୁନ୍ଦର ଧର, ସଙ୍ଗୀତ ଗୁରୁ ରତନ ପୂଜାରୀ ପ୍ରମୁଖ ଯୋଗଦେଇ ଶାସ୍ତ୍ରୀୟ ରାଗ ଓ ସଙ୍ଗୀତ ସମ୍ପର୍କରେ ମତାମତ ଦେଇଥିଲେ। ପ୍ରତ୍ୟେକ କଣ୍ଠଶିଳ୍ପୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇନରହୁଇଲ ପକ୍ଷରୁ ସଚେତନତା ରାଲି



ଇନରହୁଇଲ ପକ୍ଷରୁ ସଚେତନତା ରାଲି।

ସମ୍ବଲପୁର,୨୭।୧୧(ବ୍ୟୁରୋ)

ଏବେ ବିଭିନ୍ନ କାରଣରୁ ଯୁବାବସ୍ଥାରେ ବି ଲୋକେ ରୋଗରେ ପୀଡିତ ହେଉଛନ୍ତି। ଔଷଧ ଖାଇବା ଦ୍ୱାରା କେତେ ରୋଗ ଠିକ ହୋଇଯାଉଥିବା ବେଳେ କେତେକ ରୋଗୀଙ୍କ ଜୀବନ ବଞ୍ଚାଇବାକୁ ବିଭିନ୍ନ ଅଙ୍ଗ ପ୍ରତିରୋପଣ କରିବାକୁ ପଡୁଛି। ଜୀବନ ବଞ୍ଚାଇବାକୁ ଅଙ୍ଗର ଆବଶ୍ୟକତା ରହୁଛି। ହେଲେ ଅନ୍ଧବିଶ୍ୱାସର ବଶବର୍ତ୍ତୀ କେତେକେ ମୃତ୍ୟୁ ପରେ ମଧ ଅଙ୍ଗଦାନ

### ବିଶ୍ୱ ଅଙ୍ଗଦାନ ଦିବସ

କରୁନାହାନ୍ତି। ଏ ନେଇ ସଚେତନ କରିବାକୁ ସମ୍ବଲପୁରର ମହିଳା ସଂଗଠନ ସଦସ୍ୟ ଓ ଛାତ୍ରୀଛାତ୍ର ଆଗେଇ ଆସିଛନ୍ତି। ରବିବାର ବିଶ୍ୱ ଅଙ୍ଗଦାନ ଦିବସରେ ସଚେତନତା ରାଲି ଓ ସଭା ଅନୁଷ୍ଠିତ ହୋଇଛି।

ଇନର୍‌ହୁଇଲ କ୍ଲବ ସମ୍ବଲପୁର ହ୍ୟାଣ୍ଡଲୁମ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ଲାକାର୍ଡ ଧରି ଅଙ୍ଗଦାନ କରିବା ନେଇ ରାଲି କରି ସଚେତନ କରାଯାଇଥିଲା। ଇନରହୁଇଲ କ୍ଲବ୍ ଅଫ୍ ସମ୍ବଲପୁର ହ୍ୟାଣ୍ଡଲୁମ୍ ସିଟିର ମହିଳା ସଦସ୍ୟଙ୍କ ସମେତ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ କ୍ରିଷ୍ଣା ମହାନ୍ତି ଓ ସୁନିତା ରଥ ଅତିଥିଭାବେ ଯୋଗ ଦେଇଥିଲେ। ସଭାନେତ୍ରୀ ଶୋଭାଗିନି ପଟେଲ ଓ ସମ୍ପାଦିକା ମମତା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବୃଦ୍ଧାଶ୍ରମ ପ୍ରତିଷ୍ଠା ଦିବସ

ରେଙ୍ଗାଲି,୨୭।୧୧(ଡି.ଏନ.ଏ.)

ରେଙ୍ଗାଲି ନିକଟସ୍ଥ କେଉଁଟଡିହିଠାରେ ଥିବା ସହାୟତା ବୃଦ୍ଧାଶ୍ରମର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମ ପରିଚାଳନା କମିଟି ସଭାପତି ହରିହର ନାଥ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ମୁକୁନ୍ଦ ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଶ୍ରମର ସଂସ୍ଥାପକ ସାମାଜିକ କର୍ମୀ ଶଶିଭୂଷଣ ସାହୁ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ଆଶ୍ରମର କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ସଂଯୋଜନାରେ ଆଶ୍ରମ ପରିଚାଳନାରେ ସାହାଯ୍ୟ ସହଯୋଗ କରୁଥିବା ଡା. ଅଭିଜିତ ଶର୍ମା, ତିଳକ ବାଗ, ଶମ୍ଭୁ ଅଗ୍ରୱାଲା, ନିକୁଞ୍ଜ ବାବୁ, ସୁଧିରଭାଇ ପଟେଲ ପ୍ରମୁଖଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶ୍ରମର ସମ୍ପାଦକ ଯତୀନ୍ଦ୍ର ସାହୁ, ଉପସଭାପତି ଶିଶିର ସାହୁ, କୋଷାଧକ୍ଷ ଗୋବର୍ଦ୍ଧନ ବାରିକ, ନରେଶ ମାହାଣା, ସଂଯୋଜକ ସୁବ୍ରତ ପାଢୀ ସହଯୋଗ କରିଥିଲେ।

# ବିକାଶ ଯୋଜନାରେ ଭାଗୀଦାରି ଶୀର୍ଷକ ଆଲୋଚନା


କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା।

ସମ୍ବଲପୁର,୨୭।୧୧(ବ୍ୟୁରୋ)

ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁର ଶାଖା ପକ୍ଷରୁ ବିକାଶ ଯୋଜନାରେ ସ୍ଥାନୀୟ ଲୋକଙ୍କ ଭାଗିଦାରି ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ସାକ୍ଷୀପଡାସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଶାଖା ସଂଯୋଜକ ଲଳିତ ମୋହନ ବେବର୍ତ୍ତାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସମ୍ବଲପୁରରେ ବିକାଶ ପ୍ରକଳ୍ପ ସମ୍ପ୍ରତି ତ୍ୱରାନ୍ୱିତ ହୋଇଛି। ତଥାପି ଜିଲାର ବିକାଶ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କ ଭାଗିଦାରି ଜରୁରୀ। ସହରର ବିକାଶ ଲାଗି ସ୍ୱତନ୍ତ୍ର ଡିଜାଇନ ଓ ସମନ୍ୱିତ ଯୋଜନାର ଆବଶ୍ୟକତା ରହିଛି। ଏଥିଲାଗି ବିକାଶ ସମିତି ଗଠନ କରି ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାକୁ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସକ୍ରିୟ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲ। ମଞ୍ଚ ଉପଦେଷ୍ଟା ଡ. ପ୍ରମୋଦ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମ୍ବଲପୁର ଶାଖା ଓ ଭାରତୀ ସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଆବାହକ ଭବାନୀଶଙ୍କର ଭୋଇ ସଂଯୋଜନା କରିଥିଲେ। ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ମହିଳା ସଂଯୋଜିକା କାନ୍ତି ମେହେର, ଅର୍ଥ ସଂଯୋଜକ ସୁଦାମ ମେହେର, ଶାଖା ସଂଗଠନ ସଂଯୋଜକ ସୁରେନ୍ଦ୍ର ବଗର୍ତ୍ତି, ଶାନ୍ତନୁ ପାଢୀ, ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇ, ଯୁବ ସଂଯୋଜକ ସୁସ୍ମିତ କୁମାର ପଣ୍ଡା ପ୍ରମୁଖ ମତ ରଖିଥିଲେ।

# ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

ସମ୍ବଲପୁର,୨୭।୧୧(ବ୍ୟୁରୋ)

ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଓ ସ୍ୱତନ୍ତ୍ର ରାଜ୍ୟ ଦାବି ଜୋର ଧରିଛି। ଏହାକୁ ନେଇ ରବିବାର ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମ୍ବଲପୁରୀ ଭାଷା ଓ ସଂସ୍କୃତି ପରିଷଦ ଏବଂ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ବାଇକ୍ ରାଲି କରାଯାଇଥିଲା। ରାଲି କମଳିବଜାର, ବାଲିବନ୍ଧା ଛକ, କୁଞ୍ଜେଲପଡ଼ା, ବଡସଡ଼କ, ସାନସଡ଼କ, ଲକ୍ଷ୍ମୀଟକିଜ ଛକ, ଭିଏସ୍ଏସ୍ ମାର୍ଗ ଦେଇ ଜେଲ ଛକରେ ପହଞ୍ଚିଥିଲା। ସେଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କର୍ମକର୍ତ୍ତାମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ସ୍ଲୋଗାନ ଦେଇଥିଲେ। ପରିଷଦର ସଭାପତି ସରୋଜ କୁମାର ଦାସ, ସାମ୍ମୁଖ୍ୟ ସଭାପତି ଡ. ପରେଶ ଚନ୍ଦ୍ର ଦାନି, ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ ଅଧକ୍ଷ ପ୍ରଦିପ କୁମାର ବହିଦାର, ନାଗରିକ କ୍ରିୟାନୁଷ୍ଠାନ କମିଟିର ପ୍ରଫୁଲ୍ଲ କୁମାର ହୋତାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସାମିଲ ହୋଇଥିଲେ।



ଜେଲ ଛକରେ କର୍ମକର୍ତ୍ତା ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ବିଶ୍ୱେଶ୍ୱର


@ ଉତ୍ତମ


@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଜୟ ମା'ଦୁର୍ଗା କ୍ଲବ ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟ ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼, ୨୭।୧୧(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା ଗ୍ରାମରେ ସୁଗୁଡା ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସୁଗୁଡ଼ା ମା' ରମ୍ଭାଦେବୀ ଦଳକୁ ଟ୍ରାଇବ୍ରେକର ଜରିଆରେ ସମ୍ବଲପୁର ଜୟ ମା'ଦୁର୍ଗା ଫୁଟବଲ କ୍ଲବ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ କାର୍ଯ୍ୟକ୍ରମରେ କ୍ଲବର ସଭାପତି ଦେବାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧକ୍ଷା ଆରତୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭାପତି ରଣଜିତ ପଟେଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ, ଭୋଳେଶ୍ୱର ପ୍ରଧାନ, ରାମେଶ୍ୱର ନାଏକ, ଡମ୍ବରୁଧର ସାହୁ, କୁନୁ ବେହେରା, ଅମରେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପ୍ରଫୁଲ୍ଲ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଶେଷରେ ନୃପମଣି ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କୁଚିଣ୍ଡା କଲେଜରେ ସମ୍ବିଧାନ ଦିବସ

କୁଚିଣ୍ଡା,୨୭।୧୧(ଡି.ଏନ.ଏ.)

କୁଚିଣ୍ଡା କଲେଜରେ ରବିବାର ରାଜନୀତି ବିଜ୍ଞାନ ବିଭାଗ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପକ ଭିକାରୀ ଓରାମ ଏହି ଦିନର ପୃଷ୍ଠଭୂମି ପାଠ କରିଥିଲେ। ଅଧାପକ ଅମିୟ ପାତ୍ର, ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ବେଳମତୀ କୁମୁରା, ଖୁର୍ସିଧାରା ବେଗମ ଯୋଗ ଦେଇ ସମ୍ବିଧାନ ଦିବସର ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ସରସ୍ୱତୀ କିଷାନ ଓ ସଲିନା ଦଣ୍ଡପାଟ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ ଏବଂ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧରେ ଅଧାପକ ମହାଦେବ ମେହେର, ରୋଶନ କୁଲୁ, ରଞ୍ଜିତ ପଧାନ, ଅଧାପିକା ମେନକା ନାଏକ, ମଞ୍ଜୁଶ୍ରୀ ଦାସ, ସୁଭଦ୍ରା ଦାସ ଉପସ୍ଥିତ ଥିଲେ। ଅଧାପକ ମନୋଜ ଜେନା ଧନ୍ୟବାଦ ଦେଇଥିଲେ।

**ଜାତିସଂଘ ମୁଖ୍ୟାଳୟରେ ଅନାବରଣ ହେବ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି**

ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ଆସନ୍ତା ମାସରେ ଅଧ୍ୟକ୍ଷତା କରିବାକୁ ଯାଉଛି। ଏହି ଅବସରରେ ଡିସେମ୍ବର ୧୪ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଉପସ୍ଥିତିରେ ଜାତିସଂଘ ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ ହେବ ବୋଲି ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ୍ କହିଛନ୍ତି। ଭାରତ ପକ୍ଷରୁ ଏହାକୁ ଉପହାର ଦିଆଯାଇଥିଲା। ପଦ୍ମଶ୍ରୀ ବିଜେତା ଖ୍ୟାତନାମା ଭାରତୀୟ ମୂର୍ତ୍ତି କାରିଗର ରାମ ସୁତାର ଏହି ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି।

# ଇସ୍ତଫା ଦିଅ ଜିନ୍‌ପିଙ୍ଗ୍

## ଚାଇନାରେ କୋଭିଡ୍ କଟକଣାକୁ ବିରୋଧ

**ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଚାଇନାରେ ପୁଣି ଅସମ୍ଭାଳ ହେଲାଣି କୋଭିଡ୍-୧୯। ଘାତକ ଭୂତାଣୁ ସଂକ୍ରମଣ ଲଗାତର ବୃଦ୍ଧି ପାଉଥିବାରୁ ବେଜିଂ, ସାଂଘାଇ ଓ ଉରୁମ୍‌କି ସମେତ ବିଭିନ୍ନ ସହରରେ କଟକଣା ଜାରି କରିଛନ୍ତି କମ୍ୟୁନିଷ୍ଟ ସରକାର। ଏହାର ପ୍ରତିବାଦରେ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ୧ ଦଶନ୍ଧି ଶାସନ କାଳରେ ଏଭଳି ବିରୋଧର ସ୍ୱର କେବେ ଶୁଣାଯାଇ ନ ଥିଲା।**



ସାଂଘାଇର ଏକ ବନ୍ଦ ରେଷ୍ଟୁରାଣ୍ଟ ବାହାରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ୨ ସରକାରୀ କର୍ମଚାରୀ।

- ଜିନ୍‌ପିଙ୍ଗଙ୍କ ଶାସନରେ ଅଭୂତପୂର୍ବ ଆଇନ ଅମାନ୍ୟ ହାୱା
- ବେଜିଂ, ସାଂଘାଇରେ ରାତି ଅନିଦ୍ରା ରହିଲେ ବିକ୍ଷୋଭକାରୀ
- ଉରୁମ୍‌କି ଫ୍ୟାକ୍ଟ୍ରି ନିଆଁରେ ୧୦ ଜଣଙ୍କ ମୃତ୍ୟୁ ପରେ ବଢ଼ିଛି ଜନାକ୍ରୋଶ

**ବେଜିଂ/ସାଂଘାଇ, ୨୭।୧୧(ପି.ଟି./ଏ.ପି.)**

ଚାଇନାର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ସହର ସାଂଘାଇର ଓ୍ୱୁଲୁମୁକି ରୋଡ୍‌ରେ ଶନିବାର ରାତିରେ ଲୋକେ ଏକତ୍ରିତ ହୋଇ କ୍ୟାଣ୍ଡେଲଲାଇଟ୍ ଶୋଭାଯାତ୍ରାର ଆୟୋଜନ କରିଥିଲେ। ରବିବାର ଭୋର ସମୟରେ ଏହି ଶୋଭାଯାତ୍ରା ବଡ଼ ବିକ୍ଷୋଭର ରୂପ ନେଇସାରିଥିଲା। ବିକ୍ଷୋଭକାରୀମାନେ ହାତରେ ସାଦା କାଗଜ ଧରି ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଏବଂ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ବିରୋଧରେ ସ୍ଲୋଗାନ ଦେଉଥିଲେ। ଦେଶର ନେତୃତ୍ୱ ବିରୋଧରେ ବିକ୍ଷୋଭ ବେଳେ ଶୁଣାଯାଉଥିଲା, ଲକ୍‌ଡାଉନ୍ ହଟାଅ ଏବଂ ଶି ଜିନ୍‌ପିଙ୍ଗ୍ ଡାଉନ୍ ଡାଉନ୍। ଏହାର ଭିଡିଓ ଫୁଟେଜ୍ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ରବିବାର ଓ୍ୱୁଲୁମୁକି ରୋଡ୍‌ରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳର ରାସ୍ତାଗୁଡ଼ିକୁ ବ୍ୟାରିକେଡ୍ କରି ଭିଡ଼କୁ ଆୟତ୍ତ ଉଦ୍ୟମ ଚଳାଇଛନ୍ତି।

ଫୁଲ, କ୍ୟାଣ୍ଡେଲ ଏବଂ 'ଉରୁମ୍‌କି ନଭେମ୍ବର ୨୪ ମୃତକଙ୍କୁ ଶାନ୍ତି ମିଳୁ' ଉଲ୍ଲିଖିତ ପ୍ଲାକାର୍ଡ ଧରିଥିବା ପ୍ରାୟ ୩୦୦ ବିକ୍ଷୋଭକାରୀଙ୍କୁ ଅଟକାଇବାକୁ ଯାଇ ଲଙ୍କାଗୁଣ୍ଡ ସ୍ପ୍ରେ କରିଛନ୍ତି। କେତେଜଣ ବିକ୍ଷୋଭକାରୀଙ୍କୁ ଗିରଫ କରାଯିବା ପରେ ଦେଖଣାହାରୀ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଜଣେ ବିକ୍ଷୋଭକାରୀ କହିଛନ୍ତି, ଉରୁମ୍‌କି ଅଗ୍ନିକାଣ୍ଡ ଯୋଗୁ ସେ ସେଠାରେ ଉପସ୍ଥିତ ଅଛନ୍ତି। ସେ ସ୍ୱାଧୀନତା ପାଇଁ ଲଢ଼େଇ କରୁଛନ୍ତି। ଶୀତ ଆସୁଛି। ଲୋକଙ୍କୁ ସ୍ୱାଧୀନତା ଦରକାର। ପିସିଆର୍ ଟେଷ୍ଟ ଲୋଡ଼ା ନାହିଁ। ବେଜିଂରେ ମଧ୍ୟ ଅଭୂତପୂର୍ବ ବିକ୍ଷୋଭ ଦେଖିବାକୁ ମିଳିଛି। ସିଙ୍ଗହୁଆ ୟୁନିଭର୍ସିଟିରେ କୋଭିଡ୍ କଟକଣା ପ୍ରତିବାଦରେ ଶତାଧିକ ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ବେଳେ ସେମାନେ ଜାତୀୟ ସଙ୍ଗୀତ ଗାନ କରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଜଣେ ଛାତ୍ର କହିଛନ୍ତି, ବେଜିଂର କାର୍ଯ୍ୟାନୁଷ୍ଠାନ ଭୟରେ ଆମେ ଯଦି କହିବାକୁ ସାହସ ଜୁଟାଇବା ନାହିଁ ତେବେ ଆମ ଉପରୁ ଆମ ଲୋକଙ୍କ ଭରସା ତୁଟିଯିବ। ଆମକୁ ଏହି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟର ଛାତ୍ର ହିସାବରେ ସାରା ଜୀବନ ଅନୁତପ୍ତ ହେବାକୁ ପଡ଼ିବ। ଏକଦା ଜିନ୍‌ପିଙ୍ଗ୍ ପାଠ ପଢ଼ିଥିବା ଏହି ବିଶ୍ୱବିଦ୍ୟାଳୟରେ ତାଙ୍କ ବିରୋଧରେ ଏପରି ବିକ୍ଷୋଭକୁ ଦେଖି କେତେଜଣ ପ୍ରତ୍ୟକ୍ଷଦର୍ଶୀ ଆଶ୍ଚର୍ଯ୍ୟଚକିତ ହୋଇଯାଇଛନ୍ତି।

### 'ଲକ୍‌ଡାଉନ୍ ବନ୍ଦ କର'

୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ଉରୁମ୍‌କି ହେଉଛି ଶିଞ୍ଜିଆନ୍ ରିଜିଅନ୍ ରାଜଧାନୀ, ଯେଉଁଠି ଦୀର୍ଘ ୧୦୦ ଦିନ ଧରି ଲୋକେ ବନ୍ଦ ଘରେ ରହିବାକୁ ବାଧ୍ୟ ହୋଇଛନ୍ତି। ଗତ ୨୪ରେ ଉରୁମ୍‌କିସ୍ଥିତ ଏକ ବିଶାଳ କୋଠାରେ ନିଆଁ ଲାଗିଯିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଥିଲେ। ଲକ୍‌ଡାଉନ ଯୋଗୁ ଉକ୍ତ ବିଲ୍ଡିଂକୁ ଆଂଶିକ ଭାବେ ବନ୍ଦ କରିଦିଆଯାଇଥିବାରୁ ଅନେକ ବାସିନ୍ଦା ନିଜ ଜୀବନ ବଞ୍ଚାଇବା ପାଇଁ ସେଠାରୁ ବାହାରିପାରି ନ ଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରେ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ସ୍ଲୋଗାନ ଦେଇଥିଲେ, 'ଲକ୍‌ଡାଉନ୍ ବନ୍ଦ କର'।

### କ'ଣ ଦେଇଛି ଜିରୋ-କୋଭିଡ୍ ନୀତି

କୋଭିଡ୍-୧୯ ସଂକ୍ରମଣର ମୁକାବିଲା ପାଇଁ ଚାଇନା ସରକାର କଡ଼ା କଠୋର ନୀତି ଆପଣାଇଛନ୍ତି। ଜିରୋ-କୋଭିଡ୍ ପଲିସି ଅନୁସାରେ ଲକ୍‌ଡାଉନ୍ ଜାରି ସହ ଯାତ୍ରା ଉପରେ ମଧ୍ୟ କଟକଣା କରାଯାଇଛି। ଏଥିସହ ସମୂହ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ବିଶ୍ୱର ଅନେକ ଦେଶରେ କୋଭିଡ୍ କଟକଣାକୁ କୋହଳ କିମ୍ବା ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବାବେଳେ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ଏହି ନୀତି ଯୋଗୁ ଚାଇନାବାସୀ ହନ୍ତସନ୍ତ ହେଉଛନ୍ତି। କଟକଣା ସତ୍ତ୍ୱେ ସଂକ୍ରମଣ ବୃଦ୍ଧି ଚିନ୍ତାର କାରଣ ହୋଇଛି। କେବଳ ଶନିବାର ପ୍ରାୟ ୪୦,୦୦୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେବଳ ସେତିକି ନୁହେଁ, ଲକ୍‌ଡାଉନ୍ ଯୋଗୁ କଳକାରଖାନା ବନ୍ଦ ପଡ଼ିଥିବାରୁ ଫ୍ୟାକ୍ଟ୍ରି ଆଉଟ୍‌ପୁଟ୍ ପ୍ରଭାବିତ ହୋଇଛି। ଖୁଚୁରା ବିକ୍ରି ୫ ମାସରେ ସର୍ବନିମ୍ନ ସ୍ତରକୁ ଖସିଆସିଛି। ଫଳରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚାଇନାକୁ ବୈଶ୍ୱିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିଲାଣି।

### ଅବଜ୍ଞାର ନୂଆ ପ୍ରତୀକ ସାଦା କାଗଜ

ଚାଇନାରେ ଜାରି କୋଭିଡ୍ କଟକଣାର ପ୍ରତିବାଦରେ ଅଭୂତପୂର୍ବ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ନାଞ୍ଜିଂ ଓ ବେଜିଂ ସମେତ ବିଭିନ୍ନ ସହରରେ ଥିବା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସାଦା କାଗଜ ଧରି ନୀରବ ବିକ୍ଷୋଭ କରୁଛନ୍ତି। ଗିରଫଦାରି ଏଡ଼ାଇବା ପାଇଁ ଏହା ଏକ କୌଶଳପୂର୍ଣ୍ଣ ବିରୋଧ ବୋଲି କୁହାଯାଉଛି।



## ଇଜିପ୍ଟ ରାଷ୍ଟ୍ରପତି ହେବେ ସାଧାରଣତନ୍ତ୍ର ଦିବସ ମୁଖ୍ୟ ଅତିଥି



ଅବଦେଲ୍ ଫତେହ ଅଲ୍-ସିସି

**ନୂଆଦିଲ୍ଲୀ, ୨୭।୧୧**

ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସରେ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ୍ ଫତେହ ଅଲ୍-ସିସି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଥମ ଥର ପାଇଁ ଆରବ ରିପବ୍ଲିକ୍ ଅଫ୍ ଇଜିପ୍ଟର ରାଷ୍ଟ୍ରପତି ଭାରତର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେଉଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ବିବୃତିରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଠାଇଥିବା ଆନୁଷ୍ଠାନିକ ଆମନ୍ତ୍ରଣ ପତ୍ରକୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗତ ମାସ ୧୬ ତାରିଖରେ ଇଜିପ୍ଟ ରାଷ୍ଟ୍ରପତିଙ୍କୁ ଦେଇଥିଲେ। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନକୁ ୭୫ ବର୍ଷ ହୋଇଥିବାବେଳେ ଉଭୟ ଦେଶ ଏହାକୁ ପାଳନ କରୁଛନ୍ତି। ଆସନ୍ତାବର୍ଷ ଭାରତ ଜି୨୦ର ଅଧ୍ୟକ୍ଷତା କରିବାକୁ ଯାଉଥିବାବେଳେ ଇଜିପ୍ଟକୁ ଅତିଥି ରାଷ୍ଟ୍ର ଭାବେ ଯୋଗଦେବା ଲାଗି ଆମନ୍ତ୍ରଣ କରିଛି। ୧୯୫୦ରୁ ଭାରତ ସାଧାରଣତନ୍ତ୍ର ଦିବସରେ ବନ୍ଧୁ ରାଷ୍ଟ୍ରଗୁଡ଼ିକର ନେତାମାନଙ୍କୁ ଅତିଥି କରିଆସୁଛି। ୨୦୨୧ରେ ବ୍ରିଟେନ୍‌ର ତତ୍କାଳୀନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଥିବାବେଳେ କୋଭିଡ୍ ସଂକ୍ରମଣ ବଢ଼ିବାରୁ ତାଙ୍କ ଗସ୍ତ ବାତିଲ ହୋଇଥିଲା। ଚଳିତ ବର୍ଷ ମଧ୍ୟ ୫ କେନ୍ଦ୍ରୀୟ ଏସିଆ ରିପବ୍ଲିକ୍‌ର ନେତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ଭାରତରେ ସଂକ୍ରମଣ ବଢ଼ିବାରୁ ସେମାନଙ୍କ ଗସ୍ତ ବାତିଲ ହୋଇଥିଲା ଏବଂ ଭାରତ-କେନ୍ଦ୍ରୀୟ ଏସିଆ ସମିଟ୍ ଭର୍ଚୁଆଲରେ କରାଯାଇଥିଲା।

## ସଂକ୍ଷେପରେ

### ସାମାନ୍ୟ ଜ୍ୱରରେ ଆଣ୍ଟିବାୟୋଟିକ୍ ମନା
**ଆଇସିଏମ୍ଆର୍ ଗାଇଡ୍‌ଲାଇନ**

**ନୂଆଦିଲ୍ଲୀ, ୨୭।୧୧(ପି.ଟି.):** ସାମାନ୍ୟ ଜ୍ୱର ଏବଂ ଭାଇରାଲ ବ୍ରୋଙ୍କାଇଟ୍ସ ଭଳି ସ୍ଥିତିରେ ଆଣ୍ଟିବାୟୋଟିକ୍ସ ବ୍ୟବହାର ନ କରିବାକୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଜାରି ଗାଇଡ୍‌ଲାଇନରେ ସତର୍କ କରିଦିଆଯାଇଛି। ଔଷଧ ଲେଖିବା ବେଳେ ରୋଗୀଙ୍କ ପୂର୍ବ ରୋଗ ବିବରଣୀକୁ ଦେଖିବା ଲାଗି ଡାକ୍ତରଙ୍କୁ ପରାମର୍ଶ ଦିଆଯାଇଛି। ଚର୍ମ ଓ କୋମଳ ଟିସ୍ୟୁ ସଂକ୍ରମଣ ଲାଗି ୫ ଦିନ ପାଇଁ ଆଣ୍ଟିବାୟୋଟିକ୍ ଲେଖାଯାଇପାରିବ। ସେହିପରି ନିମୋନିଆ ପାଇଁ ୫ ଦିନ ଏବଂ ଗୁରୁତର କ୍ଷେତ୍ରରେ ୮ ଦିନ ଆଣ୍ଟିବାୟୋଟିକ୍ ଦେବାକୁ କୁହାଯାଇଛି। ସେହିପରି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ମଧ୍ୟ ଏମ୍ପିରିକ୍ ଆଣ୍ଟିବାୟୋଟିକ୍ ଚିକିତ୍ସା ସୀମିତ ରଖିବାକୁ କୁହାଯାଇଛି। କାର୍ବାପେନେମ୍ ନାମକ ଏକ ପାୱାରଫୁଲ୍ ଆଣ୍ଟିବାୟୋଟିକ୍ ନିମୋନିଆ ଏବଂ ସେପ୍ଟିସେମିଆ ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରୁ କୌଣସି ଫାଇଦା ମିଳୁ ନ ଥିବା ଆଇସିଏମ୍ଆର୍ ସର୍ଭେରୁ ଜଣାପଡ଼ିଛି।

### ବ୍ୟାଙ୍କ୍‌ରୁ ୫ କୋଟି ଟଙ୍କାର ସୁନା ଲୁଟ୍

**ଭୋପାଳ, ୨୭।୧୧:** ମଧ୍ୟପ୍ରଦେଶ କଟ୍‌ନି ଜିଲାରେ ସୁନା ବଦଳରେ ଋଣ ଦେଉଥିବା ଏକ ବ୍ୟାଙ୍କରୁ ଡକାୟତମାନେ ୫ କୋଟି ଟଙ୍କା ମୂଲ୍ୟର ସୁନା ଓ ନଗଦ ୩.୫ ଲକ୍ଷ ଟଙ୍କା ଲୁଟି ନେଇଯାଇଛନ୍ତି। ମାସ୍କ ପିନ୍ଧିଥିବା ୬ ଜଣ ସଶସ୍ତ୍ର ଡକାୟତ ମୋଟର ସାଇକେଲ୍‌ରେ ଆସି ବନ୍ଧୁକ ମୁନରେ କର୍ମଚାରୀଙ୍କୁ ଭୟଭୀତ କରି ଟଙ୍କା ଓ ସୁନା ନେଇ ପଳାଇଥିଲେ। ବର୍ଗଓ୍ୱାନ ଅଞ୍ଚଳରେ ଥିବା ଏହି ବ୍ୟାଙ୍କରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନ ଥିଲା ବୋଲି କଟ୍‌ନି ଏସ୍‌ପି ଏସ୍.କେ. ଜୈନ କହିଛନ୍ତି।

### ଫୁଟ୍ ଓଭରବ୍ରିଜ୍ ଭୁଶୁଡ଼ି ୧୩ ଯାତ୍ରୀ ଆହତ

**ନାଗପୁର, ୨୭।୧୧:** କେନ୍ଦ୍ରୀୟ ରେଳୱେ ନାଗପୁର ଡିଭିଜନ ଅନ୍ତର୍ଗତ ବଲ୍ଲାରଶାହ ଷ୍ଟେଶନରେ ଏକ ଫୁଟ୍ ଓଭରବ୍ରିଜ୍‌ର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ୧୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ଓଭରବ୍ରିଜ୍ ୧ ଓ ୫ ନମ୍ବର ପ୍ଲାଟ୍‌ଫର୍ମକୁ ସଂଯୋଗ କରୁଥିଲା। ରବିବାର ସନ୍ଧ୍ୟାରେ ଯାତ୍ରୀମାନେ ଟ୍ରେନ୍ ଧରିବା ଲାଗି ଉକ୍ତ ଓଭରବ୍ରିଜ୍‌ରେ ଯାଉଥିବାବେଳେ ଏହାର ଏକ ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଗୁରୁତର ଆହତଙ୍କୁ ଲକ୍ଷେ ଟଙ୍କା ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ଯୋଗାଇଦେବାକୁ ଘୋଷଣା କରାଯାଇଛି।

### ଟ୍ରକ୍‌ରେ ଘୋଷାଡ଼ି ହୋଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ଟରଣ୍ଟୋ, ୨୭।୧୧:** କାନାଡ଼ାରେ ଜଣେ ଭାରତୀୟ ଛାତ୍ର ସାଇକେଲ୍‌ରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ପିକ୍‌ଅପ୍ ଟ୍ରକ୍ ଧକ୍କାଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଟ୍ରକ୍‌ଟି ଧକ୍କା ଦେବା ପରେ ତାଙ୍କୁ କିଛିବାଟ ଘୋଷାଡ଼ି ନେଇଥିଲା। ହରିୟାଣା କର୍ନାଲ ଅଞ୍ଚଳର କାର୍ତ୍ତିକ ସାଇନି ଗତବର୍ଷ ଅଗଷ୍ଟରେ ପଢ଼ିବା ପାଇଁ କାନାଡା ଯାଇଥିଲେ। ସେ ଶେରିଦାନ କଲେଜରେ ପଢୁଥିଲେ ବୋଲି କଲେଜ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ସହ ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।



ବେଙ୍ଗାଲୁରୁରୁ କୋଲକାତା ଯାଉଥିବା ହାଓଡ଼ା ଏକ୍ସପ୍ରେସ୍‌ର ଏକ ବଗିରେ ନିଆଁ ଲାଗିଯାଇଛି। ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲାର କୁପ୍ପମ ଷ୍ଟେଶନରେ ଟ୍ରେନ୍‌ଟି ଯାଉଥିବାବେଳେ ଏହାର ଏସ୍୯ ଏସି କୋଚ୍‌ରେ ନିଆଁ ଲାଗିଯାଇଥିବା ଦେଖି ଡ୍ରାଇଭର ଟ୍ରେନ୍‌କୁ ଅଟକାଇଥିଲେ। ଏଥିସହିତ ସେ ଯାତ୍ରୀମାନଙ୍କୁ ଓହ୍ଲାଇଯିବା ଲାଗି କହିଥିଲେ।

## ବିଶ୍ୱର ମଙ୍ଗଳ ପାଇଁ ଜି୨୦ ଅଧ୍ୟକ୍ଷତା

**ନୂଆଦିଲ୍ଲୀ, ୨୭।୧୧(ପି.ଟି.)**



**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ଶକ୍ତିଶାଳୀ ଜି୨୦ ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷତା ଗ୍ରହଣ କରିବା ଭାରତ ପାଇଁ ଏକ ବଡ଼ ସୁଯୋଗ। ଏହି ଅଧ୍ୟକ୍ଷତା ସମୟରେ ଭାରତ ବିଶ୍ୱର ମଙ୍ଗଳ ଉପରେ ଧ୍ୟାନ ଦେବା ସହ ଶାନ୍ତି, ଏକତା, ପରିବେଶ ଏବଂ ସ୍ଥାୟୀ ବିକାଶ ପ୍ରତି ଦେଖାଦେଇଥିବା ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ଦିଗରେ ଉଦ୍ୟମ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କହିଛନ୍ତି। ଡିସେମ୍ବର ୧ରେ ଭାରତ ଇଣ୍ଡୋନେସିଆଠାରୁ ଆନୁଷ୍ଠାନିକ ଭାବେ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିବାକୁ ଯାଉଛି। ଭାରତ ବସୁଧୈବ କୁଟୁମ୍ବକମ୍ ନୀତି ପ୍ରତି ପ୍ରତିଶ୍ରୁତିବଦ୍ଧ। ଜି୨୦ ରାଷ୍ଟ୍ରଗୋଷ୍ଠୀ ଅଧୀନରେ ବିଶ୍ୱ ଜନସଂଖ୍ୟାର ଦୁଇ-ତୃତୀୟାଂଶ ଏବଂ ବିଶ୍ୱ ବାଣିଜ୍ୟର ତିନିଚତୁର୍ଥାଂଶ ରହୁଛି। ବିଶ୍ୱ ଜିଡିପିର ଏହା ୮୫ ପ୍ରତିଶତ। ଡିସେମ୍ବର ୧ରୁ ଭାରତ ଏବେ ବଡ଼ ତଥା ଶକ୍ତିଶାଳୀ ଗ୍ରୁପ୍‌ର ଅଧ୍ୟକ୍ଷତା କରିବାକୁ ଯାଉଛି, ଯାହା ଆମ ପାଇଁ ଏକ ବଡ଼ ସୁଯୋଗ ବୋଲି ମୋଦି କହିଛନ୍ତି। ତା' ଛଡ଼ା ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ କାଳ ପାଳନ କରୁଥିବାବେଳେ ଏହି ସୁଯୋଗ ମିଳିଛି। ଏହି ଅବସରରେ ତେଲଙ୍ଗାନା ବୁଣାକାର ହରିପ୍ରସାଦ ଜି୨୦ ଲୋଗୋ ନିଜ ହାତରେ ବୁଣି ଏକ ଅନନ୍ୟ ଉପହାର ଭାବେ ପଠାଇଥିବାରୁ ମୋଦି ତାଙ୍କର ପ୍ରଶଂସା କରିଥିଲେ।

ଭାରତର ଘରୋଇ ସ୍ପେସ୍ ଷ୍ଟାର୍ଟଅପ୍ ଦ୍ୱାରା ପ୍ରସ୍ତୁତ ପ୍ରଥମ ରକେଟ 'ବିକ୍ରମ-ଏସ୍' ମହାକାଶକୁ ପଠାଯିବା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଡ୍ରୋନ୍ କ୍ଷେତ୍ରରେ ଭାରତ ଦ୍ରୁତ ବିକାଶ କରୁଛି। ଗତ ୮ ବର୍ଷରେ ଭାରତରୁ ବାଦ୍ୟଯନ୍ତ୍ର ରପ୍ତାନି ୩.୫ ଗୁଣ ବୃଦ୍ଧି ପାଇଛି। ଭାରତୀୟ ସଙ୍ଗୀତର ଖ୍ୟାତି ସାରା ବିଶ୍ୱରେ ପ୍ରସାରିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## କଠୋର ନିଷ୍ପତ୍ତି ନେବାକୁ ପଛାଇବନି କଂଗ୍ରେସ: ରମେଶ

**ଗେହଲଟ୍-ପାଇଲଟ୍ ବିବାଦ**

**ଇନ୍ଦୋର, ୨୭।୧୧(ପି.ଟି.)**



ଜୟରାମ ରମେଶ

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗିରହିଥିବାବେଳେ ସଂଗଠନକୁ ସୁଦୃଢ଼ କରିବା ଲାଗି ଆବଶ୍ୟକ ହେଲେ କଠୋର ନିଷ୍ପତ୍ତି ନେବାରୁ କଂଗ୍ରେସ ପଛାଇବ ନାହିଁ ବୋଲି ବରିଷ୍ଠ ନେତା ଜୟରାମ ରମେଶ ରବିବାର କହିଛନ୍ତି। ରାଜସ୍ଥାନରେ କଂଗ୍ରେସ ପାଇଁ ସଂଗଠନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଇନ୍ଦୋରରେ ଭାରତ ଯୋଡ଼ୋ ଯାତ୍ରା ଅବସରରେ ଦଳର ସାଧାରଣ ସମ୍ପାଦକ ରମେଶ କହିଛନ୍ତି। ସୂଚନାଯୋଗ୍ୟ, ପାଇଲଟ୍ ଜଣେ ଗଦ୍ଦାର ଏବଂ ତାଙ୍କୁ କଦାପି ମୁଖ୍ୟମନ୍ତ୍ରୀ କରାଇ ଦିଆଯିବ ନାହିଁ ବୋଲି ଗେହଲଟ୍ ଗତ ଗୁରୁବାର ଏକ ଟିଭି ଚ୍ୟାନେଲ୍‌କୁ କହିଥିଲେ। ଏହାକୁ ନେଇ ପାଇଲଟ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତେବେ ପରସ୍ପରକୁ କାଦୁଅଫିଙ୍ଗାରୁ କୌଣସି ଫାଇଦା ମିଳିବ ନାହିଁ। ଆସନ୍ତା ମାସରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ରାଜସ୍ଥାନରେ ପ୍ରବେଶ କରିବାକୁ ଥିବାବେଳେ ଦୁଇ ନେତାଙ୍କ ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ରାଜସ୍ଥାନ ଘଟଣାରେ ସଂଗଠନକୁ ସୁଦୃଢ଼ କରିବା ଭଳି ସମାଧାନ ପଦକ୍ଷେପ ନିଆଯିବ ବୋଲି ରମେଶ ଗଣମାଧ୍ୟମକୁ କହିଛନ୍ତି। ଏଥିପାଇଁ କଠୋର ନିଷ୍ପତ୍ତି ନେବାକୁ ପଡ଼ିଲେ ବି ଦଳ ପଛାଇବ ନାହିଁ ବୋଲି ସେ କହିଛନ୍ତି।

## ହିଜାବ ପିନ୍ଧି ନ ଥିବା ମହିଳାଙ୍କୁ ସର୍ଭିସ୍ ଦେବାରୁ ବ୍ୟାଙ୍କ ମ୍ୟାନେଜରଙ୍କ ଚାକିରି ଗଲା

**ତେହରାନ, ୨୭।୧୧**

ଇରାନରେ ୧୯୭୯ ବିପ୍ଳବ ପରେ ଆମେରିକା ସମର୍ଥିତ ରାଜତନ୍ତ୍ରର ଅବସାନ ଘଟିଥିଲା। ଏହାର ୪ ବର୍ଷ ପରେ ପ୍ରତିଷ୍ଠିତ ଇସ୍‌ଲାମୀୟ ଗଣତନ୍ତ୍ରରେ ହିଜାବ ପରିଧାନକୁ ଦେଶରେ ବାଧ୍ୟତାମୂଳକ କରାଯାଇଥିଲା। ବେଶଭୂଷାକୁ ନେଇ ରୁଚିରେ ପରିବର୍ତ୍ତନ ଆସିବାରୁ ମହିଳାମାନେ ମଧ୍ୟ ଟାଇଟ୍ ଜିନ୍ସ ପିନ୍ଧି ବୁଲୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗତ ଜୁଲାଇରେ ଅତିରକ୍ଷଣଶୀଳ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ସବୁ ସରକାରୀ ସଂସ୍ଥାରେ ହିଜାବ ଆଇନକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିୟମକୁ ଅନେକ ମହିଳା ମାନି ନ ଥିଲେ। ଅବଜ୍ଞାକାରୀମାନଙ୍କ ମଧ୍ୟରେ ଥିଲେ ୨୨ ବର୍ଷୀୟା ମହଶା ଅମିନି। ସେପ୍ଟେମ୍ବର ୧୬ରେ ମୋରାଲିଟି ପୋଲିସ ମାଡ଼ରେ ମହଶାଙ୍କ ମୃତ୍ୟୁ ଘଟିଥିଲା। ଏହି ହାଜତ ମୃତ୍ୟୁକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ୪୫୦ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିବାବେଳେ ୧୮,୧୭୩ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୬୩ ପିଲା ଓ ୬୦ ସୁରକ୍ଷା କର୍ମୀ ଅଛନ୍ତି। ଅନ୍ୟପକ୍ଷେ 'ପାଶ୍ଚାତ୍ୟ ଶତ୍ରୁ' ଦଙ୍ଗା ଉସୁକାଉଥିବାରୁ ଏପରି ସ୍ଥିତି ଉପୁଜିଥିବା ତେହରାନ କହିଛି। ଏଭଳି ସମୟରେ କୋମ୍ ପ୍ରଦେଶର ବ୍ୟାଙ୍କ ମ୍ୟାନେଜର ହିଜାବ ପିନ୍ଧି ନ ଥିବା ଜଣେ ମହିଳାଙ୍କୁ ବ୍ୟାଙ୍କିଙ୍ଗ୍ ସର୍ଭିସ୍ ଦେବାରୁ ଗଭର୍ନରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଜ ଚାକିରି ହରାଇବାକୁ ପଡ଼ିଛି। ଇରାନର ଅଧିକାଂଶ ବ୍ୟାଙ୍କ ସରକାରୀ ନିୟନ୍ତ୍ରଣରେ ରହିଛି। ତେଣୁ ହିଜାବ ନିୟମର ଅନୁପାଳନକୁ ସୁନିଶ୍ଚିତ କରିବା ଏପରି ସଂସ୍ଥାଗୁଡ଼ିକର ମ୍ୟାନେଜରଙ୍କ ଦାୟିତ୍ୱ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### ସୁପ୍ରିମ ଲିଡରଙ୍କ ଭାଣିଜୀ ଗିରଫ



ଫରିଦେ ମୋରାଦଖାନି

ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନେଇଙ୍କ ଭାଣିଜୀ ତଥା ଜଣାଶୁଣା ସିଭିଲ୍ ରାଇଟ୍ସ ଆକ୍ଟିଭିଷ୍ଟ ଫରିଦେ ମୋରାଦଖାନି ତେହରାନ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବା ପାଇଁ ବିଦେଶୀ ସରକାରଙ୍କୁ ଅନୁରୋଧ କରିଛନ୍ତି। ପେସାରେ ଇଞ୍ଜିନିୟର ଫରିଦେଙ୍କ ସ୍ୱର୍ଗତ ପିତା ଅଲୀ ମୋରାଦଖାନି ଅରଙ୍ଗେ ବିରୋଧୀ ଦଳର ଜଣେ ବରିଷ୍ଠ ନେତା ଥିଲେ। ସେ ଖାମେନେଇଙ୍କ ଭଉଣୀଙ୍କୁ ବିବାହ କରିଥିଲେ। ଇସ୍‌ଲାମିକ୍ ରିପବ୍ଲିକ୍ ବିରୋଧୀ ଆଭିମୁଖ୍ୟ ପାଇଁ ତାଙ୍କୁ ଏକ ଜେଲରେ ରଖାଯାଇଥିବାବେଳେ ନିକଟରେ ତାଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଫରିଦେ ଅନ୍‌ଲାଇନ୍‌ରେ ଏକ ଭିଡିଓ ଶେୟାର କରିଥିଲେ। ଏଥିରେ ସେ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ହେ ମୁକ୍ତ ଜନ ସାଧାରଣ, ଆମ ସହ ରୁହ। ଏହି ହତ୍ୟାକାରୀ ଓ ଶିଶୁହନ୍ତା ସରକାରକୁ ସମର୍ଥନ ବନ୍ଦ କର। ଏହି ଶାସନ ନିଜର କୌଣସି ଧର୍ମୀୟ ସିଦ୍ଧାନ୍ତ ପ୍ରତି ବିଶ୍ୱସ୍ତ ନୁହେଁ। କ୍ଷମତାରେ ରହିବା ଓ ବଳ ପ୍ରୟୋଗ କରିବା ଛଡ଼ା ଏହାକୁ କିଛି ଜଣାନାହିଁ। ତେଣୁ ସମସ୍ତ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଇରାନରୁ ନିଜ ନିଜ ପ୍ରତିନିଧିଙ୍କୁ ଫେରାଇ ନେଇ ଏହି ବର୍ବର ଶାସନକୁ ଉଚିତ ଜବାବ ଦିଅନ୍ତୁ ବୋଲି ସେ କହିଥିଲେ। ଏହା ପରେ ନଭେମ୍ବର ୨୩ରେ ଫରିଦେଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ଦୋଷ ହେଉଛି ଇରାନର ପୂର୍ବତନ ରାଜକୀୟ ଶାସକଙ୍କୁ ପ୍ରଶଂସା କରିବା। ଇରାନର ଉଚ୍ଚ ପଦାଧିକାରୀଙ୍କ ସମ୍ପର୍କୀୟମାନେ ସରକାରକୁ ସମାଲୋଚନା କରିବା ନୂଆ ନୁହେଁ। ୨୦୧୨ରେ ପୂର୍ବତନ ରାଷ୍ଟ୍ରପତି ଆକବର ହାଶେମି ରଫସାଞ୍ଜାନିଙ୍କ ଝିଅ ଫାଜେ ହାଶେମିଙ୍କୁ ଦେଶ ବିରୋଧୀ ଅଭିଯାନ ପାଇଁ ଜେଲ ଯିବାକୁ ପଡ଼ିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଏସ୍. ମଧୁ ମଙ୍ଗଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିପର୍ଯ୍ୟୟ ସୃଷ୍ଟିକଲା ମରକ୍କୋ

**ଦୋହା, ୨୭।୧୧**

ଚଳିତ ଫିଫା ବିଶ୍ୱକପରେ ଆଉ ଏକ ବିପର୍ଯ୍ୟୟ ଘଟାଇଛି ମରକ୍କୋ। ରବିବାର ଅଲ ଥୁମାମା ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ 'ଏଫ୍' ମ୍ୟାଚରେ ଏହି ଦଳ ବିଶ୍ୱର ୨ ନମ୍ବର ବେଲଜିୟମକୁ ୨-୦ ଗୋଲରେ ପରାସ୍ତ କରିଛି। ମରକ୍କୋ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୨୨ତମ ସ୍ଥାନରେ ରହିଛି। ପୂର୍ବରୁ ଆର୍ଜେଣ୍ଟିନାକୁ ସାଉଦି ଆରବ ଏବଂ ଜର୍ମାନୀକୁ ଜାପାନ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ ଏଥିରେ ଯୋଡ଼ି ହୋଇଛି ମରକ୍କୋ। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ପ୍ରଥମାର୍ଦ୍ଧରେ ଗୋଲ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବେଲଜିୟମକୁ ଟକ୍କର ଦେଇଥିଲା ମରକ୍କୋ। ଅଗ୍ରଣୀ ନେବାପାଇଁ ଉଭୟ ଦଳ ଜୋରଦାର ଉଦ୍ୟମ କରିଥିଲେ। ସମସ୍ତ ପୂର୍ବାନୁମାନ ଓ ଆକଳନ ବେଲଜିୟମ ସପକ୍ଷରେ ରହିଥିଲା। ତେବେ ୭୩ତମ ମିନିଟରେ ଅବ୍‌ଦେଲାମିଦ ସାବିରିଙ୍କ ଗୋଲ ଏହାକୁ ଭୁଲ ପ୍ରମାଣିତ କରିଥିଲା। ଗୋଲ


ବେଲ୍‌ଜିୟମକୁ ହରାଇବାପରେ ମରକ୍କୋ ଖେଳାଳିଙ୍କ ବିଜୟ ଉଲ୍ଲାସ।

### ବେଲ୍‌ଜିୟମକୁ ୨-୦ ଗୋଲରେ ହରାଇଲା

ପରିଶୋଧ କରିବାପାଇଁ ବେଲଜିୟମ ଆକ୍ରମଣାତ୍ମକ ଅଭିମୁଖ୍ୟକୁ ଅଧିକ ଶାଣିତ କରିଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୨ ମିନିଟରେ ଜାକାରିଆ ଆବୌଖଲାଲ ଗୋଲ ସ୍କୋର କରି ମରକ୍କୋ ବିଜୟକୁ ନିଶ୍ଚିତ କରି ଦେଇଥିଲେ। ବେଲଜିୟମ ପ୍ରତ୍ୟାବର୍ତ୍ତନ କରିବାକୁ ଆଉ ବେଶି ସମୟ ପାଇ ନ ଥିଲା। ଚଳିତ ବିଶ୍ୱକପରେ ମରକ୍କୋର ଏହା ପ୍ରଥମ ବିଜୟ। କେବଳ ସେତିକି ନୁହେଁ ୧୯୯୮ ବିଶ୍ୱକପ ପରେ ମଧ୍ୟ ଦଳ ଏଠାରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ମରକ୍କୋ ଏହାର ପ୍ରଥମ ମ୍ୟାଚକୁ କ୍ରୋଏସିଆ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା। ଏଠାରେ ବିଜୟ ଫଳରେ ମରକ୍କୋ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି।

# କାତାରରେ ମେସି ମ୍ୟାଜିକ୍

**ଦୋହା,୨୭।୧୧,(ପି.ଟି.):** ମେକ୍ସିକୋ ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଜିତିବା ସହିତ ନକଆଉଟ ଆଶା ବଳବତ୍ତର ରଖିଛି ଆର୍ଜେଣ୍ଟିନା। ଲୁସେଲ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍ ସିର ଏହି ମ୍ୟାଚକୁ ମେସିଙ୍କ ମ୍ୟାଜିକ ବଳରେ ୨-୦ରେ ଜିତି ନେଇଛି ଆର୍ଜେଣ୍ଟିନା। ଆର୍ଜେଣ୍ଟିନା ପକ୍ଷରୁ ମେସି(୬୪) ଓ ଏଞ୍ଜୋ ମାର୍ଟିନେଜ(୮୭ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ ହାରିଥିବା ଆର୍ଜେଣ୍ଟିନା ପାଇଁ ଏହା କର ବା ମର ମ୍ୟାଚ ରହିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବରେ ଶେଷ ହେବା ପରେ ୬୪ ତମ ମିନିଟରେ ବକ୍ସ ବାହାରୁ ଏକ ଶକ୍ତିଶାଳୀ ଶଟ୍ ସହିତ ଓଚୋଆଙ୍କୁ ପରାସ୍ତ କରିଥିଲେ। ଏହା ସହ ଚଳିତ ବିଶ୍ୱକପରେ ନିଜର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୮୭ତମ ମିନିଟରେ ଆର୍ଜେଣ୍ଟିନାକୁ ଏକ କର୍ନର ମିଳିଥିଲା। ଏଞ୍ଜୋ ମାର୍ଟିନେଜ ଏକ ଚମତ୍କାର କ୍ରସ ସହିତ ଗୋଲରେ ପରିଣତ କରିଥିଲେ। ଏହି ବିଜୟ ସହିତ ଆର୍ଜେଣ୍ଟିନା ୨ ମ୍ୟାଚରୁ ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**

**କାମେରୁନ୍ ବନାମ ସର୍ବିଆ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ, ସମୟ: ଅପରାହ୍ନ ୩.୩୦

**ଦକ୍ଷିଣ କୋରିଆ ବନାମ ଘାନା**
ସ୍ଥାନ: ଏଜୁକେଶନ୍ ସିଟି ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬.୩୦

**ବ୍ରାଜିଲ ବନାମ ସ୍ୱିଜରଲାଣ୍ଡ**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ, ସମୟ: ରାତି ୯.୩୦

**ପର୍ତ୍ତୁଗାଲ ବନାମ ଉରୁଗୁଏ**
ସ୍ଥାନ: ଲୁସେଲ୍ ଷ୍ଟାଡିୟମ, ସମୟ: ରାତି ୧୨.୩୦

# ଇରାନ ଜାତୀୟ ପତାକାକୁ ବିକୃତ କଲା ଆମେରିକା

**ଦୋହା(କାତାର),୨୭।୧୧(ପି.ଟି.):** ଚଳିତ ଫିଫା ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ଆଉ ଏକ ବିବାଦୀୟ ଘଟଣା। ଇରାନ ଜାତୀୟ ପତାକାରୁ ଜାତୀୟ ଚିହ୍ନକୁ ବାଦ୍ ଦିଆଯାଇଥିବାକୁ ନେଇ ବିବାଦ ଦେଖିବାକୁ ମିଳିଛି। ଆମେରିକୀୟ ପୁରୁଷ ଫୁଟ୍‌ବଲ ଦଳ ପକ୍ଷରୁ ଏହାର ୱେବ୍‌ସାଇଟରେ ଏହି ଫଟୋଟି ପ୍ରକାଶ କରାଯାଇଛି। ତେହେରାନ୍‌ରେ ଏକଚ୍ଛତ୍ରବାଦୀ ଶାସକଙ୍କ ବିରୋଧରେ ପ୍ରତିବାଦ ସ୍ୱରୂପ ଏହି ଚିହ୍ନକୁ ହଟାଇ ଦିଆଯାଇଥିବା କୁହାଯାଉଛି। ପ୍ରଥମେ ଟୁଇଟର ଓ ପରେ ଇନ୍‌ଷ୍ଟାଗ୍ରାମ୍‌ରେ ମଧ୍ୟ ଏହି ଫଟୋ ଅପ୍‌ଲୋଡ୍ କରାଯାଇଥିଲା। ଇରାନ ପତାକାରେ ନୀଳ ଓ ଧଳା ରଙ୍ଗ ରହିଥାଏ। ମାତ୍ର ଚଳିତ ବିଶ୍ୱକପ୍‌ରେ ଆମେରିକା ପକ୍ଷରୁ ଏହାକୁ ବିକୃତ କରି ପ୍ରଦର୍ଶନ କରାଯାଇଛି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

## ମୁଦ୍ରା ଫାଇନାନ୍ସ

**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୨୮ ବର୍ଷରେ ସର୍ବାଧିକ ଦର୍ଶକ

**ଲୁସେଲ୍, ୨୭।୧୧(ପି.ଟି.):** କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ୨୦୨୨ ରେକର୍ଡ ଭାଙ୍ଗିଛି। ଏଠାରେ ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ଦର୍ଶକଙ୍କ ଉପସ୍ଥିତି ୨୮ ବର୍ଷର ରେକର୍ଡ ଭାଙ୍ଗିଛି। ଲିଓନେଲ ମେସିଙ୍କ ଉପସ୍ଥିତି ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିଥିଲା। ରବିବାର ଲୁସେଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌କୁ ୮୮,୯୬୬ ଦର୍ଶକ ଦେଖିଥିଲେ। ତେବେ ଆମେରିକାରେ ଖେଳାଯାଇଥିବା ୧୯୯୪ ବିଶ୍ୱକପ୍ ଫାଇନାଲରେ ସର୍ବାଧିକ ୯୧,୧୯୪ ଜଣ ଦର୍ଶକ ଉପସ୍ଥିତ ଥିଲେ। ଶନିବାର ଦର୍ଶକଙ୍କ ସଂଖ୍ୟା ପୂର୍ବ ଦୁଇ ମ୍ୟାଚ୍‌ର ଦେଖଣାହାରିଙ୍କ ଅପେକ୍ଷା ୧୦୦-୨୦୦ ଅଧିକ ରହିଥିଲା। ତେବେ ବିଶ୍ୱକପ୍‌ର ସର୍ବାଧିକ ଦର୍ଶକ ଉପସ୍ଥିତିର ଟପ୍ ୩୦ ମଧ୍ୟରେ ଚଳିତ ବିଶ୍ୱକପ୍‌ର କୌଣସି ବି ଭେନ୍ୟୁ ସ୍ଥାନ ପାଇନାହିଁ। ୧୯୫୦ରେ ରିଓ ଡି ଜେନେରିଓର ମାରାକାନା ଷ୍ଟାଡିୟମରେ ୧,୭୩,୮୫୦ ଦର୍ଶକ ରହିଥିଲେ, ଯାହାକି ସର୍ବକାଳୀନ ରେକର୍ଡ ରହିଛି। ଟପ୍ ୩୦ ମଧ୍ୟରେ ସ୍ଥାନ ପାଇଥିବା ଆଜଟେକା ଷ୍ଟାଡିୟମ(ମେକ୍ସିକୋ),ୱେମ୍ବଲି ଷ୍ଟାଡିୟମ(ଲଣ୍ଡନ) ଓ ଦ କ୍ୟାମ୍ପ ନୋଉ (ବାର୍ସିଲୋନା) ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି।


ଜାପାନ ବିପକ୍ଷରେ ଗୋଲ ଦେବାପରେ କୋଷ୍ଟାରିକାର କେଶେର ଫୁଲେର।

# ଜାପାନକୁ ହରାଇଲା କୋଷ୍ଟାରିକା

**ଦୋହା, ୨୭।୧୧**

ଚଳିତ ଫିଫା ବିଶ୍ୱକପ୍‌ରେ ରବିବାର ପ୍ରଥମ ବିଜୟ ହାସଲ କରିଛି କୋଷ୍ଟାରିକା। ଅଲ୍ ରାୟାନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଜାପାନକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ କୋଷ୍ଟାରିକା ନକ୍‌ଆଉଟ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଜାପାନ ଏଠାରେ ସେହି ପ୍ରଦର୍ଶନ ଦୋହରାଇ ପାରିନାହିଁ। ତେବେ ଦଳ ଏବେ ମଧ୍ୟ ନକ୍‌ଆଉଟ ଦୌଡ଼ରେ ରହିଛି। କୋଷ୍ଟାରିକା-ଜାପାନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବାପାଇଁ ଉଭୟ ଦଳ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା କେହି ଗୋଲ କରିପାରି ନ ଥିଲେ। ଫଳରେ ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ସଂଘର୍ଷ ମଧ୍ୟରେ ମ୍ୟାଚ ଶେଷ ପର୍ଯ୍ୟାୟ ଆଡ଼କୁ ଗତି କରୁଥିବାବେଳେ ୮୧ତମ ମିନିଟରେ କୋଷ୍ଟାରିକାର କେଶେର ଫୁଲେର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଜାପାନର ନକ୍‌ଆଉଟ ପ୍ରବେଶ ଆଶା ଅଧୁରା ରହିଥିଲା। ବଲ୍ ପୋଜେଶନଠାରୁ ଆରମ୍ଭ କରି ଶୁଟ୍ସ, ପାସ, ପାସ୍ ଆକ୍ୟୁରେସି, କର୍ନର୍ସ ଆଦି ସବୁ କ୍ଷେତ୍ରରେ ଜାପାନ ଆଗରେ ରହିଥିଲା। ମାତ୍ର ଟାର୍ଗେଟରେ ଗୋଟିଏ ଶଟ୍ ମାରିଥିବା କୋଷ୍ଟାରିକା ଶେଷରେ ବିଜୟ ମୁକୁଟ ପିନ୍ଧିଥିଲା। ଡିସେମ୍ବର ୧ରେ ଜାପାନ ଏହାର ଶେଷ ମ୍ୟାଚରେ ଟାଇଟଲ ଫେଭରାଇଟ ସ୍ପେନ୍‌କୁ ଭେଟିବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ସହିତ ଖେଳିବ କୋଷ୍ଟାରିକା।

# ଆଘାତ ସତ୍ତ୍ୱେ ଫେରିବେ ନେମାର

**ଦୋହା,୨୭।୧୧(ପି.ଟି.)**

ଫିଫା ବିଶ୍ୱକପ୍ ୨୦୨୨ରେ ବ୍ରାଜିଲର ଫରୱାର୍ଡ ଖେଳାଳି ନେମାରଙ୍କ ପାଦରେ ଆଘାତ ଲାଗିଥିଲା। ଗୋଇଠିରେ ଆଘାତ କାରଣରୁ ସେ ଗ୍ରୁପ୍ ପର୍ଯ୍ୟାୟ ମୁକାବିଲାରୁ ବାଦ୍ ପଡିଥିବା ବେଳେ ପୁନର୍ବାର ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛନ୍ତି। ଡାହାଣ ଗୋଇଠିର ଲିଗାମେଣ୍ଟ ଛିଡିଯାଇଥିବା ବେଳେ ସେ ସୋମବାର ସ୍ୱିଜରଲାଣ୍ଡ ବିପକ୍ଷ ମ୍ୟାଚରୁ ବାଦ୍ ପଡିବା ନେଇ ବ୍ରାଜିଲ ଦଳର ଡାକ୍ତର ସୂଚନା ଦେଇଛନ୍ତି। ତେବେ ସେ କେବେ ପଡିଆକୁ ଫେରିବେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଇନ୍‌ଷ୍ଟାଗ୍ରାମରେ ଗୋଇଠିର ଫଟୋ ପୋଷ୍ଟ କରିବା ସହିତ ଏହା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ମୁହୂର୍ତ୍ତ ବୋଲି ସେ ଲେଖିଥିଲେ। ଆଘାତ ବେଶ୍ ଯନ୍ତ୍ରଣାଦାୟକ, ମାତ୍ର ପ୍ରତ୍ୟାବର୍ତ୍ତନ ପାଇଁ ଯାହା ବି ଆବଶ୍ୟକ ହେଲେ କରିବାକୁ ପ୍ରସ୍ତୁତ ବୋଲି ସେ ଲେଖିଛନ୍ତି। ମୋ ପାଇଁ କେବେ ବି କିଛି ସହଜ ରହିନାହିଁ। ୨୦୧୪ ବିଶ୍ୱକପ୍‌ରେ ମଧ୍ୟ ନେମାର ପିଠିରେ ଆଘାତ କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲେ। ୩୦ ବର୍ଷୀୟ ନେମାର ବ୍ରାଜିଲ ପାଇଁ ୭୫ ଗୋଲ ସ୍କୋର କରିଥିବା ବେଳେ ଦଳକୁ ୨୦୧୬ରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ କରାଇଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ମେଜର ଟୁର୍ନାମେଣ୍ଟରେ ତାଙ୍କୁ ସଫଳତା ମିଳିନାହିଁ।

# ଗୁରୁତ୍ୱପୂର୍ଣ୍ଣ ବିଜୟ

**ଜର୍ଜ ବୁରୁଚାଗା**

ଲୁସେଲ ଷ୍ଟାଡିୟମରେ ମେକ୍ସିକୋ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ପରେ ଆର୍ଜେଣ୍ଟିନାର ବିଶ୍ୱକପ୍ ଜିତିବା ସ୍ୱପ୍ନ ଉଜାଗର ହୋଇଛି। ମ୍ୟାଚରେ ଲିଓନେଲ ମେସି ଲତୁଆ ପ୍ରଦର୍ଶନ କରିଥିଲେ। ଦଳ ତରଫରୁ ସେ ପ୍ରଥମ ଗୋଲ୍ ସ୍କୋର କରିଥିଲେ, ପୁଣି ତାଙ୍କ ବାମ ଗୋଡ଼ରେ। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଏଞ୍ଜୋ ଫର୍ନାଣ୍ଡିଜଙ୍କ ଗୋଲ୍ ପରେ ଦଳର ବିଜୟ ନିଶ୍ଚିତ ହୋଇଥିଲା। ବର୍ତ୍ତମାନ ଦଳର ନଜର ପୋଲାଣ୍ଡ ଉପରେ। ସାଉଦି ଆରବ ବିପକ୍ଷ ଓପନିଂ ଗେମ୍‌ରେ ପରାଜିତ ହୋଇଥିବାରୁ ଆର୍ଜେଣ୍ଟିନା ପାଇଁ କର ଅବା ମର ସ୍ଥିତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦଳ ପାଇଁ ମେକ୍ସିକୋ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ଥିଲା। ଏହି ମ୍ୟାଚ ପାଇଁ ଦଳ ମାନସିକ ଚାପରେ ରହିଥିଲା। କାରଣ ଏହି ଦୁଇ ଦଳ ହେଉଛନ୍ତି ପୁରୁଣା ପ୍ରତିଦ୍ୱନ୍ଦ୍ୱୀ। ଉଭୟେ ଉଭୟଙ୍କର ବଳ ଓ ଦୋଷ ଦୁର୍ବଳତା ଭଲରୂପେ ଜାଣନ୍ତି। ମେକ୍ସିକୋର କୋଚ୍ ମାର୍ଟିନୋ ହେଉଛନ୍ତି ଆର୍ଜେଣ୍ଟିନାର। ମେସିଙ୍କୁ ସେ ବାଲ୍ୟକାଳରୁ ଦେଖି ଆସୁଛନ୍ତି। ଏହାପୂର୍ବରୁ ମେସି ଓ ଅନ୍ୟମାନଙ୍କୁ ସେ ଟ୍ରେନିଂ ମଧ୍ୟ ଦେଇଛନ୍ତି। ଆର୍ଜେଣ୍ଟିନାର ଖେଳ ଷ୍ଟାଇଲ, ଦଳର ସମ୍ବଳ ଓ ଦୁର୍ବଳତା ବିଷୟରେ ତାଙ୍କୁ ଜଣା। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ମେସି ଓ ତାଙ୍କ ଦଳ ବିଶ୍ୱକପ୍ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ତେବେ ଆର୍ଜେଣ୍ଟିନା ଦଳର ପ୍ରଦର୍ଶନ ଉପରେ ଯଦି ମୋତେ ପଚରାଯାଏ ସନ୍ତୋଷଜନକ ନୁହେଁ ବୋଲି ମୁଁ କହିବି। କହିବାକୁ ଗଲେ ଆରବ ବିପକ୍ଷରେ ଭଲ ଖେଳି ନ ପାରି ଆର୍ଜେଣ୍ଟିନା ପରାସ୍ତ ହୋଇଥିଲା। ମେକ୍ସିକୋ ବିପକ୍ଷରେ ମଧ୍ୟ ଆର୍ଜେଣ୍ଟିନା ଭଲ ଖେଳି ନ ଥିଲା। ମେସିଙ୍କ ପାଇଁ ପ୍ରଥମେ ପରିସ୍ଥିତି ଜଟିଳ ଥିଲା, କିନ୍ତୁ ପରେ ଭଲରେ ଶେଷ ହୋଇଥିଲା। ଚମତ୍କାର ରକ୍ଷଣାତ୍ମକ ଖେଳ ଏବଂ ମେସି ଓ ଏଞ୍ଜୋ ଫର୍ନାଣ୍ଡିଜଙ୍କ ଗୋଲ୍ ପାଇଁ ଧନ୍ୟବାଦ। ଆର୍ଜେଣ୍ଟିନା ଦଳର ରିଦିମ୍ ଅବା ଲୟର ଅଭାବ ଦେଖାଦେଇଥିଲା। ସେଥିପାଇଁ କୋଚ୍‌ଙ୍କୁ ଶେଷ ପର୍ଯ୍ୟନ୍ତ ଖେଳାଳି ଅଦଳବଦଳ କରିବାକୁ ପଡ଼ିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ମୋ ମତରେ ଟୁର୍ନାମେଣ୍ଟରେ ଆର୍ଜେଣ୍ଟିନା ଅନ୍ୟତମ ଫେଭରାଇଟ୍। ଆରବ ବିପକ୍ଷ ପ୍ରଥମ ମ୍ୟାଚ ଏକ ଖରାପ ସ୍ମୃତି ଥିଲା। କିନ୍ତୁ ଏଣିକି ପ୍ରଦର୍ଶନରେ ସୁଧାର ଆଣିବାକୁ ଦଳ ଆପ୍ରାଣ ଉଦ୍ୟମ କରିବ। ଦଳ ଅତିକମ୍‌ରେ ସେମିଫାଇନାଲରେ ପ୍ରବେଶ ଚାହିଁବ। ମେକ୍ସିକୋ ବିପକ୍ଷରେ ବିଜୟ ଦ୍ୱାରା ଦଳ ଆତ୍ମବିଶ୍ୱାସ ଫେରିପାଇଥିବ। ସ୍କୋଲାରିଙ୍କୁ ବହୁ ହୋମ୍‌ୱାର୍କ କରିବାକୁ ପଡ଼ିବ। ମେକ୍ସିକୋ ମ୍ୟାଚରେ ସମଗ୍ର ଆର୍ଜେଣ୍ଟିନା ଟିମ୍ ଟ୍ରେନିଂ ନେଇଥିବା ଦେଖି ମୋତେ ବହୁତ ଖୁସି ଲାଗିଲା। ଆଉ ଏକ ବିଶ୍ୱକପ୍ ଅଭିଯାନ ଆରମ୍ଭ ହୋଇଛି ବୋଲି ମେସି କହିବା ପରେ ସମସ୍ତେ କଥାକୁ ଦେହକୁ ନେଇଥିବା ଏହା ପ୍ରମାଣିତ କରୁଛି। ମୋର ଯାହା ମନେପଡୁଛି, ୧୯୮୬ ବିଶ୍ୱକପ୍‌ରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆର୍ଜେଣ୍ଟିନାକୁ ଫେଭରାଇଟ୍ ବିବେଚନା କରାଯାଉ ନ ଥିଲା। ପ୍ରଥମ ଗେମ୍‌ରେ ବିଜୟ, ଇଟାଲୀ ସହ ଡ୍ର ଏବଂ ବୁଲଗେରିଆକୁ ପରାଜିତ କରିବା ପରେ ଗ୍ରୁପ୍‌ର ଶୀର୍ଷରେ ରହିବା ଦ୍ୱାରା ଦଳକୁ ବଡ଼ ପ୍ରେରଣା ମିଳିଥିଲା। ଉରୁଗୁଏ ବିପକ୍ଷ ମ୍ୟାଚ ପାଇଁ ଏହା ଜରୁରୀ ଥିଲା। ପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳ ଷ୍ଟାଇଲ ସହ ଆମେ ଅଭ୍ୟସ୍ତ ଥିଲୁ। ମ୍ୟାଚରେ ମଧ୍ୟ ଆମେ ବିଜୟ ହାସଲ କଲୁ। ଇଂଲଣ୍ଡ ବିପକ୍ଷରେ ଆମେ କ୍ୱାର୍ଟରଫାଇନାଲ ଖେଳିଲୁ। ଆର୍ଜେଣ୍ଟିନା ଲୋକଙ୍କ ଲାଗି ଏହାଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗେମ୍। ଯଦି ତୁମେ ୭ଟି ଗେମ୍‌କୁ ନେଇ ଏକ ଛୋଟ ଟୁର୍ନାମେଣ୍ଟ ଜିତିବ ତେବେ ଫାଇନାଲ ଯିବା ସହ ଚାମ୍ପିୟନ ହେବା ଲାଗି ଏଥିରୁ ଦୃଢ ଆତ୍ମବିଶ୍ୱାସ ମିଳିବ। ସେହି ଆତ୍ମବିଶ୍ୱାସ ଫେରାଇ ଆଣିବା ବର୍ତ୍ତମାନ ମେସି ଓ ତାଙ୍କ ଟିମ୍‌ମେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ।

-(ଟିଭାକ୍‌ସ୍ପୋର୍ଟ୍ସ)


# Classified Everyday
0674-2580101, 2549949


REAL ESTATE

**SALE**

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

ଘରବାରୀ ପାଟେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165. D-2069

ଭୁବନେଶ୍ୱର-ନଖରା ଛକ ପାଖରେ ସଙ୍ଗେସଙ୍ଗେ ଘର କଲା ଭଳି SC plot ବିକ୍ରିହେବ। 9439832956. D-2093

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157




3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73898




Newly open Spa positively health benefit with expert. Contact: 7749976301. D-73899

Relax, Refresh your body, Mind at Saikrupa Spa with best therapies. 8984068077. D-2048

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ


**୰ଦେବାଶିଷ ସ୍ୱାଇଁ**
ନବିନାବାଗ, ଖୋର୍ଦ୍ଧା
ଆବିର୍ଭାବ: ୦୫।୧୦।୧୯୯୨
ତିରୋଧାନ: ୨୮।୧୧।୨୦୨୦
ଆଜି ତୋର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ। ଦେଖୁ ଦେଖୁ ଦୁଇବର୍ଷ ବିତିଗଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ବାପା, ମାଆ, ଭଉଣୀ ଓ ପରିବାର, ବନ୍ଧୁବର୍ଗ।
ଧ-୭୩୫୨୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ


**୰ସୁଦୀପ୍ତ କୁମାର ମହାନ୍ତି**
ଆବିର୍ଭାବ: ୨୬।୦୫।୧୯୬୮
ତିରୋଧାନ: ୦୮।୧୨।୨୦୨୧
ଟିମ ଭାଇ ଚାହୁଁ ଚାହୁଁ ବର୍ଷେ ବିତିଗଲା। ଭଗବାନ ତୁମକୁ ଶାନ୍ତିରେ ରଖନ୍ତୁ। ଆଜି ବି ତୁମକୁ ଚାହିଁ ରହିଛୁ କି ତୁମେ ଆସିବ।
ତୁମର ପ୍ରିୟ କୁନୁ, ଓମ୍, ଅନ୍ତୁ, ବୁବୁ, ଜିତ୍, ପରିବାରବର୍ଗ ଓ ସାଙ୍ଗସାଥୀ।
ଧ-୨୦୭୪

# ଭୋପାଳ ଗ୍ୟାସ୍ ଦୁର୍ଘଟଣା



ନିକୁଞ୍ଜ ବିହାରୀ ସାହୁ



୧୯୮୪ ମସିହା ଡିସେମ୍ବର ୨ ତାରିଖ, ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ସହରର ଏକ ଶୀତୁଆ ବିଳମ୍ବିତ ରାତ୍ରି। ଲୋକମାନେ ରେଜେଇ ଘୋଡ଼େଇ ଶୋଇ ପଡ଼ିଛନ୍ତି ନିଘୋଡ଼ ନିଦରେ। କିଏ ଜାଣିଥିଲା ଏହା ଭୋପାଳବାସୀଙ୍କ ପାଇଁ ଏକ କାଳରାତ୍ରି ହେବ ବୋଲି! ଏହିଦିନ ମଧ୍ୟରାତ୍ରରେ ସହରରେ ଏକ ରାସାୟନିକ କାରଖାନାରୁ ଅଚାନକ ଗୋଟିଏ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇ ଏକ ବିରାଟ ଦୁର୍ଘଟଣା ଘଟିଥିଲା। ସେହି କାଳରାତ୍ରିର କଥା ମନେ ପଡ଼ିଲେ ଏବେବି ଲୋମ ଟାଙ୍କୁରି ଉଠେ। ଏଥିରେ ସଙ୍ଗେସଙ୍ଗେ ୨୨୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲାବେଳେ ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ସମୁଦାୟ ମୃତ୍ୟୁସଂଖ୍ୟା ୧୦,୦୦୦ରୁ ଊର୍ଦ୍ଧ୍ୱ ହୋଇଥିଲା। ଏହି ଗ୍ୟାସ୍ ପ୍ରଭାବରେ ହଜାର ହଜାର ପଶୁପକ୍ଷୀ ମଧ୍ୟ ମୃତ୍ୟୁମୁଖରେ ପଡ଼ିଥିଲେ। ଏହା ବିଶ୍ୱର ସବୁଠାରୁ ଭୟାନକ ଶିଳ୍ପ ଦୁର୍ଘଟଣା ମଧ୍ୟରୁ ଅନ୍ୟତମ ଥିଲା। ସରକାର ଏହି ଘଟଣାକୁ ସ୍ମରଣୀୟ କରି ଶିଳ୍ପକ୍ଷେତ୍ରରେ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ଡିସେମ୍ବର ୨ ତାରିଖକୁ 'ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ' ରୂପେ ପାଳନ କରୁଛନ୍ତି।

**ଦୁର୍ଘଟଣାର କାରଣ:** ପୁରୁଣା ଭୋପାଳ ସହରରେ ଅବସ୍ଥିତ କୀଟନାଶକ ପଦାର୍ଥ ପ୍ରସ୍ତୁତ କରୁଥିବା ଏକ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ ୟୁନିୟନ କାର୍ବାଇଡ ଇଣ୍ଡିଆ ଲିମିଟେଡ (Union Carbide India Limited UCIL) ର ଏକ ଭୂତଳ ଗ୍ୟାସ୍ ଟାଙ୍କିରୁ ମିଥାଇଲ୍ ଆଇସୋସ୍ୟାନେଟ୍ (Methyl Isocyanate- MIC) ନାମକ ଏକ ଅତି ବିଷାକ୍ତ ଗ୍ୟାସର ନିର୍ଗମନ ଘଟିବାରୁ ଏହି ଦୁର୍ଘଟଣା ଘଟିଥିଲା। କମ୍ପାନୀର ଏହି କାରଖାନାକୁ ଘେରି ଘନ ଜନବସତି ରହିଥିଲା, ଯେଉଁ ବସ୍ତିରେ ବିଶେଷକରି ଗରିବ ଶ୍ରେଣୀର ଲୋକ ବାସ କରୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସେହି କାରଖାନାର ଶ୍ରମିକ। ସୁତରାଂ ଏହି ଲୋକମାନେ ସିଧାସଳଖ ଏହି ଗ୍ୟାସ ଦୁର୍ଘଟଣାର ଶିକାର ହୋଇଥିଲେ।

**ଦୁର୍ଘଟଣାର ଭୟାବହତା:** ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ବାୟୁଠାରୁ ଭାରିଥିବାରୁ ଏବଂ ଶୀତଦିନେ ବାୟୁପ୍ରବାହର ବେଗ କମ୍ ଥିବାରୁ ଏହି ଗ୍ୟାସ୍ ସଞ୍ଚାଳିତ ନ ହୋଇ ତଳେ ଜମି ଯାଇଥିଲା। ଏହି ଗ୍ୟାସ୍ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କ ପ୍ରଥମେ ଆଖି ଜଳାପୋଡ଼ା, ବାନ୍ତି ହେବା, ତଣ୍ଟି ପୋଡ଼ିବା ତଥା ଶ୍ୱାସରୁଦ୍ଧ ଭଳି ଲକ୍ଷଣମାନ ପ୍ରକାଶ ପାଇଥିଲା। ଲୋକେ ଏଥିରେ ଆତଙ୍କିତ ହୋଇ ଘର ଛାଡ଼ି ପଦାରେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ମାତ୍ର ପଦାରେ ଖୋଲା ସ୍ଥାନରେ ଗ୍ୟାସର ପ୍ରଭାବ ଅଧିକ ଥିବାରୁ ଲୋକମାନେ ବେଶି ମାତ୍ରାରେ ଏହି ଗ୍ୟାସର ସଂସ୍ପର୍ଶରେ ଆସିଥିଲେ। ଯେଉଁମାନେ ଘର ଭିତରେ କବାଟ ଝରକା ବନ୍ଦକରି ରହିଥିଲେ ସେମାନେ ଊଣା ଅଧିକେ ଗ୍ୟାସର ପ୍ରଭାବରୁ ବର୍ତ୍ତି ଯାଇଥିଲେ। କିନ୍ତୁ ବସ୍ତିରେ ଥିବା ଅଧିକାଂଶ ମାଟିଘରର କବାଟ ଝରକା ନ ଥିବାରୁ ଘର ଭିତରେ ରହିଯାଇଥିବା ଲୋକେ ମଧ୍ୟ ଏହି ଗ୍ୟାସର ଶିକାର ହୋଇଥିଲେ। ପୀଡ଼ିତ ଲୋକଙ୍କୁ ସହରସ୍ଥ ହମେଦିଆ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ହସପିଟାଲରେ ରୋଗୀଙ୍କ ସଂଖ୍ୟା ତାହାର କ୍ଷମତାଠାରୁ ଯଥେଷ୍ଟ ଟପି ଯାଇଥିଲା। ଡାକ୍ତରମାନେ ପୂର୍ବରୁ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସମ୍ପର୍କରେ ଆଦୌ ଶୁଣି ନ ଥିଲେ ଏବଂ ସେଥିପାଇଁ ଏହାର ଚିକିତ୍ସା ନିମନ୍ତେ ସେମାନଙ୍କ ପାଖରେ କୌଣସି ସଫଳ ଉପଚାର (Antidote) ନ ଥିଲା। ସେମାନେ କିଛି ରୋଗୀଙ୍କୁ କୃତ୍ରିମ ଶ୍ୱାସକ୍ରିୟା ନିମନ୍ତେ ଅକ୍ସିଜେନ୍ ଦେଇଥିଲେ। ମାତ୍ର ଅକ୍ସିଜେନ୍ ସହିତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସର ଅତି ମାରାତ୍ମକ ରାସାୟନିକ ପ୍ରତିକ୍ରିୟା ହୋଇଥିବାରୁ ଏହି ରୋଗୀଙ୍କ ଅବସ୍ଥା ଆହୁରି ଗୁରୁତର ହୋଇଥିଲା। ଫଳରେ ଲୋକେ ପୋକମାଛି ଭଳି ଝଡ଼ି ପଡ଼ିଥିଲେ। ସକାଳ ବେଳକୁ ରାସ୍ତାରେ ମଣିଷ ତଥା ବିଭିନ୍ନ ଜୀବଜନ୍ତୁ ଓ ଗୃହପାଳିତ ପଶୁ ଯଥା ଗୋରୁ, ଷଣ୍ଢ, ଛେଳି, ମେଣ୍ଢା, ଗଧ , ଘୋଡ଼ା ଓ ପକ୍ଷୀମାନଙ୍କ କୁଢ଼କୁଢ଼ ଶବ ଜମା ହୋଇଥିଲା। ଏପରିକି ଗଛଗୁଡ଼ିକର ପତ୍ର ଶୁଖି ଯାଇଥିଲା ଓ ପାଣିରେ ମାଛମାନେ ମଧ୍ୟ ମରିଯାଇଥିଲେ। ସରକାର ସଙ୍ଗେସଙ୍ଗେ ସେନାର ଟ୍ରକ୍ ଜରିଆରେ କୁଢ଼କୁଢ଼ ମଣିଷ ଶବକୁ ଉଠାଇ ଗାତ ଖୋଳି ମାଟିରେ ପୋତି ପକାଇଥିଲେ।

"୧୯୮୪ ଡିସେମ୍ବର ୨ରେ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଘଟିଥିଲା ଭୟାନକ ବିଷାକ୍ତ ଗ୍ୟାସ ଦୁର୍ଘଟଣା। ଏଥିରେ ପାଖାପାଖି ୧୦,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ଶିଳ୍ପ କ୍ଷେତ୍ରରେ ଘଟୁଥିବା ଏପରି ଦୁର୍ଘଟଣା ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଏହି ଦିବସକୁ ଆମ ଦେଶରେ 'ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି।"

**ପୃଷ୍ଠଭୂମି:** ଭାରତ ସରକାର ଦେଶରେ ରୋଗପୋକ ଦମନ କରି କୃଷି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ୧୯୬୯ ମସିହାରେ ଏକ ଆମେରିକୀୟ ରାସାୟନିକ କମ୍ପାନୀ 'ୟୁନିୟନ କାର୍ବାଇଡ କର୍ପୋରେଶନ'କୁ ମଧ୍ୟ ଭାରତର ସହର ଭୋପାଳଠାରେ ଏକ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି କାରଖାନା ଭୋପାଳର ଉତ୍ତରପୂର୍ବ ଦିଗରେ ପ୍ରାୟ ୧୭ ଏକର ପରିମିତ ଜମି ଉପରେ ପ୍ରତିଷ୍ଠିତ ଥିଲା ଯେଉଁଠାରେ ପ୍ରାୟ ୭୫୦ ଶ୍ରମିକ କାର୍ଯ୍ୟ କରୁଥିଲେ। ଏହି କମ୍ପାନୀ 'ମିଥାଇଲ୍ ଆଇସୋସ୍ୟାନେଟ୍' ଗ୍ୟାସକୁ ଏକ ମଧ୍ୟବର୍ତ୍ତୀ ଦ୍ରବ୍ୟ ହିସାବରେ ବ୍ୟବହାର କରି ସେଭିନ୍ (Sevin) ନାମକ ଏକ କୀଟନାଶକ ପଦାର୍ଥ (Pesticide) ପ୍ରସ୍ତୁତ କରୁଥିଲା। ପ୍ରଥମେ କମ୍ପାନୀ ଏହି ଗ୍ୟାସକୁ ବିଦେଶରୁ ଆମଦାନୀ କରୁଥିଲା। ମାତ୍ର ଉତ୍ପାଦର ଚାହିଦା ବୃଦ୍ଧି ପାଇବାରୁ କମ୍ପାନୀ ୧୯୭୯ ମସିହାରେ ଏହି ଗ୍ୟାସର ଆବଶ୍ୟକ ଉତ୍ପାଦନ ପାଇଁ ନିଜସ୍ୱ କାରଖାନାରେ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ସ୍ଥାପନ କରିଥିଲା। ଏଥିରେ ଦୁଇଟି ଅତି ବିଷାକ୍ତ ଗ୍ୟାସ୍ ଯଥା ମିଥାଇଲମାଇନ୍ (Methylmine) ଓ ଫସଜିନ୍ (Phosgene)ର ରାସାୟନିକ ପ୍ରତିକ୍ରିୟା ଘଟାଯାଇ ଏହି ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ପ୍ରସ୍ତୁତ କରାଯାଉଥିଲା। ଶେଷରେ ଏହି ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସହିତ '୧-ନାପଥୋଲ' ନାମକ ଆଉ ଗୋଟିଏ ବିଷାକ୍ତ ଗ୍ୟାସର ରାସାୟନିକ ପ୍ରତିକ୍ରିୟା ଘଟାଯାଇ କାର୍ବାରାଇଲ୍ (Carbaryl) ନାମକ କୀଟନାଶକ ପଦାର୍ଥ ପ୍ରସ୍ତୁତ କରାଯାଇ ବ୍ୟବସାୟିକ 'ସେଭିନ୍' ନାମରେ ବଜାରରେ ବିକ୍ରି କରାଯାଉଥିଲା। ଏହି କାରଖାନାରୁ ବାର୍ଷିକ ପ୍ରାୟ ୫୦୦୦ ଟନ୍ ସେଭିନ୍ ଉତ୍ପାଦନ ହେଉଥିଲା।

ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସକୁ ଉତ୍ପାଦନ ପରେ ଭଣ୍ଡାରଣ କରି ରଖିବା ପାଇଁ କାରଖାନା ପରିସରରେ କଂକ୍ରିଟରେ ଗଢ଼ା ପାଖାପାଖି ତିନୋଟି ଭୂତଳ ଟାଙ୍କି ନିର୍ମାଣ କରାଯାଇଥିଲା। ଏହି ତିନୋଟି ଟାଙ୍କିରେ ସମୁଦାୟ ୬୮,୦୦୦ ଲିଟର ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ ଗଚ୍ଛିତ ହୋଇ ରହିବାର ବ୍ୟବସ୍ଥା ଥିଲା। ନିୟମ ଅନୁସାରେ, ଏହି ଟାଙ୍କି ସବୁରେ ମାତ୍ର ଅର୍ଦ୍ଧେକ ଅଂଶ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସରେ ପୂର୍ଣ୍ଣ କରାଯାଉଥିଲା ଓ ବାକି ଅର୍ଦ୍ଧେକ ଅଂଶରୁ ବାୟୁ ଖାଲି କରାଯାଇ ନାଇଟ୍ରୋଜେନ୍ ଗ୍ୟାସ୍କୁ ଉଚ୍ଚ ଚାପରେ ଭର୍ତ୍ତି କରାଯାଉଥିଲା। ଏଥିପାଇଁ ଦୁଇଟି କାରଣ ଥିଲା : ପ୍ରଥମତଃ ବାୟୁରେ ଥିବା ଜଳୀୟବାଷ୍ପ ସହିତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସର ରାସାୟନିକ ପ୍ରତିକ୍ରିୟା ଅତି ବିସ୍ଫୋରକ ଥିଲା। ଦ୍ୱିତୀୟତଃ ଚାପଯୁକ୍ତ ନାଇଟ୍ରୋଜେନ୍ ଗ୍ୟାସ୍କୁ ବ୍ୟବହାର କରି ଟାଙ୍କିରୁ ସଞ୍ଚିତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍କୁ ମଧ୍ୟ ଆବଶ୍ୟକତା ଅନୁସାରେ ପଦାକୁ ନିର୍ଗତ କରି ବ୍ୟବହାର କରାଯାଇପାରୁଥିଲା। (କ୍ରମଶଃ...)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

## କ୍ୟାନ୍ସର ଚିହ୍ନଟ କରିବ ନୂଆ ଡିଭାଇସ୍



ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ଚିନ୍ତାର କାରଣ ସାଜିଥିବା କେତେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ କ୍ୟାନ୍ସର ଅନ୍ୟତମ। ଏହାକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଗଲେ ଏଥିରୁ ଅନେକାଂଶରେ ଆରୋଗ୍ୟ ଲାଭ କରାଯାଇପାରୁଛି। ହେଲେ ସମୟ ଗଡ଼ିଗଲେ ତାହା ଜୀବନନାଶକ ସାଜିଥାଏ। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ଏଭଳି ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି, ଯାହାଦ୍ୱାରା କ୍ୟାନ୍ସର ପରି ମାରାତ୍ମକ ରୋଗକୁ ନିରୂପଣ କରାଯାଇପାରିବ। ଏହାକୁ ସେମାନେ 'ଡି-୧୩' ନାମରେ ନାମିତ କରିଛନ୍ତି। ଉକ୍ତ ଡିଭାଇସ୍‌ରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ କ୍ୟାମେରା ସଂଯୋଗ କରାଯାଇଛି। ଏହି କ୍ୟାମେରା ଶରୀର ଭିତରେ କୋଷଗୁଡିକ (ସେଲ) ଫଟୋ ଉଠାଇବା ପରେ ବିଶେଷଜ୍ଞମାନେ ସେଗୁଡିକୁ ତର୍ଜମା କରି କ୍ୟାନସର ଆକ୍ରାନ୍ତ କୋଷକୁ ଚିହ୍ନଟ କରିଥାଆନ୍ତି। ପରୀକ୍ଷାମୂଳକ ଭାବରେ ଏହି ଡିଭାଇସ୍‌କୁ ପରୀକ୍ଷା କରି ସେଥିରୁ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବୃଦ୍ଧି ହେବ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସବୁବେଳେ ଦୃଢ଼ ରହିବା ଦରକାର। ନ ହେଲେ ଆମେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ହେଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା ହେଲା ସୁନିଦ୍ରା। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୬-୭ ଘଣ୍ଟା ଭଲ ଭାବରେ ଶୁଅନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ୍ ବର୍ଲିନର ବିଶେଷଜ୍ଞମାନେ ଏ ନେଇ ଗବେଷଣା କରି ଏ କଥା ଜାଣିପାରିଛନ୍ତି। ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ଶୋଇବା ଦ୍ୱାରା ତାଙ୍କ ଶରୀର ଭିତରେ ବିଭିନ୍ନ ପ୍ରକ୍ରିୟା ଠିକ୍ ଭାବରେ ହୋଇଥାଏ। ଫଳରେ ଜଣେ ବ୍ୟକ୍ତି କେତେକାଂଶରେ ନିଜକୁ ସୁସ୍ଥ ରଖିଥାନ୍ତି। କେବଳ ସେତିକି ନୁହେଁ, ଏହାସହ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଅଜୀର୍ଣ୍ଣ ସମସ୍ୟା ଥିଲେ...



ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ମନଲୋଭା ଖାଦ୍ୟ ଦେଖିଲେ ନିଜର ଲୋଭକୁ ନିୟନ୍ତ୍ରଣରେ ରଖିପାରନ୍ତି ନାହିଁ। ଫଳରେ ସେମାନେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାଆନ୍ତି। ଏହାଦ୍ୱାରା ଅଜୀର୍ଣ୍ଣ ଏବଂ ପେଟଜନିତ ସମସ୍ୟା ସୃଷ୍ଟି ହେଇଥାଏ। ଯଦି ଏହି ସମସ୍ୟା ଗୁରୁତର ଥାଏ ତେବେ ସଂପୃକ୍ତ ବ୍ୟକ୍ତିଙ୍କୁ ହସପିଟାଲରେ ଆଡମିଶନ କରି ଚିକିତ୍ସା କରାଇବାକୁ ପଡେ। ତେବେ ଏଭଳି କେତେକ ଉପାୟ ରହିଛି ଯାହାକୁ ଅନୁସରଣ କଲେ ଆପଣ ନିଜକୁ ଅଜୀର୍ଣ୍ଣ ସମସ୍ୟାଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ପ୍ରଥମେ କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଅନ୍ତୁ ନାହିଁ। ଚାପ କିମ୍ବା ଚିନ୍ତାଗ୍ରସ୍ତ ଥିବା ସମୟରେ ଖାଦ୍ୟ ନ ଖାଇବା ଭଲ। ଅଧିକ ଫ୍ୟାଟଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଖାଇବା ପରେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ। ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଖାଦ୍ୟ ଚୋବାଇବା ସମୟରେ ଆଦୌ କଥାବାର୍ତ୍ତା କରନ୍ତୁ ନାହିଁ। ପ୍ରତିଦିନ ୨-୩ ଲିଟର ପାଣି ପିଅନ୍ତୁ।

## ଭାତ: କିଛି କଥା



ଆମ ଦୈନନ୍ଦିନ ଖାଦ୍ୟର ପ୍ରମୁଖ ଖାଦ୍ୟ ହେଉଛି ଭାତ। ତେବେ ଏହାକୁ ନେଇ ଅନେକଙ୍କ ମନରେ କିଛି ଭ୍ରାନ୍ତ ଧାରଣା ରହିଛି। କେତେକେ ଭାବନ୍ତି ଯେ ଭାତ ଖାଇଲେ ମେଦବହୁଳତା ବଢ଼ିଥାଏ। କିନ୍ତୁ ବାସ୍ତବରେ ସେପରି କିଛି ଘଟି ନ ଥାଏ। ଭାତରେ ଫ୍ୟାଟ୍ ଅଂଶ କମ୍ ଥାଏ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଡ୍ ଏବଂ ଫାଇବର ରହିଛି, ଯାହା ଶରୀରକୁ ଶକ୍ତି ପ୍ରଦାନ କରେ। ଭାତ ମଧ୍ୟ କୋଲେଷ୍ଟରଲକୁ କେତେକାଂଶରେ ସନ୍ତୁଳିତ କରିରଖିଥାଏ। କେତେକ ବ୍ୟକ୍ତିଙ୍କ ମନରେ ଧାରଣା ଅଛି ଯେ, ଭାତରେ 'ଗ୍ଲୁଟୋନ୍' ନମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଆଲର୍ଜି ସୃଷ୍ଟି କରେ। ହେଲେ ଏଭଳି ଧାରଣା ଭୁଲ। କାରଣ ଏଭଳି ତତ୍ତ୍ୱ ଭାତରେ ଆଦୌ ନାହିଁ। ଯେଉଁଥିପାଇଁ ଅବସ୍ଥା ଦେଖି ଡାଇବେଟିସ୍ ରୋଗୀଙ୍କୁ ଅଳ୍ପ ଭାତ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। କେତେକ ଭାବନ୍ତି ଯେ ଭାତରେ ଆଦୌ ପ୍ରୋଟିନ୍ ନାହିଁ। ହେଲେ ଏଭଳି ଧାରଣା ଅମୂଳକ। ଏକ କପ୍ ଭାତରେ ୩-୪ଗ୍ରାମ୍ ପ୍ରୋଟିନ୍ ରହିଛି। ଭାତରେ ସୋଡିୟମ ଥିବାରୁ ଏହାକୁ ବ୍ଲଡପ୍ରେସର ରୋଗୀ ଖାଇବା ଠିକ୍ ନୁହେଁ। କିନ୍ତୁ ଏଭଳି ଧାରଣା ଠିକ୍ ନୁହେଁ। ଭାତରେ ଅଳ୍ପ ପରିମାଣର ସୋଡିୟମ ଅଛି, ଯାହାର କୌଣସି ଖରାପ ପ୍ରଭାବ ଶରୀର ଉପରେ ପଡି ନ ଥାଏ।

## ଦୈନନ୍ଦିନ ଜୀବନଶୈଳୀ ଓ ଟାଟୁ



ଆଜିକାଲି ଟାଟୁ କରିବା ଏକ ଫ୍ୟାଶନ ପାଲଟିଗଲାଣି। ବିଶେଷଭାବରେ ଯୁବପିଢ଼ି ଏହାକୁ ଆଦରି ନେଇଛନ୍ତି କହିଲେ ଆଦୌ ଭୁଲ ହେବ ନାହିଁ। କିନ୍ତୁ ଏହାର ପ୍ରଭାବ ଜଣେ ବ୍ୟକ୍ତିର ଜୀବନଶୈଳୀ ଉପରେ ପଡ଼ିବାର ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ଦୈନନ୍ଦିନ ଜୀବନଶୈଳୀ ଏବଂ ଟାଟୁ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏଥିରୁ ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସର୍ଭେ ସମୟରେ ଟାଟୁ କରିଥିବା ଯୁବପିଢ଼ିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଅନ୍ୟପକ୍ଷରେ ଏହି ସମୟ ଭିତରେ ସେମାନଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା ମଧ୍ୟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କ ଜୀବନଶୈଳୀ ଟାଟୁ ଯୋଗୁଁ ପ୍ରଭାବିତ ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କର ଆଚାର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ତେବେ ନିଜର ମାନସିକତାରେ ପରିବର୍ତ୍ତନ କଲେ ଟାଟୁ କରିଥିବା ଜଣେ ବ୍ୟକ୍ତି ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିପାରିବ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ବିଳମ୍ବରେ ଖାଦ୍ୟ ଖାଉଥିଲେ...

ଆମେ ଖାଦ୍ୟ ଖାଇବାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ରହିଛି। କେତେକଙ୍କଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ସକାଳ ଜଳଖିଆ ହେଉ କି ମଧ୍ୟାହ୍ନ ଭୋଜନ ଅବା ରାତ୍ରଭୋଜନ-ସବୁଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥାଏ। ଫଳରେ ସେମାନେ କିଛି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। କେତେକ ବ୍ୟକ୍ତି ବିଳମ୍ବିତ ରାତିରେ ଖାଇଥାଆନ୍ତି। ଏହା ତ ହଜମକ୍ରିୟାକୁ ପ୍ରଭାବିତ କରିଥାଏ, ତା'ସହ ସମ୍ପୃକ୍ତ ବ୍ୟକ୍ତିଙ୍କର କାର୍ଯ୍ୟଧାରାକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି। ଆବଶ୍ୟକ ସମୟଠାରୁ ଡେରିରେ ରାତ୍ରଭୋଜନ କରୁଥିବା କିଛି ବ୍ୟକ୍ତିଙ୍କର କାର୍ଯ୍ୟଧାରାକୁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଧାରା ଏଭଳି ଅଭ୍ୟାସ ଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା। ତେଣୁ ଆମେ ସବୁବେଳେ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଖାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

- ଖାଦ୍ୟ ଖାଇବା ସମୟରେ ନିଜ ଲୋଭକୁ ନିୟନ୍ତ୍ରଣ କରନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପରବର୍ତ୍ତୀ ସମୟରେ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିବ।
- ବୟସ ବଢ଼ିବା ସହ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। କାରଣ ଏହି ସମୟରେ କିଛି ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି।
- କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରିବା ଅପେକ୍ଷା ଅଭିଜ୍ଞ ଡାକ୍ତରଙ୍କ ସହ ଏ ନେଇ ପରାମର୍ଶ ନିଅନ୍ତୁ।
- ସବୁବେଳେ ଟେନ୍‌ସନ୍ ଏବଂ ଅବସାଦଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ସବୁବେଳେ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ସୁସ୍ଥ ରଖିଥାଏ।
- ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- କଦାପି ସୁଗାର କ୍ୟାଲୋରୀ ଡ୍ରିଙ୍କସ ପିଅନ୍ତୁ ନାହିଁ। କାରଣ ଏହା ଶରୀରରେ ଚର୍ବି ପରିମାଣ ବଢ଼ାଇବାରେ ସାହାଯ୍ୟ କରିଥାଏ।
- ଶରୀର ଭିତରେ ଯେପରି ଜଳୀୟ ଅଂଶ ପରିମାଣ ସବୁବେଳେ ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।





# ‘ବଡେ ମିଆଁ ଛୋଟେ ମିଆଁ’ରେ ମାନୁଷୀ

**ମୁମ୍ବାଇ:** ବଲିଉଡ୍‌ର ବେଶ୍ ଜଣାଶୁଣା ୨ ଅଭିନେତା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ ଖୁବ୍‌ଶୀଘ୍ର ଏକାଠି ନଜରକୁ ଆସିବେ। ଫିଲ୍ମ ନିର୍ଦ୍ଦେଶକ ଅଲି ଅବ୍ବାସ ଜାଫରଙ୍କ ମେଗା ବଜେଟ୍ ଫିଲ୍ମ ‘ବଡେ ମିଆଁ ଛୋଟେ ମିଆଁ’ରେ ଏହି ଦୁହିଁଙ୍କୁ ଦେଖିବାକୁ ମିଳିବ। ତେବେ ୨୦୧୭ର ମିସ୍ ୱାର୍ଲ୍ଡ ମାନୁଷୀ ଛିଲ୍ଲର ମୁଭିରେ ମୁଖ୍ୟ ନାୟିକା ଭୂମିକା ଗ୍ରହଣ କରିବେ। ପିଙ୍କଭିଲ୍ଲା ରିପୋର୍ଟ ଅନୁସାରେ, ବାସୁ ଏବଂ ଜ୍ୟାକି ଭାଗ୍ନାନୀଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରରେ ଏକ ଅନ୍ତର୍ଜାତୀୟ ଆକ୍ସନ ଟିମ୍ ରହିବେ। ଏହି ଚଳଚ୍ଚିତ୍ରକୁ ହିନ୍ଦୀ ସିନେମାର ସବୁଠୁ ବଡ ଆକ୍ସନ ଫିଲ୍ମ କରିବାକୁ ନିର୍ଦ୍ଦେଶକ ଯୋଜନା କରୁଛନ୍ତି। ଫିଲ୍ମରେ ୩ଜଣ ଲିଡ୍ ଅଭିନେତ୍ରୀ ଭୂମିକାରେ ନଜର ଆସିବେ। ତେବେ ମାନୁଷୀ ଛିଲ୍ଲରଙ୍କ ସହ ଜାହ୍ନବୀ କପୁର ମଧ୍ୟ ଅଭିନେତ୍ରୀ ଭାବେ ଚୟନ ହୋଇଛନ୍ତି। ସିନେମାଟି ଭାରତ, ୟୁରୋପ, ୟୁଏଇ ଆଦି ବିଭିନ୍ନ ଦେଶରେ ସୁଟିଂ ହେବାର ସୂଚନା ରହିଥିବାବେଳେ ଜାନୁୟାରୀ ୧୫ରେ ଏହାର ସୁଟିଂ ଆରମ୍ଭ ହେବ। ସିନେମାଟି ୨୫ ଡିସେମ୍ବର ୨୦୨୩ରେ ରିଲିଜ୍ ହେବାର ଯୋଜନା ରହିଛି। ଏମାନଙ୍କ ବ୍ୟତୀତ ଫିଲ୍ମରେ ମହେଶ ବାବୁ, ପ୍ରମୋଦ କୁମାର, ଅନମୋଲ ବକାୟା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ତେବେ ମାନୁଷୀ ଏହା ପୂର୍ବରୁ ଫିଲ୍ମ ‘ପୃଥ୍ୱୀରାଜ’ରେ ମୁଖ୍ୟ ନାୟିକା ଭାବରେ ନଜରକୁ ଆସିଥିଲେ।

# ଆର୍ଜେଣ୍ଟିନା ମହିଳାଙ୍କ ଦେହରେ ତ୍ରିରଙ୍ଗା

**ଦୋହା:** କାତାରରେ ହେଉଥିବା ଫିଫା ୱାର୍ଲ୍ଡ କପ୍‌ରେ ଆର୍ଜେଣ୍ଟିନାର ଲେଟି ଏସ୍‌ଟିଭେଜ୍ ନାମକ ଜଣେ ମହିଳା ଭାରତୀୟ ପତାକାକୁ ଦେହରେ ଗୁଡାଇ ହୋଇଥିବାବେଳେ କେରଳର ଜଣେ ଫୁଟବଲ୍‌ପ୍ରେମୀ ୟଦିଲ ଏମ୍ ଇକ୍‌ବାଲ୍ ଆର୍ଜେଣ୍ଟିନାର ପତାକାକୁ ଦେହରେ ଗୁଡାଇଥିବା ଇନ୍‌ଷ୍ଟାଗ୍ରାମ୍ ଭିଡିଓରେ ଦେଖିବାକୁ ମିଳିଛି। ମହିଳା ଜଣଙ୍କ କହିଥିଲେ, ଆର୍ଜେଣ୍ଟିନାର ଫୁଟବଲ୍ ମ୍ୟାଚ୍ ବେଳେ ସେ ଭାରତର ପତାକା ଦେଖିଛନ୍ତି, ଯାହାକୁ ଆର୍ଜେଣ୍ଟିନା ପ୍ରତି ଭାରତୀୟଙ୍କ ଭଲ ପାଇବା ସୂଚାଉଛି। ସେ ଭାରତୀୟକୁ ସ୍ୱାଗତ କରିବା ପାଇଁ ଭାରତର ପତାକାକୁ ଦେହରେ ଗୁଡାଇଥିବା କହିଛନ୍ତି। ଅନ୍ୟପଟେ ଇକ୍‌ବାଲ୍ ଫୁଟ୍‌ବଲ୍ ପ୍ରତି କେରଳର ଭଲ ପାଇବା ଦର୍ଶାଇବାକୁ ସେ ଏଭଳି କରିଥିବା କହିଛନ୍ତି।



ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା।
ବିଜୟ ଶଙ୍କର ଦାସ
ବିଧାୟକ
ତିର୍ତ୍ତୋଲ, ଜଗତ୍‌ସିଂହପୁର

ରବି ଋତୁରେ ଆଳୁ ଚାଷ, ପିଆଜ ଚାଷ, ହାଇବ୍ରିଡ ପନିପରିବା ଚାଷ, ଗେଣ୍ଡୁଫୁଲ ଚାଷ, ପାନଚାଷ ଓ ଅଣୁ ଜଳସେଚନ ପାଇଁ ନିକଟସ୍ଥ ଉଦ୍ୟାନ ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ।
ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ
କୃଷି ବିଭାଗ, ଜଗତ୍‌ସିଂହପୁର

ଅଭିନନ୍ଦନ
‘ଧରିତ୍ରୀ’ର ୪୯ତମ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା। ସତ୍ୟ ଓ ନିର୍ଭୀକ ଖବର ପ୍ରକାଶନ ପାଇଁ ‘ଧରିତ୍ରୀ’ ସବୁବେଳେ ଚର୍ଚ୍ଚାରେ। ବାଲେଶ୍ୱର ୧୭ ନଂ. ଜୋନ୍‌ର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ସୁଜାତା ରାଣୀ ଦଣ୍ଡପାଟ
ଜିଲାପରିଷଦ ସଭ୍ୟା, ୧୭ନଂ. ଜୋନ୍, ବସ୍ତା, ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀ ଓଡ଼ିଆ ଖବରକାଗଜର ୪୯ତମ ଜନ୍ମବାର୍ଷିକୀ ଅବସରରେ ନୀଳଗିରି ବ୍ଲକର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀ ଓ ନୀଳଗିରି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ପକ୍ଷରୁ ଧରିତ୍ରୀ ପରିବାରକୁ ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।
ଶୁଭଲକ୍ଷ୍ମୀ ମାଝୀ
ମଦନମୋହନ ମାଝୀ
ନୀଳଗିରି, ବାଲେଶ୍ୱର, ଧରିତ୍ରୀର ଶୁଭଚିନ୍ତକ

ଅଭିନନ୍ଦନ
ଓଡ଼ିଶାର ଅଗ୍ରଣୀ ଓ ନିରପେକ୍ଷ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ନୀଳଗିରି ମାଟିର ସନ୍ତାନ ସ୍ୱର୍ଗତ ଶିବାଶିଷ ଦ୍ୱିବେଦୀ (ବାପୁଲୁ)ଙ୍କ ପରିବାର ଓ ବନ୍ଧୁଜନଙ୍କ ପକ୍ଷରୁ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।
୰ ଶିବାଶିଷ ଦ୍ୱିବେଦୀ (ବାପୁଲୁ)
ମିରିଗିଣି, ନୀଳଗିରି, ବାଲେଶ୍ୱର, ଧରିତ୍ରୀର ଶୁଭଚିନ୍ତକ

‘ଧରିତ୍ରୀ’ର ସ୍ୱନକ୍ଷତ୍ର ଦିବସରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ନିମାଇଁ ଚରଣ ସିଂହ
ଜଗତ୍‌ସିଂହପୁର

‘ଧରିତ୍ରୀ’ର ପ୍ରତିଷ୍ଠା ଦିବସରେ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଅର୍ଚ୍ଚନା ସିଂହ
ଅଧ୍ୟକ୍ଷା, ଜଗତ୍‌ସିଂହପୁର ପୌରପରିଷଦ

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଆର୍ତ୍ତତ୍ରାଣ ପତି
ପରିଚାଳନା ପରିଷଦ ସଭାପତି, କଟକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିମିଟେଡ୍

ଅଭିନନ୍ଦନ
ଦେଶର ଅଗଣିତ ପାଠକ ଓ ପାଠିକାଙ୍କ ସ୍ନେହ ଓ ଭଲପାଇବାର ନିଚ୍ଛକ ପ୍ରଦର୍ଶନ ଯୋଗୁ ଧରିତ୍ରୀ ଆଜି ୪୯ ବର୍ଷରେ ପାଦ ଦେଇଛି ।
ଆଗକୁ ଏହା ଆହୁରି ଲୋକଙ୍କ ପାଇଁ କାମ କରୁ ଏବଂ ପବିତ୍ର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀକୁ ଢେର ସାରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ମାନବ ସେବା ହିଁ ମାଧବ ସେବା
ସମାଜସେବୀ ଉଦୟଜ୍ୟୋତି ମହାନ୍ତି (ବବୁଲା)
ନୀଳଗିରି,ବାଲେଶ୍ୱର, ଧରିତ୍ରୀର ଶୁଭଚିନ୍ତକ

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀ ଲୋକନାଥ ଶିକ୍ଷାଶ୍ରମ
ନିମିଡ଼ିହି, ପାରାଦୀପ

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସରେ ଜଗତ୍‌ସିଂହପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
କିଓରୱେଲ ହସ୍ପିଟାଲ
ମେଡିକାଲ ପାର୍ଶ୍ୱ, ପାଣିଶାଳିଆ, ଜଗତ୍‌ସିଂହପୁର

‘ଧରିତ୍ରୀ’ର ସ୍ୱନକ୍ଷତ୍ର ଦିବସରେ ଜଗତ୍‌ସିଂହପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ନଟବର ବାରିକ
ଜିଲା କଂଗ୍ରେସ ସଭାପତି, ଜଗତ୍‌ସିଂହପୁର

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରଶାନ୍ତ କୁମାର ମୁଦୁଲି
ଜଗତ୍‌ସିଂହପୁର ବିଧାୟକ ତଥା ରାଜ୍ୟ ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୨୮/୨୦୨୨ Sambalpur, Monday, November 28/ 2022

# ଏଥର ଖର୍ଚ୍ଚ ପରିମାଣ ୧୬ ଗୁଣା ଅଧିକ

**ଭୁବନେଶ୍ୱର, ୨୭।୧୧**

ଓଡ଼ିଶାରେ ଦ୍ୱିତୀୟଥର ପାଇଁ ହେବାକୁ ଯାଉଛି ହକି ବିଶ୍ୱକପ୍। ପୂର୍ବରୁ ୨୦୧୮ରେ ଏହା ଭୁବନେଶ୍ୱରରେ ସଫଳତାର ସହ ଆୟୋଜନ ହୋଇଥିଲା। ୨୦୨୩ ହକି ବିଶ୍ୱକପ୍ କିନ୍ତୁ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଏହା ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ସରକାର ଏଥିପାଇଁ ପାଖାପାଖି ୧,୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ, ଯାହା ୨୦୧୮ ହକି ବିଶ୍ୱକପ୍ ଖର୍ଚ୍ଚ ଅପେକ୍ଷା ୧୬ ଗୁଣା ଅଧିକ। ୨୦୧୮ ହକି ବିଶ୍ୱକପ୍ ପାଇଁ ୬୬.୯୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମାତ୍ର ଆଗାମୀ ବିଶ୍ୱକପ୍ ପାଇଁ ୧,୦୯୮.୪୦ କୋଟି ଖର୍ଚ୍ଚ ହେବ ବୋଲି ଜଣାଯାଇଛି।

୨୦୧୮ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ୨୦୨୩ ବିଶ୍ୱକପ୍ କଳିଙ୍ଗ ସମେତ ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଏବଂ ରାଉରକେଲା ସହର ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ୧,୦୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ରାଉରକେଲାରେ ନୂଆ ଷ୍ଟାଡିୟମ ନିର୍ମାଣ ପାଇଁ ସର୍ବାଧିକ ୮୭୫.୭୮ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆବାସ ଗୃହ ନିର୍ମାଣ ପାଇଁ ୮୪ କୋଟି, ରାଉରକେଲା ଆଖପାଖ ଅଞ୍ଚଳର ଉନ୍ନତୀକରଣ ଲାଗି ୧୦.୫୦ କୋଟି ଏବଂ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଇଲେକ୍ଟ୍ରିକାଲ କାର୍ଯ୍ୟ ନିମନ୍ତେ ୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।




ସେହିପରି ଉଭୟ ଭୁବନେଶ୍ୱର ଓ ରାଉରକେଲା ଷ୍ଟାଡିୟମରେ ସିନ୍ଥେଟିକ୍ ଟର୍ଫ ବିଛାଇବା ପାଇଁ ସରକାର ହକି ଇଣ୍ଡିଆକୁ ୧୭.୫୦ କୋଟି ଟଙ୍କା ଦେଇଛନ୍ତି। ଏହା ବ୍ୟତୀତ ଭେନ୍ୟୁ ମ୍ୟାନେଜ୍‌ମେଣ୍ଟ, ଆକୋମୋଡେଶନ, ଟ୍ରାନ୍ସପୋର୍ଟେଶନ ଏବଂ ମିଡିଆ ପବ୍ଲିସିଟି ଲାଗି ସରକାର ୭୫ କୋଟି ଟଙ୍କା ବ୍ୟୟ କରିବେ। ଏହା ବ୍ୟତୀତ ରାଉରକେଲାରେ ସୁଇମିଂ ପୁଲ୍‌ର ଉନ୍ନତୀକରଣ ପାଇଁ ୯.୧୫ କୋଟି, କଳିଙ୍ଗ ଷ୍ଟାଡିୟମରେ ଫ୍ଲଡ୍‌ଲାଇଟ୍ ଲାଗି ୫.୩୯ କୋଟି ଏବଂ ୱେଷ୍ଟ ଷ୍ଟାଣ୍ଡର ସମ୍ପ୍ରସାରଣ ପାଇଁ ୮ କୋଟି ଟଙ୍କା ବ୍ୟୟ ହେବ।

୨୦୧୮ରେ ଖର୍ଚ୍ଚ ହୋଇଥିବା ୬୬.୯୮ କୋଟି ମଧ୍ୟରୁ ଓଡ଼ିଶା ସରକାର ପ୍ରେଜେଣ୍ଟିଙ୍ଗ୍ ପାର୍ଟନର ରାଇଟ୍ସ ଫି' ବାବଦରେ ହକି ଇଣ୍ଡିଆ ଓ ଏଫ୍‌ଆଇଏଚ୍(ଅନ୍ତର୍ଜାତୀୟ ହକି ଫେଡେରେଶନ) ନିକଟରେ ୨୫ କୋଟି ଟଙ୍କା ଦାଖଲ କରିଥିଲେ। ଭେନ୍ୟୁ ଓ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ପାଇଁ ମାତ୍ର ୧୮.୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଅବଶିଷ୍ଟ ଅର୍ଥ ଟ୍ରାନ୍ସପୋର୍ଟେଶନ ଆକୋମୋଡେଶନ, ପବ୍ଲିସିଟି ଏବଂ ଅନ୍ୟ ବାବଦରେ ବ୍ୟୟ ହୋଇଥିଲା। ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହିଆସିଥିବା ଓଡ଼ିଶା ସରକାର ଆଗାମୀ ବିଶ୍ୱକପ୍‌କୁ ପୂର୍ବାପେକ୍ଷା ଅଧିକ ସ୍ମରଣୀୟ ଏବଂ ବଡ଼ ଆକାରରେ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିରେ ରାଜ୍ୟବ୍ୟାପୀ ଅନେକ ମେଗା ସ୍ପୋର୍ଟିଂ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ଯୋଜନା ରହିଛି।

# ଆଇଓଏର ସଭାପତି ହେବେ ପିଟି ଉଷା

**ନୂଆଦିଲ୍ଲୀ, ୨୭।୧୧(ପି.ଟି.)**

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ପ୍ରଥମ ମହିଳା ସଭାପତି ହେବାକୁ ଯାଉଛନ୍ତି କିମ୍ବଦନ୍ତୀ ଆଥ୍‌ଲେଟ୍ ପି.ଟି. ଉଷା। ଡିସେମ୍ବର ୧୦ରେ ହେବାକୁଥିବା ନିର୍ବାଚନରେ ଆଇଓଏ ସଭାପତି ପଦବୀ ପାଇଁ ସେ ଜଣେମାତ୍ର ପ୍ରାର୍ଥୀ ହୋଇଛନ୍ତି। ୫୮ ବର୍ଷୀୟା ଉଷା ହେଉଛନ୍ତି ଏକାଧିକ ସ୍ୱର୍ଣ୍ଣ ପଦକ ବିଜୟିନୀ। ଏହାସହ ସେ ୧୯୮୪ ଅଲିମ୍ପିକ୍ସ ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ରବିବାର ସେ ଓ ତାଙ୍କ ଅନୁଗତ ବିଭିନ୍ନ ପଦବୀ ପାଇଁ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆଇଓଏ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସ ଥିଲା ରବିବାର। ଆଇଓଏ ନିର୍ବାଚନର ରିଟର୍ନିଂ ଅଫିସର ଉମେଶ ସିହ୍ନାଙ୍କୁ ଶୁକ୍ରବାର କିମ୍ବା ଶନିବାର କୌଣସି ପ୍ରାର୍ଥିପତ୍ର ମିଳି ନ ଥିଲା। କିନ୍ତୁ ରବିବାର ବିଭିନ୍ନ ପଦବୀ ଲାଗି ୨୪ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉଷା ତାଙ୍କ ସମୟରେ ଜଣେ ଟପ୍ ସ୍ପ୍ରିଣ୍ଟର ଥିଲେ। ଆଇଓଏର ଆଥ୍‌ଲେଟିକ୍ସ କମିଶନ ଦ୍ୱାରା ନିର୍ବାଚିତ ୮ଜଣ ସ୍ପୋର୍ଟ୍ସ ପର୍ସନ ଅଫ୍ ଆଉଟଷ୍ଟାଣ୍ଡିଂ ମେରିଟ୍ (ଏସ୍‌ଓଏମ୍)ଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ଏହାଦ୍ୱାରା ସେ ଇଲେକ୍ଟୋରାଲ କଲେଜର ଜଣେ ସଦସ୍ୟ ହୋଇ ଯାଇଥିଲେ। ୯୫ ବର୍ଷର ଇତିହାସରେ ଜଣେ ପ୍ରଥମ ଅଲିମ୍ପିଆନ ଓ ପ୍ରଥମ ଅନ୍ତର୍ଜାତୀୟ ପଦକ ବିଜେତା ଆଇଓଏର ମୁଖ୍ୟ ହେବାକୁ ଯାଉଛନ୍ତି। ମହାରାଜ ଯାଦବିନ୍ଦ୍ରା ସିଂଙ୍କ ପରେ ଦେଶରୁ ପ୍ରତିନିଧିତ୍ୱ କରିଥିବା ପ୍ରଥମ କ୍ରୀଡ଼ାବିତ୍ ଭାବେ ଉଷା ଆଇଓଏର ମୁଖ୍ୟ ହେବାକୁ ଯାଉଛନ୍ତି। ଯାଦବିନ୍ଦ୍ରା ୧୯୩୪ରେ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସେ ୧୯୩୮ରୁ ୧୯୬୦ ମଧ୍ୟରେ ୩ଥର ଆଇଓଏ ସଭାପତି ହୋଇଛନ୍ତି।



# ହକି ସିରିଜ: ଭାରତର ଦ୍ୱିତୀୟ ପରାଜୟ

**ଆଡିଲେଡ୍, ୨୭।୧୧, (ପି.ଟି.):** ଅଷ୍ଟ୍ରେଲିଆ ଗସ୍ତରେ ରହିଥବା ଭାରତୀୟ ପୁରଷ ହକି ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛ। ରବିବାର ଖେଳା ଯାଇଥିବା ହାଇ ସ୍କୋରିଂ ମ୍ୟାଚକୁ ଭାରତ ୭-୪ରେ ହାରିଛି। ଭାରତୀୟ ଖେଳାଳି ମାନେ ଭଲ ପ୍ରଦର୍ଶନ କରିଥିବା ବେଳେ ବ୍ଲେକ୍ ଗୋଭର୍ସ ହ୍ୟାଟ୍ରିକ ସହିତ ଦଳକୁ ଜିତାଇଥିଲେ। ଅନ୍ତିମ କ୍ଷଣରେ ଗୋଲ ବରଣ କରିବାର ଦୁର୍ବଳତା ଭାରତ ପାଇଁ ମହଙ୍ଗା ପଡିଥିଲା। ଅନ୍ତିମ କ୍ୱାର୍ଟର ପୂର୍ବରୁ ଭାରତ ୪-୩ରେ ରେ ପଛୁଆ ରହିଥିଲା। ତେବେ ଅନ୍ତିମ କ୍ୱାର୍ଟରରେ ଦଳ ୩ ଗୋଲ ବରଣ କରିଥିଲା। ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ (୪,୬୦), ହାର୍ଦ୍ଦିକ୍ ସିଂ(୨୫) ଓ ମହମ୍ମଦ ରାହିଲ(୩୬ ମିନିଟ) ଗୋଲ କରିଥିଲେ। ବ୍ଲେକ୍ ଗୋଭର୍ସ(୧୨, ୨୭,୩୫), ୱେଲ୍ଟ (୧୭,୨୪), ଜେକ୍ ହ୍ୱେଟନ୍ (୪୯) ଓ ଜାକବ୍ ଆଣ୍ଡରସନ୍ (୪୮) ପ୍ରମୁଖ ଅଷ୍ଟ୍ରେଲିଆ ପାଇଁ ଗୋଲ ସ୍କୋର କରିଥିଲେ।

# ମୟଙ୍କ ଓ ସର୍ବେଶଙ୍କ ଶତକ


ମୟଙ୍କ ସାଣ୍ଡିଲ୍ୟ


ସର୍ବେଶ ରୋହିଲା

## କୁଚବିହାର ଟ୍ରଫି

■ ହରିୟାଣାର ୪୬୬ ରନ, ଓଡ଼ିଶା ବୋଲିଂ ବିଫଳ

**ସମ୍ବଲପୁର, ୨୭।୧୧(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ରବିବାର ଦ୍ୱିତୀୟ ଦିନ ଖେଳ ଶେଷ ହୋଇଛି। ହରିୟାଣା ଦଳର ଦୁଇଜଣ ଖେଳାଳି ଶତକ ଓ ତିନିଜଣ ଅର୍ଦ୍ଧଶତକ କରି ମ୍ୟାଚକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଓଡ଼ିଶା ଦଳ ବୋଲିଂରେ ବିଫଳ ହୋଇଥିଲା। ବ୍ୟାଟସ୍‌ମ୍ୟାନ ମୟଙ୍କ ସାଣ୍ଡିଲ୍ୟ ୧୯୪ ବଲରେ ୧୨୯ ରନ କରିଥିଲେ। ସେଥିରେ ୧୬ ଚୌକା ଓ ୪ ଛକ୍କା ରହିଛି। ସେହିପରି ସର୍ବେଶ ରୋହିଲା ୧୪୭ ବଲର ସାମ୍ନା କରି ୧୧୮ରନ ସହ ଅପରାଜିତ ରହିଛନ୍ତି। ସେଥିରେ ୧୨ ଚୌକା ଓ ୩ ଗୋଟି ଛକ୍କା ରହିଛି। ୟସବର୍ଦ୍ଧନ ଦଲାଲ ୧୧୦ ବଲରେ ୮୬ ରନ କରି ଅପରାଜିତ ଅଛନ୍ତି। ସାମନ୍ତ ଝାକର ୬୭ ବଲରେ ୫୦ ରନ ଓ ନିଶାନ୍ତ ସିନ୍ଧୁ ୧୦୦ ବଲରେ ୬୫ ରନ କରି ଦଳର ସ୍କୋର ବଢାଇଥିଲେ। ହରିୟାଣା ଦଳ ମୋଟ ୧୦୬ ଓଭରରେ ୫ ଉଇକେଟ ହରାଇ ୪୬୬ ରନ ସଂଗ୍ରହ କରିଥିଲା। ପ୍ରଥମ ଇନିଂସରେ ଓଡ଼ିଶା ଦଳ ୧୯୪ ରନ କରି ଅଲଆଉଟ ହୋଇଥିଲା। ପ୍ରଥମ ଇନିଂସ ଖେଳ ବାକି ରହିଥିବା ବେଳେ ଓଡିଶାଠାରୁ ହରିୟାଣା ଦଳ ୨୭୬ ରନ ଆଗରେ ରହିଛି। ଓଡିଶା ବୋଲର ସଞ୍ଜୟ ରାଉତରାୟ ୨୧ ଓଭରରେ ୨ ଉଇକେଟ ଏବଂ ରିତେଶ ପ୍ରିୟରଞ୍ଜନ, ସନ୍ଦିପ ମହାପାତ୍ର ଓ ଅଭିନବ ନନ୍ଦ ଗୋଟିଏ ଲେଖାଏ ଉଇକେଟ ନେବାରେ ସଫଳ ହୋଇଥିଲେ। ଆର୍ ସୁବ୍ରମନିୟମ ଆୟାର ଓ ଆର୍. ରାକେଶ ଅମ୍ପାୟାର ଓ ମ୍ୟୋମିତା ଚୌଧୁରୀ ମ୍ୟାଚ ରେଫରି ରହିଥିଲେ।

# ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ବାତିଲ

**ହାମିଲଟନ, ୨୭।୧୧(ପି.ଟି.):** ବର୍ଷା ଯୋଗୁ ଏଠାରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଅଧାରୁ ବାତିଲ କରାଯାଇଛି। ଖେଳ ବନ୍ଦ ରଖାଯିବା ବେଳକୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨.୫ ଓଭରରେ ୧ ଉଇକେଟ ହରାଇ ୮୯ ରନ୍ କରିଥିଲା। ଅଧିନାୟକ ଶିଖର ଧାୱନ ମାତ୍ର ୩ ରନ୍ କରି ଆଉଟ ହୋଇଥିବା ବେଳେ ଶୁବମନ ଗିଲ୍ ୪୨ ବଲ୍‌ରୁ ୪୫ ରନ୍ ଏବଂ ସୂର୍ଯ୍ୟକୁମାର ଯାଦବ ୨୫ ବଲ୍‌ରୁ ୩୪ ରନ୍ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟର ୮ ଓଭରରେ ୬୬ ରନ୍ ଯୋଗ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ